CMYK

- Vol.- 46, Issue No. 70
- Wednesday,10 June 2026
- ବୁଧବାର,୧୦ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ‖ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ‖

# ୭୫୫ ନୂତନ ପଦବୀ ମଞ୍ଜୁରି

### ଅଧ୍ୟାପକ ଅଭାବ ଦୂର ଓ ଡାକ୍ତରୀ ଶିକ୍ଷାରେ ଘଟିବ ଗୁଣାତ୍ମକ ମାନ ବୃଦ୍ଧି

### ସ୍ୱାସ୍ଥ୍ୟ କ୍ଷେତ୍ର ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା: ମୁକେଶ ମହାଲିଙ୍ଗ



ଭୁବନେଶ୍ୱର,୯ ।୬:ରାଜ୍ୟ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ପରିବର୍ତ୍ତନ ଆଣିବା ନିମିତ୍ତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସରକାର ମଙ୍ଗଳବାର ଗ୍ରହଣ କରିଛନ୍ତି। ରାଜ୍ୟ ସରକାର ସରକାରୀ ମେଡିକାଲ କଲେଜ ଏବଂ ସମ୍ପୃକ୍ତ ହସ୍ପିଟାଲଗୁଡ଼ିକରେ ୭୫୫ଟି ନୂତନ ପଦବୀ ମଞ୍ଜୁର କରିଛନ୍ତି। ଏହି ଐତିହାସିକ ନିଷ୍ପତ୍ତିର ଲକ୍ଷ୍ୟ ହେଉଛି ଅଧ୍ୟାପକ ଅଭାବକୁ ଦୂର କରିବା, ଡାକ୍ତରୀ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ଏବଂ ରାଜ୍ୟବ୍ୟାପୀ ରୋଗୀଙ୍କ ପାଇଁ ଦ୍ରୁତ, ଉଚ୍ଚମାନର ଚିକିତ୍ସା ସୁନିଶ୍ଚିତ କରିବା। ନୂତନ ଅନୁମୋଦିତ ପଦବୀଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ: ୭ ପ୍ରଫେସର, ୩୫ ସହଯୋଗୀ ପ୍ରଫେସର, ୫୦ସହକାରୀ ପ୍ରଫେସର, ୨୯ ଟ୍ୟୁଟର, ୨୪୮ ସିନିୟର ରେସିଡେଣ୍ଟ, ୧୯୦ ଜୁନିଅର ରେସିଡେଣ୍ଟ, ୧୧୨ କାଜୁଆଲିଟି ମେଡିକାଲ୍ ଅଫିସର ଓ ୮୪ ରକ୍ତଭଣ୍ଡାର ଅଧିକାରୀ। ପଦବୀ ପୂରଣ ହେବା ପରେ, ମେଡିକାଲ୍ ପ୍ରତିଷ୍ଠାନରେ ଶିକ୍ଷକ-ଛାତ୍ର ଅନୁପାତ ଏବଂ ଡାକ୍ତର-ରୋଗୀ ଅନୁପାତରେ ଉଲ୍ଲେଖନୀୟ ଉନ୍ନତି ଆସିପାରିବ। ଏଥିସହ ଉନ୍ନତ କ୍ଲିନିକାଲ୍ ତାଲିମ ଏବଂ ସତର୍କତାମୂଳକ ଏବଂ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକରେ ୨୪ ଘଣ୍ଟା ରୋଗୀ ସେବା ସମ୍ଭବ ହେବ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ନିଷ୍ପତ୍ତିକୁ ସ୍ୱାଗତ କରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ସ୍ୱାସ୍ଥ୍ୟ କ୍ଷେତ୍ର ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ଏହି ପଦକ୍ଷେପ ଡାକ୍ତରୀ ଶିକ୍ଷାର ମୂଳଦୁଆକୁ ମଜଭୁତ କରିବ ଏବଂ ଲୋକଙ୍କୁ ଉନ୍ନତ ଏବଂ ସମୟୋପଯୋଗୀ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ନିଶ୍ଚିତ କରିବ। ରାଜ୍ୟ ସମ୍ପ୍ରତି ଡାକ୍ତରୀ ଶିକ୍ଷା ଭିତ୍ତିଭୂମିକୁ ସଂପ୍ରସାରିତ କରିଥିବାରୁ ଏହି ଅନୁମୋଦନ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି। ତିନୋଟି ନୂତନ ମେଡିକାଲ କଲେଜ ୨୫୦ ଏମବିବିଏସ ସିଟ୍ ଯୋଡିଛି, ଯେତେବେଳେ ସ୍ନାତକୋତ୍ତର ସିଟ୍ ୬୮ କୁ ବୃଦ୍ଧି ପାଇଛି। ଏହି ସମ୍ପ୍ରସାରଣ ଅଧିକ ଅଧ୍ୟାପକ ଏବଂ ଆବାସିକ ଡାକ୍ତରଙ୍କ ଜରୁରୀ ଆବଶ୍ୟକତା ସୃଷ୍ଟି କରିଛି। ଏହି ନୂତନ ନିଯୁକ୍ତି ଅଭିଯାନ ଏକ ଅଭାବ ପୂରଣ କରିବାକୁ ଯାଉଛି।

# ମମତାଙ୍କ ଘରେ ପଶିଲା ସିଆଇଡ଼ି




କୋଲକାତା,୯ ।୬: ମଙ୍ଗଳବାର ପୂର୍ବତନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କାଳିଘାଟ ସ୍ଥିତ ବାସଭବନରେ ସିଆଇଡ଼ି ଚଢ଼ାଉ କରିଛି। ଏହାସହ ୩୦ବି ହରିଶ ଚାଟାର୍ଜୀ ଷ୍ଟ୍ରିଟ୍ ସ୍ଥିତ ତୃଣମୂଳ କଂଗ୍ରେସ କାର୍ଯ୍ୟାଳୟରେ ମଧ୍ୟ ପହଞ୍ଚିଛି ସିଆଇଡ଼ି।ତଥ୍ୟ ଅନୁସାରେ ଜାଲ୍ ଦସ୍ତଖତ ମାମଲାରେ ସିଆଇଡ଼ି ଦଳ ମମତା ବାନାର୍ଜୀଙ୍କ ବାସଭବରେ ଚଢ଼ାଉ କରିଛନ୍ତି। ନିର୍ବାଚନରେ ପରାଜୟ ପରେ ପଶ୍ଚିମବଙ୍ଗ ବିଧାନସଭାରେ ଦାଖଲ ହୋଇଥିବା ଏକ ସରକାରୀ କାଗଜପତ୍ରରେ ଅନେକ ବିଧାୟକଙ୍କ ଦସ୍ତଖତ ଜାଲ ହୋଇଥିବା ଅଭିଯୋଗ ହୋଇଥିଲା। ଖୋଦ୍ ତୃଣମୂଳ ବିଧାୟକଙ୍କ ପକ୍ଷରୁ ଅଭିଯୋଗ ମିଳିବା ପରେ ଏହି ମାମଲା ରୁଜୁ କରାଯାଇଥିଲା। ନିର୍ବାଚନରେ ପରାଜୟ ପରେ ବରିଷ୍ଠ ଟିଏମସି ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ବିରୋଧୀ ଦଳ ନେତା ଭାବେ ନିର୍ବାଚିତ କରିଥିଲା ଟିଏମସି। ୭୮ଜଣ ଟିଏମସି ବିଧାୟକଙ୍କ ଦସ୍ତଖତ ପତ୍ର ବାଚସ୍ପତିଙ୍କ ନିକଟରେ ମଧ୍ୟ ଦାଖଲ କରାଯାଇଥିଲା। ଯାହାକୁ ନେଇ ଅଭିଯୋଗ ଆଣିଥିଲେ ଟିଏମସି ବିଧାୟକ ରିତବ୍ରତ ବାନାର୍ଜୀ।ଯେଉଁ କାରଣରୁ ତାଙ୍କୁ ଦଳରୁ ନିଲମ୍ବନ କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ୬୦ ଜଣ ବିଧାୟକ ରିତବ୍ରତଙ୍କ ସହ ଯୋଗ ଦେଇ ଟିଏମସି ବିଧାୟକ ଦଳ ଭାଙ୍ଗିବା ସହ ରିତବ୍ରତଙ୍କୁ ବିରୋଧୀ ଦଳ ନେତା କରିଥିଲେ।

## ଦୀଘାରୁ ହଟିଲା 'ଧାମ' ଶବ୍ଦ



ପୁରୀ,୯ ।୬(ନିପ୍ର): କୋଲକାତାର ଦୀଘାଠାରେ ବିଗତ ସରକାର ଅମଳରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ହୋଇଥିଲା । ଏଥିରେ ପଥର ଓ କାଠରେ ଦୁଇ ସେଟ ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଉଥିଲେ । ଏହା ସହ ଜଗନ୍ନାଥ ଧାମ ଲେଖା ଯାଇ ଏହାର ବିରାଟ ବୋର୍ଡ ଲଗାଯାଇଥିଲା। ଏହାକୁ ନେଇ ଓଡ଼ିଶା ଓ କୋଲକାତାର ବିବାଦ ଲାଗିରହିଥିଲା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଧାମ ଶବ୍ଦ ଉଠାଇବା ପାଇଁ ଚିଠି ଲେଖିଥିଲେ । ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଧାମ ଶବ୍ଦ ହଟାଇବା ପାଇଁ ଘୋଷଣା କରିଛନ୍ତି। ଫଳରେ ବିଶ୍ୱବ୍ୟାପୀ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି । ଦୀଘା ଜଗନ୍ନାଥ ଧାମ ଲେଖା ଯାଇଥିଲା । ଏହାକୁ ଶ୍ରୀଜଗନ୍ନାଥ ମନ୍ଦିର ଦୀଘା ଲେଖିବା ପାଇଁ ପରାମର୍ଶ ଦିଆଯାଇଛି ।

## ଚଳଚ୍ଚିତ୍ର 'ମେହେର ମୁଣ୍ଡା' କରମୁକ୍ତ

ଭୁବନେଶ୍ୱର,୯ ।୬(ନିପ୍ର): ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ନିକୁଞ୍ଜ ହୋତାଙ୍କ ଦ୍ୱାରା ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଜି ଅନୁମୋଦନ କରିଛନ୍ତି । ସୂଚନାଯୋଗ୍ୟ ଯେ ଓଡ଼ିଶାର ହସ୍ତତନ୍ତ ବୁଣାକାର ସଂପ୍ରଦାୟଙ୍କ ଜୀବନ, ସଂଘର୍ଷ, ସହନଶୀଳତା ଓ ସଫଳତା ଉପରେ ଆଧାରିତ ଏହି ଚଳଚ୍ଚିତ୍ର ୨୦୨୬ ମେ ୧୫ ତାରିଖରେ ମୁକ୍ତିଲାଭ କରିଛି। ଓଡ଼ିଶାର ମହାନ ପାରମ୍ପରିକ ଐତିହ୍ୟ ଓ କାରିଗରୀ କୌଶଳକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ନିଚ୍ଛକ ଭାବେ ପ୍ରଦର୍ଶିତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଏହାକୁ କରମୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ଟ୍ରକ ଚାପାରେ ମାଆ, ଝିଅ ମୃତ



ବଲାଙ୍ଗିର,୯ ।୬(ନିପ୍ର): ବଲାଙ୍ଗିର ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗରପଡା ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ସ୍କୁଟି ଆରୋହୀ ମାଆ ଝିଅଙ୍କୁ ଚାପିଦେଲା ଏକ ଟ୍ରକ । ମାଆଙ୍କୁ ସ୍କୁଟିରେ ନେଇ ମଙ୍ଗଳବାର ସକାଳ ପ୍ରାୟ ସାଢେ ୬ଟା ସମୟରେ ହସ୍ପିଟାଲ ଛାଡିବାକୁ ଯାଉଥିବା ବେଳେ ଘଟିଛି ଦୁର୍ଘଟଣା । ମୃତକ ହେଲେ ତାଳପାଲିପଡାର ସୁନିତା ନାଗ ଓ ଝିଅ ଶ୍ରୁତି ନାଗ । ସୁନିତା ନାଗ ଏକ ଘରୋଇ ହସ୍ପିଟାଲରେ କର୍ମଚାରୀ ଥିଲେ । ଶ୍ରୁତି ମାଆଙ୍କୁ ହସ୍ପିଟାଲ ଛାଡି ଯାଉଥିବା ବେଳେ ଦୁର୍ଘଟଣା ଘଟାଇ ଟ୍ରକ୍ ଫେରାର ହୋଇଯାଇଥିଲା, ପରେ ଏହା ଧରାପଡ଼ିଛି । ଘଟଣାସ୍ଥଳରେ ଟାଉନ୍ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ୩୫ ହସ୍ପିଟାଲ୍‌କୁ ସ୍ୱାସ୍ଥ୍ୟ ବିଭାଗର ନୋଟିସ୍

ଭୁବନେଶ୍ୱର,୯ ।୬: ରାଜ୍ୟର ୩୫ଟି ହସ୍ପିଟାଲ୍‌କୁ ସ୍ୱାସ୍ଥ୍ୟ ବିଭାଗର ନୋଟିସ୍ । ଏମ୍ସ ଭୁବନେଶ୍ୱର ସମେତ ୩୫ଟି ହସ୍ପିଟାଲକୁ କାରଣ ଦର୍ଶାଅ ନୋଟିସ୍ କରିଛି ଷ୍ଟେଟ୍ ହେଲ୍‌ଥ ଆସ୍ୟୁରାନ୍ସ ସୋସାଇଟି । ଅଗ୍ନି ନିରାପତ୍ତା ପ୍ରମାଣପତ୍ର ବୈଧତା ସରିଯାଇଥିବାରୁ ଏବଂ ଏହାର ନବୀକରଣ କରାଯାଇନଥିବାରୁ ନୋଟିସ୍ କରାଯାଇଛି । ୫ଦିନ ଭିତରେ ନବୀକରଣ ପ୍ରମାଣପତ୍ର ଦାଖଲ ନ କଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଇଛି ।

## ବୃଦ୍ଧାଙ୍କୁ ନିଜ ଗାଡ଼ିରେ ଘରେ ଛାଡ଼ିଲେ ବିଡିଓ



ନବରଙ୍ଗପୁର,୯ ।୬(ନିପ୍ର): ଅଫିସର ହେବ ତ ଏମିତି ହେବ । ଅସହାୟ, ଗରିବଙ୍କୁ ଦେଖି ଯିଏ, ତୁରନ୍ତ ବଢ଼ାଉଥିବ ସାହାଯ୍ୟର ହାତ । ଏମିତି ଜଣେ ସରକାରୀ ଅଧିକାରୀଙ୍କ କାର୍ଯ୍ୟ ଏବେ ବିଭିନ୍ନ ମହଲରୁ ଚର୍ଚ୍ଚା ସାଉଁଟିଛି । ରାସ୍ତାରେ ଚାଲି ଚାଲି ଯାଉଥିବା ବୃଦ୍ଧାଙ୍କୁ ନିଜ ଗାଡ଼ିରେ ବସାଇ ଘରେ ନେଇ ଛାଡଛନ୍ତି ଜଣେ ବିଡିଓ । ଏହାସହ ତାଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି । ନବରଙ୍ଗପୁର ଜିଲ୍ଲାରୁ ଆସିଛି ଏମିତି ଏକ ଭିଡିଓ । ପ୍ରଚଣ୍ଡ ଖରାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ତେନ୍ତୁଳିଖୁଣ୍ଟି ଆସିଥିଲେ ଗୌଡ଼ଗୁଡା ଗାଁର ବୃଦ୍ଧା ସୁନାଦେଈ ବାଘ । ଆଉ ୩ କିମି ଦୂର ନିଜ ଗାଁକୁ ଚାଲି ଚାଲି ଫେରୁଥିଲେ । ଅଣ୍ଟା ନଇଁଯାଇଛି । ଥରି ଥରି ଚାଲୁଛନ୍ତି । ଅସହାୟ ବୃଦ୍ଧାଙ୍କୁ ଦେଖି ଗାଡ଼ି ଅଟକାଇଥିଲେ ବିଡିଓ । ନିଜ ଗାଡ଼ିରେ ବସାଇ ଘରେ ନେଇ ଛାଡିଛନ୍ତି ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ । କେବଳ ସେତିକି ନୁହେଁ ବୃଦ୍ଧା ସୁନାଦେଈଙ୍କୁ ସରକାରୀ ସୁବିଧା ସବୁ ମିଳୁଛି କି ନାହିଁ ପଚାରି ବୁଝିଥିଲେ । ଏହାସହ ସୁନାଦେଈଙ୍କ ପାଇଁ ଏକ ହୁଇଲ୍ ଚେୟାର ଯୋଗାଇ ଦେବାକୁ ବିଏସ୍ଏସଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିଡିଓ ଶ୍ରୀ ପାଣିଗ୍ରାହୀ । ବିଡିଓଙ୍କ ଏଭଳି ବଦାନ୍ୟତା ହୃଦୟ ଜିଣିନେଇଛି ।

## ଗୃହରକ୍ଷୀଙ୍କ ଦୈନିକ ଭତ୍ତା ବୃଦ୍ଧି

### ୬୩୯ରୁ ହେଲା ୬୫୦ ଟଙ୍କା

ଭୁବନେଶ୍ୱର,୯ ।୬(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଗୃହରକ୍ଷୀମାନଙ୍କ ଦୈନିକ ଭତ୍ତା (ଡିସିଏ) ୬୩୯ ଟଙ୍କାରୁ ୬୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତ ଭତ୍ତା ୨୦୨୬ ଜାନୁଆରୀ ୧ ତାରିଖରୁ ଲାଗୁ ହେବ। ସୂଚନାଯୋଗ୍ୟ ଯେ, ୨୦୨୫ ଜୁଲାଇ ପହିଲାରେ ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୬୨୩ରୁ ୬୩୯ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଇତିମଧ୍ୟରେ ରାଜ୍ୟ ସରକାରଙ୍କ ନିୟମିତ କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ଅତିରିକ୍ତ ମହଙ୍ଗା ଭତ୍ତା ୨୦୨୬ ଜାନୁଆରୀ ପହିଲାରୁ ବୃଦ୍ଧି କରିଛନ୍ତି । ଏସବୁକୁ ଦୃଷ୍ଟିରେ ରଖି ଗୃହରକ୍ଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

## ନେଉଥିଲେ ଲାଞ୍ଚ, କାବୁ କଲା ଭିଜିଲାନ୍ସ



କଟକ,୯ ।୬: ଫାର୍ମାସି ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ପ୍ରଦାନ ପାଇଁ ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରା ପଡିଲେ ଭିଜିଲାନ୍ସ ଓଡ଼ିଶା ଫାର୍ମାସି କାଉନସିଲ୍‌ର ଜଣେ ବରିଷ୍ଠ ସହାୟକ ଏବଂ ତାଙ୍କର ଜଣେ ବେସରକାରୀ ସହଯୋଗୀ। ଗିରଫ ହୋଇଥିବା କର୍ମଚାରୀ ବିଶ୍ୱମୋହନ ପଟ୍ଟନାୟକ ଓ ତାଙ୍କ ସହଯୋଗୀ ମହମ୍ମଦ ଇଜାଜ ଖାନ । ଜଣେ ଆବେଦନକାରୀଙ୍କ ଫାର୍ମାସି ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ପାଇଁ ଫାଇଲ ଯାଞ୍ଚ କରିବା ଏବଂ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ନିମନ୍ତେ ବିଶ୍ୱମୋହନ ପଟ୍ଟନାୟକ ୯ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଅଭିଯୋଗକାରୀ ଗତ ଏକ ସପ୍ତାହ ଧରି ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ପାଇଁ କାଉନସିଲ୍ କାର୍ଯ୍ୟାଳୟକୁ ଦୌଡୁଥିଲେ। ମାତ୍ର ଲାଞ୍ଚ ନଦେଲେ କାମ ହେବ ନାହିଁ ବୋଲି ଅଭିଯୁକ୍ତ କହିଥିବା ଅଭିଯୋଗ ହୋଇଛି । ଗତକାଲି ଆବେଦନକାରୀ ଭୁବନେଶ୍ୱରସ୍ଥିତ ଫାର୍ମାସି କାଉନସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବିଶ୍ୱମୋହନ ପଟ୍ଟନାୟକ ପୁଣି ଲାଞ୍ଚ ଦାବି କରି ଟଙ୍କା ତାଙ୍କ ସହଯୋଗୀ ଇଜାଜ୍ ଖାନଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ଅନୁଯାୟୀ ଭିଜିଲାନ୍ସ ଟିମ୍ ଉଭୟ ଅଭିଯୁକ୍ତଙ୍କୁ ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କାବୁ କରିଥିଲା।

# ୧୨ ବର୍ଷ ଧରି ଶାସନ ଡୋରି

- ★ ମୋଦି ସରକାରଙ୍କ ତୃତୀୟ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି
- ★ ସଫଳତା ବଖାଣିଲେ ମୋହନ
- ★ ବିକାଶ ସୁଦୂରପ୍ରସାରୀ ପ୍ରକ୍ରିୟା
- ★ ନୂତନ ଜାତୀୟ କୀର୍ତ୍ତିମାନ ସ୍ଥାପନ
- ★ ଶାସନମୁଖ୍ୟ ଭାବେ ସର୍ବାଧିକ ୪,୩୯୯ ଦିନ
- ★ ଜୁନ୍ ୯ ଯୁଗାନ୍ତକାରୀ ଦିବସ
- ★ ଓଡ଼ିଶାର ପ୍ରଗତି ରଥ ଅପ୍ରତିହତ



ଭୁବନେଶ୍ୱର, ୯ ।୬(ନିପ୍ର): କେନ୍ଦ୍ରରେ ମୋଦି ସରକାରଙ୍କ ୧୨ ବର୍ଷ ଏବଂ ତୃତୀୟ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ କନଭେନ ସେଣ୍ଟରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଜୁନ୍ ୯ ତାରିଖ ହେଉଛି ଆମ ଦେଶର ଗଣତାନ୍ତ୍ରିକ ଇତିହାସରେ ଏକ ସ୍ୱର୍ଣ୍ଣିମ, ଯୁଗାନ୍ତକାରୀ ତଥା ଅଭୂତପୂର୍ବ ଦିବସ। ୨୦୨୪ ମସିହା ଆଜିର ଦିନରେ ହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ କ୍ରମାଗତ ଭାବେ ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରି ଶାସନ ଭାର ସମ୍ଭାଳିଥିଲେ। ଆଜି କେନ୍ଦ୍ର ସରକାରଙ୍କ ନିରନ୍ତର, ସ୍ୱଚ୍ଛ ସେବା, ସୁଦୃଢ଼ ସୁଶାସନ ଓ ବ୍ୟାପକ ଗରିବ କଲ୍ୟାଣର ଅଭିଯାତ୍ରାର ୧୨ ବର୍ଷ ଏବଂ ତୃତୀୟ ପାଳିର ଦୁଇଟି ଅସାଧାରଣ, ସଫଳ ବର୍ଷ ପୂର୍ଣ୍ଣ ହୋଇଛି। ସବୁଠାରୁ ଗୌରବମୟ କଥା ହେଉଛି, ଆସନ୍ତାକାଲି ମୋଦୀଜୀ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଶାସନମୁଖ୍ୟ ଭାବେ ସର୍ବାଧିକ ସମୟ (୪,୩୯୯ ଦିନ) ସେବା କରିବାର ଏକ ଅଭୂତପୂର୍ବ, ନୂତନ ଜାତୀୟ କୀର୍ତ୍ତିମାନ ସ୍ଥାପନ କରିବାକୁ ଯାଉଛନ୍ତି। ବିଗତ ଦୁଇ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱ ଅନେକ ଭୂ-ରାଜନୈତିକ ଅସ୍ଥିରତା ଓ ଆହ୍ୱାନର ସମ୍ମୁଖୀନ ହୋଇଛି। କିନ୍ତୁ ମୋଦୀଜୀଙ୍କ ସଂକଳ୍ପବଦ୍ଧ ନେତୃତ୍ୱ ଯୋଗୁଁ ଭାରତର ବିକାଶ ରଥ ଅଟକି ନାହିଁ। ୨୦୨୦ର କୋଭିଡ୍ ମହାମାରୀ ସମୟରେ, ଯେତେବେଳେ ସାରା ବିଶ୍ୱର ଅର୍ଥନୀତି ଭାଙ୍ଗି ପଡ଼ିଥିଲା, ସେତେବେଳେ ଭାରତ ସ୍ୱଦେଶୀ ଭ୍ୟାକ୍ସିନ୍ ପ୍ରସ୍ତୁତ କରି ଜୁଲାଇ ୨୦୨୨ ସୁଦ୍ଧା ୨୦୦ କୋଟିରୁ ଅଧିକ ଡୋଜ୍‌ର ମାଗଣା ଟିକାକରଣ କରି ବିଶ୍ୱ ରେକର୍ଡ କରିଥିଲା। ମୋଦୀଜୀଙ୍କ ଦୂରଦୃଷ୍ଟି ଯୋଗୁଁ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ୭.୭ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରିଛି। ମୋଦୀ ସରକାରଙ୍କ ଏହି ସ୍ପଷ୍ଟ ନୀତି ଯୋଗୁଁ ଆଜି ଶତ୍ରୁ ଦେଶ ଭାରତ ବିରୋଧରେ କୌଣସି ଦୁଃସାହସ କରିବା ପୂର୍ବରୁ ୧୦ ଥର ଭାବୁଛି। 'ଅପରେସନ ସିନ୍ଦୂର' ଏହାର ସବୁଠାରୁ ବଡ଼ ଉଦାହରଣ। ଭାରତ ଆଜି ଉଭୟ ଉର୍ଜା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେଉଛି। ଯେଉଁ ଲକ୍ଷ୍ୟ ୨୦୩୦ ସୁଦ୍ଧା ହାସଲ ହେବାର ଥିଲା, ତାହାକୁ ଆମେ ୫ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୫ ସୁଦ୍ଧା ହାସଲ କରିଛୁ। ଦେଶର ସମୁଦାୟ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ୫୦ ପ୍ରତିଶତରୁ ଅଧିକ (ପ୍ରାୟ ୨୬୭ ଗିଗା-ୱାଟ୍) ଏବେ ସୌର ଓ ବାୟୁ ଶକ୍ତି ଭଳି ଅକ୍ଷୟ ଶକ୍ତିରୁ ଆସୁଛି। ପେଟ୍ରୋଲିୟମ୍ ଆମଦାନି ପାଇଁ ପୂର୍ବରୁ ଆମେ ୨୭ଟି ଦେଶ ଉପରେ ନିର୍ଭର କରୁଥିବା ବେଳେ ଏବେ ୪୦ଟି ରାଷ୍ଟ୍ରରୁ ଆମଦାନି କରି ଆମର ରିସ୍କ କମ୍ କରିଛୁ। ନିକଟରେ ୟୁଏଇ ସହ ହୋଇଥିବା ଚୁକ୍ତି ଅନୁଯାୟୀ, ଭାରତର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ପାଇଁ ୩୦ ମିଲିୟନ ବ୍ୟାରେଲ୍ କ୍ରୁଡ୍ ଅଏଲ୍ ସଞ୍ଚୟ କରାଯିବ, ଯାହାର ଏକ ବଡ଼ ଅଂଶ ଆମ ଓଡ଼ିଶାର ଚଣ୍ଡିଖୋଲଠାରେ ସଂରକ୍ଷିତ ରହିବ। ସେମିକଣ୍ଡକ୍ଟର ଚିପ୍ ମେସିନ୍ ନିର୍ମାଣ କରୁଥିବା ବିଶ୍ୱପ୍ରସିଦ୍ଧ କମ୍ପାନୀ ଏମଏସଏମଏଲ (ନେଦରଲ୍ୟାଣ୍ଡ) ସହ ଭାରତର ବୁଝାମଣା ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ବଡ଼ ସଫଳତା। ମୋଦୀଜୀଙ୍କ ଏହି ୧୨ ବର୍ଷ ହେଉଛି – "ଏଜ୍ ଅଫ୍ ଆବସିଲ୍ୟୁଟ୍ ଟ୍ରାନ୍ସଫରମେସନ୍ " ବା ପୂର୍ଣ୍ଣ ରୂପାନ୍ତରଣର ଯୁଗ। ଆମର ସବୁଠାରୁ ବଡ଼ ସଫଳତା ହେଉଛି, ଆମେ ଆଉ ଲୋକାଲି (ସ୍ଥାନୀୟ) ଚିନ୍ତା ନକରି ଗ୍ଲୋବାଲି (ବିଶ୍ୱସ୍ତରୀୟ) ଚିନ୍ତା କରୁଛୁ ।ବିକାଶ ଏକ ସାମୟିକ ସଫଳତା ନୁହେଁ, ବରଂ ଏହା ଏକ ନିରନ୍ତର, ସଂକଳ୍ପବଦ୍ଧ ତଥା ସୁଦୂରପ୍ରସାରୀ ପ୍ରକ୍ରିୟା। ବିକାଶର ୧୨ ବର୍ଷ ପୂର୍ତ୍ତି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି, ଅଙ୍ଗ-ବଙ୍ଗ-କଳିଙ୍ଗ କଥା ଇତିହାସରେ ଲେଖା ରହିଛି । ଯାହା ପଶ୍ଚିମବଙ୍ଗ ନିର୍ବାଚନ ପରେ ସାମ୍ନାକୁ ଆସିଲା । ପୂର୍ବରୁ ମଧ୍ୟ କାର୍ଯ୍ୟ ହୋଇଛି କିନ୍ତୁ ଗତ ୧୨ ବର୍ଷରେ ସ୍ପିଡ୍ ଆଉ ସ୍କେଲ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି । ୨୦୧୪ ପରେ ୨ ଟ୍ରିଲିୟନ ଇକୋନୋମୀ ରୁ ୫ ଟ୍ରିଲିୟନ ଯାଏଁ ପହଞ୍ଚିବାକୁ ଯାଉଛି । ଦେଶର ଜିଡିପି କଣ୍ଟ୍ରୋଲରେ ରହିଛି । ସୁଷମା ସ୍ୱରାଜ ମନ୍ତ୍ରୀ ଥିବା ସମୟରେ 'ମଦଦ' ନାଁ ରେ ଏକ ପୋର୍ଟାଲ ଖୋଲାଯାଇଥିଲା । ଫଳରେ ବିଦେଶରେ ଫସିଥିବା ଭାରତୀୟଙ୍କୁ ସାହାଯ୍ୟ ସହଯୋଗ ମିଳିପାରୁଛି । ଏହାକୁ 'ଇଜ୍ ଅଫ୍ ଲିଭିଙ୍ଗ' କୁହାଯାଏ । ଯାହା କେବଳ ମୋଦି ସରକାରଙ୍କ କାଳଖଣ୍ଡରେ ସମ୍ଭବ ହୋଇପାରିଛି ।

CMYK

# ଶ୍ରୀରାମଙ୍କ ପ୍ରତିମୂର୍ତ୍ତି

ପ୍ରଭୁ ଶ୍ରୀରାମଙ୍କ ପ୍ରତି ବିଶ୍ୱାସ କେବଳ ଭାରତରେ ସୀମିତ ନୁହେଁ, ବରଂ ସାରା ବିଶ୍ୱରେ ବିସ୍ତାରିତ । ମର୍ଯ୍ୟଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ଅନେକ ଦେଶରେ କେବଳ ବିଶ୍ୱାସର ପ୍ରତୀକ ନୁହେଁ ବରଂ ଧାର୍ମିକ ଭକ୍ତିର ପ୍ରତୀକ ହୋଇ ରହିଛି ମଧ୍ୟ। ଏହି ପ୍ରତିମୂର୍ତ୍ତି ଗୁଡ଼ିକୁ ଭାରତୀୟ ସଂସ୍କୃତି ଏବଂ ସଭ୍ୟତାର ପରିଚୟ ମଧ୍ୟ ବିବେଚନା କରାଯାଏ। ଆକର୍ଷଣୀୟ କଥା ହେଉଛି ଏହି ପ୍ରତିମୂର୍ତ୍ତି ଗୁଡ଼ିକ ମଧ୍ୟରୁ କିଛି ସେହି ଦେଶ ଗୁଡ଼ିକରେ ମଧ୍ୟ ଅଛି ଯେଉଁ ଗୁଡିକ ମୁସଲମାନ ଦେଶ। ବିଶ୍ୱର ଅନେକ ସ୍ଥାନରେ ପ୍ରଭୁ ଶ୍ରୀରାମଙ୍କ ଉଚ୍ଚ ପ୍ରତିମୂର୍ତ୍ତି ଅଛି। କାନାଡାର ଅଣ୍ଟାରିଓ ପ୍ରଦେଶର ମିସିସାଗାରେ ୫୧ ଫୁଟର ସବୁଠାରୁ ସ୍ୱତନ୍ତ୍ର ଏବଂ ଉଚ୍ଚ ପ୍ରତିମା ସ୍ଥାପିତ ହୋଇଛି। ଏହା ଫାଇବର ଗ୍ଲାସ୍ ଏବଂ ଷ୍ଟିଲ୍ ରେ ତିଆରି, ଯାହା ସହଜରେ ପ୍ରବଳ ପବନକୁ ମଧ୍ୟ ସହଜରେ ସହ୍ୟ କରିପାରେ।



ସେହିପରି ଇଣ୍ଡୋନେସିଆ ହେଉଛି ବିଶ୍ୱର ସର୍ବାଧିକ ମୁସଲମାନ ଜନସଂଖ୍ୟା ଥିବା ଦେଶ। ଏଠାରେ, ପ୍ରଭୁ ଶ୍ରୀ ରାମ ଏବଂ ରାମାୟଣର ଗଭୀର ଛାପ ଦେଖାଯାଇପାରିବ। ଏଠାରେ ଶ୍ରୀରାମଙ୍କର ସ୍ୱତନ୍ତ୍ର ଏବଂ ଉଚ୍ଚ ପ୍ରତିମା ରହିଛି । ଏଠାରେ, ପ୍ରଭୁ ଶ୍ରୀ ରାମ ଏବଂ ରାମାୟଣର ଗଭୀର ଛାପ ଦେଖାଯାଇ ପାରିବ। ବାଲି ଏବଂ ଜାକର୍ତ୍ତାରେ ରାମ ଏବଂ ହନୁମାନଙ୍କ ବିଶାଳ ପ୍ରତିମା ସ୍ଥାପିତ ହୋଇଛି।

ବାଲିର ଡେନପାସରରେ ଏକ ଟିଟି ବଣ୍ଡା ପ୍ରତିମା ଅଛି, ଯାହା ଭଗବାନ ରାମଙ୍କ କାହାଣୀର ଏକ ଅଂଶକୁ ଦର୍ଶାଏ। ଏହି ପ୍ରତିମାରେ ଶ୍ରୀ ରାମଙ୍କୁ ବାନର ସେନା ସାହାଯ୍ୟରେ ସମୁଦ୍ର ଉପରେ ଏକ ସେତୁ ନିର୍ମାଣ କରୁଥିବା ଦର୍ଶାଯାଇଛି। ଥାଇଲ୍ୟାଣ୍ଡରେ ରାଜାଙ୍କୁ ରାମ ଉପାଧି ଦିଆଯାଇଛି। ରାଜଧାନୀ ବ୍ୟାଙ୍କକରେ, ରାମାୟଣକୁ 'ରାମକିଏନ୍' ନାମରେ ଜଣାଯାଏ ଏବଂ ଅନେକ ମନ୍ଦିର ଏବଂ ସାର୍ବଜନୀନ ସ୍ଥାନରେ ଭଗବାନ ରାମଙ୍କ ପ୍ରତିମା ଦେଖିବାକୁ ମିଳେ । ଥାଇଲାଣ୍ଡର ସଂସ୍କୃତିରେ, ରାମ କେବଳ ଧାର୍ମିକ ନୁହେଁ ବରଂ ରାଜକୀୟ ପରମ୍ପରାର ଏକ ଅଂଶ। ଭାରତ ପରି, ଥାଇଲାଣ୍ଡରେ ମଧ୍ୟ ଶ୍ରୀରାମଙ୍କୁ ପୂଜା କରାଯାଏ। ନେପାଳରେ ଜନକପୁର ଏବଂ ଅଯୋଧ୍ୟା ମଧ୍ୟରେ ଧାର୍ମିକ ସମ୍ପର୍କ ସୁପରିଚିତ। ଜନକପୁରକୁ ସୀତା ମାତାର ଜନ୍ମସ୍ଥାନ ବୋଲି ବିବେଚନା କରାଯାଏ ଏବଂ ଏଠାରେ ମଧ୍ୟ ଭଗବାନ ରାମଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି। କମ୍ବୋଡିଆ, ଲାଓସ, ମିଆଁମାର ଏବଂ ଶ୍ରୀଲଙ୍କା ଭଳି ଦେଶରେ ଭଗବାନ ରାମଙ୍କ ମୂର୍ତ୍ତି ଏବଂ ରାମ କଥାର ଝଲକ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଥାଏ । କାମ୍ବୋଡିଆର ଅଙ୍କୋର ୱାଟ ମନ୍ଦିର ପରିସରରେ ପଥରରେ ରାମାୟଣର ଦୃଶ୍ୟ ଖୋଦିତ ହୋଇଛି।




# କାହିଁକି ଅତ୍ୟନ୍ତ ଶୁଭ... ସ୍ୱସ୍ତିକ ଚିହ୍ନ

**ଭାରତୀୟ ସଂସ୍କୃତିରେ ସ୍ୱସ୍ତିକ ମଙ୍ଗଳର ପ୍ରତୀକ ଭାବରେ ବିବେଚନା କରାଯାଏ। ତେଣୁ, କୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ସ୍ୱସ୍ତିକ ଚିହ୍ନ ତିଆରି କରାଯାଇ ପୂଜା କରାଯାଏ। କିନ୍ତୁ ଧ୍ୟାନ ଦେବେ ସ୍ୱସ୍ତିକ ଚିହ୍ନ କରିବା ସମୟରେ ଯେପରି ରେଖା ଏବଂ କୋଣଗୁଡ଼ିକ ସମ୍ପୂର୍ଣ୍ଣ ସଠିକ୍ ହେବା ଉଚିତ ।**



ବୈଦିକ ସାଧୁମାନେ ସେମାନଙ୍କର ଆଧ୍ୟାତ୍ମିକ ଅନୁଭୂତି ଉପରେ ଆଧାର କରି କିଛି ବିଶେଷ ଚିହ୍ନ ସୃଷ୍ଟି କରିଛନ୍ତି। ସ୍ୱସ୍ତିକ ସେହି ଚିହ୍ନ ମଧ୍ୟରୁ ଗୋଟିଏ । ସ୍ୱସ୍ତିକର ଚାରୋଟି ରେଖାକୁ ଚାରି ବେଦ, ଚାରି ପୁରୁଷାର୍ଥ, ଚାରି ଆଶ୍ରମ, ଚାରି ଲୋକ ଏବଂ ଚାରି ଦେବତା ଯଥା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏବଂ ଗଣେଶଙ୍କ ସହ ତୁଳନା କରାଯାଇଛି। ସ୍ୱସ୍ତିକକୁ ସୁଖ-ସମୃଦ୍ଧିର ପ୍ରତୀକ ଭାବରେ ବିବେଚନା କରାଯାଏ। ଧାର୍ମିକ ଭାବରେ ସ୍ୱସ୍ତିକ ଗୁରୁତ୍ୱପୂର୍ଣ୍ଣ । ସ୍ୱସ୍ତିକ ଅର୍ଥ କଲ୍ୟାଣ ବା ମଙ୍ଗଳ । ସ୍ୱସ୍ତିକ ଏକ ବିଶେଷ ଆକୃତି। କୌଣସି ଶୁଭ କିମ୍ବା ମାଙ୍ଗଳିକ କାର୍ଯ୍ୟ ପୂର୍ବରୁ ସ୍ୱସ୍ତିକ ଚିହ୍ନ କରାଯାଏ। ଏହା ଭଗବାନ ଗଣେଶଙ୍କ ରୂପ ଭାବରେ ବିବେଚନା କରାଯାଏ। ଏହାର ପ୍ରୟୋଗ ଦ୍ୱାରା ସମ୍ପନ୍ନତା, ସମୃଦ୍ଧି ଏବଂ ଏକାଗ୍ରତା ପ୍ରାପ୍ତ ହୋଇଥାଏ। ସ୍ୱସ୍ତିକକୁ ବ୍ରହ୍ମାଣ୍ଡର ପ୍ରତୀକ ଭାବରେ ଗଣାଯାଏ। ଏହାର ମଧ୍ୟ ଭାଗରେ ଭଗବାନ ବିଷ୍ଣୁଙ୍କ ନାଭି, ଚାରି ରେଖା ବ୍ରହ୍ମାଙ୍କ ଚାରି ମୁଖ, ଚାରି ହାତ ଏବଂ ଚାରି ବେଦ ବୋଲି କୁହାଯାଏ। ସ୍ୱସ୍ତିକର ଚାରି ବିନ୍ଦୁ ଚାରି ଦିଗକୁ ଦର୍ଶାଇଥାଏ। ଏଥିସହିତ ସ୍ୱସ୍ତିକକୁ ବିଷ୍ଣୁଙ୍କ ଆସନ ଏବଂ ଲକ୍ଷ୍ମୀଙ୍କ ସ୍ୱରୂପ ଭାବରେ ବିବେଚନା କରାଯାଏ। ସ୍ୱସ୍ତିକ ଶବ୍ଦକୁ ସୁ ଏବଂ ଅସ୍ତିର ମିଶ୍ରଣ ଯୋଗ ଭାବରେ ବିବେଚନା କରାଯାଏ। ସୁ ଅର୍ଥ ଶୁଭ ଏବଂ ଅସ୍ତିର ଅର୍ଥ ହେଉଛି ହେବ।। ଅର୍ଥାତ୍ ଶୁଭ ବା କଲ୍ୟାଣ ହେଉ । ଭାରତୀୟ ସଂସ୍କୃତିରେ ସ୍ୱସ୍ତିକ ମଙ୍ଗଳର ପ୍ରତୀକ ଭାବରେ ବିବେଚନା କରାଯାଏ। ତେଣୁ, କୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ସ୍ୱସ୍ତିକ ଚିହ୍ନ ତିଆରି କରାଯାଇ ପୂଜା କରାଯାଏ। କିନ୍ତୁ ଧ୍ୟାନ ଦେବେ ସ୍ୱସ୍ତିକ ଚିହ୍ନ କରିବା ସମୟରେ ଯେପରି ରେଖା ଏବଂ କୋଣଗୁଡ଼ିକ ସମ୍ପୂର୍ଣ୍ଣ ସଠିକ୍ ହେବା ଉଚିତ୍ । ଭୁଲରେ ବି ଓଲଟା ସ୍ୱସ୍ତିକ ତିଆରି କରିବେ ନାହିଁ । ନାଲି ଏବଂ ହଳଦିଆ ରଙ୍ଗର ସ୍ୱସ୍ତିକ ସର୍ବୋତ୍ତମ ।





हिन्दू ଧର୍ମରେ ଚାରିଧାମ ଯାତ୍ରା ଏକ ପବିତ୍ର ତୀର୍ଥଯାତ୍ରା ଯାହା ଭାରତର ଚାରିଟି ପ୍ରମୁଖ ଧାମ ବା ଧାର୍ମିକ ସ୍ଥାନକୁ ସମେତ କରେ। ଏହି ଚାରିଧାମ ହେଉଛି: ବଦ୍ରୀନାଥ (ଉତ୍ତରାଖଣ୍ଡ), ଦ୍ୱାରକା (ଗୁଜରାଟ), ପୁରୀ (ଓଡ଼ିଶା) ଏବଂ ରାମେଶ୍ୱରମ (ତାମିଲନାଡୁ)। ଏହି ଚାରିଟି ସ୍ଥାନ ହିନ୍ଦୁ ଧର୍ମରେ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। ଏହାର ଦର୍ଶନ ମୁକ୍ତିପ୍ରାପ୍ତିର ମାର୍ଗ ଖୋଲିଦିଏ ବୋଲି ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି। ଚାରିଧାମ ଯାତ୍ରା ହିନ୍ଦୁ ଧର୍ମାବଲମ୍ବୀଙ୍କ ଜୀବନରେ ଏକ ଆଧ୍ୟାତ୍ମିକ ମାଇଲଖୁଣ୍ଟ ଭାବେ ଗଣନା ହୁଏ। ଆସନ୍ତୁ ଜାଣିବା ଚାରି ଧାମର ମହତ୍ତ୍ୱ, ଏଗୁଡ଼ିକ ସୃଷ୍ଟି ହେବାର ଇତିହାସ ଏବଂ ଏହାର ଧାର୍ମିକ ଓ ସାଂସ୍କୃତିକ ମୂଲ୍ୟ ସମ୍ପର୍କରେ।

# କେଉଁଠି ଅଛି କେଉଁ ଧାମ

'ଚାରି ଧାମ' ଶବ୍ଦଟି ହିନ୍ଦୁଧର୍ମର ୪ଟି ପବିତ୍ର ଧାମ ବା ତୀର୍ଥସ୍ଥାନକୁ ସୂଚାଏ, ଯାହା ଭାରତ ଦେଶର ଚାରିଟି ଦିଗରେ ଅବସ୍ଥିତ। ଏହି ସ୍ଥାନଗୁଡ଼ିକୁ ହିନ୍ଦୁ ଧର୍ମର ପବିତ୍ର ପୀଠ ଭାବରେ ବିବେଚନା କରାଯାଏ। ଏଗୁଡ଼ିକ ହେଉଛି:

**୧. ବଦ୍ରିନାଥ (ଉତ୍ତର ଭାରତ): ଭଗବାନ ବିଷ୍ଣୁଙ୍କୁ ସମର୍ପିତ, ଉତ୍ତରାଖଣ୍ଡର ହିମାଳୟ ପର୍ବତରେ ଅବସ୍ଥିତ**

**୨. ଦ୍ୱାରକା (ପଶ୍ଚିମ ଭାରତ): ଭଗବାନ କୃଷ୍ଣଙ୍କୁ ସମର୍ପିତ, ଗୁଜରାଟରେ ଆରବସାଗର କୂଳରେ ଅବସ୍ଥିତ**

**୩. ପୁରୀ (ପୂର୍ବ ଭାରତ): ଭଗବାନ ଶ୍ରୀଜଗନ୍ନାଥ (ବିଷ୍ଣୁଙ୍କର ଏକ ଅବତାର)ଙ୍କୁ ସମର୍ପିତ, ଓଡ଼ିଶାର ବଙ୍ଗୋପସାଗର କୂଳରେ ଅବସ୍ଥିତ**

**୪. ରାମେଶ୍ୱରମ୍ (ଦକ୍ଷିଣ ଭାରତ): ଭଗବାନ ଶିବଙ୍କୁ ସମର୍ପିତ, ତାମିଲନାଡୁର ଏକ ଦ୍ୱୀପରେ ଅବସ୍ଥିତ**

ଏହି ଚାରିଟି ସ୍ଥାନ ଭାରତର ଭୌଗୋଳିକ ଚାରିଦିଗକୁ ପ୍ରତିନିଧିତ୍ୱ କରେ ଏବଂ ହିନ୍ଦୁ ଧର୍ମରେ ଏକତାର ପ୍ରତୀକ ସ୍ୱରୂପ ବିବେଚିତ ହୋଇଥାଏ। ଏହାର ଦର୍ଶନ କରିବା ଦ୍ୱାରା ଭକ୍ତମାନେ ପାପରୁ ମୁକ୍ତି ପାଇ ମୋକ୍ଷ ଲାଭ କରନ୍ତି ବୋଲି ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି।

# ଶୁକ୍ରାଚାର୍ଯ୍ୟଙ୍କର ଅନ୍ୟାନ୍ୟ ଯୋଗଦାନ



ଶୁକ୍ରାଚାର୍ଯ୍ୟ ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଶୁକ୍ର ଗ୍ରହର ଅଧିପତି ଭାବେ ତାଙ୍କୁ ସମ୍ମାନ ଦିଆଯାଏ, ଯାହା ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ, ପ୍ରେମ ଓ ସୁଖର ପ୍ରତୀକ। ତାଙ୍କର ଜ୍ଞାନ ଜ୍ୟୋତିଷ ଶାସ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ନୀତି ଓ ଗଣନା ପାଇଁ ବ୍ୟବହୃତ ହୁଏ। ତାଙ୍କ ନାମ ସହ ଜଡ଼ିତ 'ଶୁକ୍ରବାର' ଭାରତୀୟ ସଂସ୍କୃତିରେ ଏକ ପବିତ୍ର ଦିନ ଭାବେ ପାଳନ କରାଯାଏ, ଯେଉଁଥିରେ ମାତା ଲକ୍ଷ୍ମୀ ଓ ଅନ୍ୟ ଦେବୀଙ୍କର ପୂଜା କରାଯାଏ।

## ଶୁକ୍ରାଚାର୍ଯ୍ୟଙ୍କର ଚରିତ୍ର ଓ ଉପଦେଶ

ଶୁକ୍ରାଚାର୍ଯ୍ୟ ଜଣେ ଅସୁର ଗୁରୁ ହୋଇଥିଲେ ମଧ୍ୟ, ତାଙ୍କର ଚରିତ୍ର ଅତ୍ୟନ୍ତ ଉଦାର ଓ ନୈତିକ ଥିଲା। ସେ ନିଜର ଶିଷ୍ୟମାନଙ୍କ ପ୍ରତି ନିଷ୍ଠାବାନ ଥିଲେ ଏବଂ ନୀତିନିଷ୍ଠ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଜ୍ଞାନ, ତପସ୍ୟା ଓ ସଞ୍ଜୀବନୀ ବିଦ୍ୟା ତାଙ୍କୁ ପୌରାଣିକ ଇତିହାସରେ ଅମର କରିଛି। ସେ ଅସୁରମାନଙ୍କୁ ନୈତିକ ମାର୍ଗରେ ପରିଚାଳିତ କରିଥିଲେ ଏବଂ ସେମାନଙ୍କର କଲ୍ୟାଣ ପାଇଁ ନିଜର ଜ୍ଞାନ ବ୍ୟବହାର କରିଥିଲେ। ତାଙ୍କର ଉପଦେଶ ଓ ଶିକ୍ଷା ଦେବତା ଓ ଅସୁର ଉଭୟଙ୍କ ମଧ୍ୟରେ ସମ୍ମାନ ଅର୍ଜନ କରିଥିଲା, ଯାହା ତାଙ୍କୁ ସମସ୍ତଙ୍କ ଗୁରୁ ଭାବେ ପରିଚିତ କରାଇଛି।



# ଅଧିକ ପଇଡ଼ ପାଣିର କୁପ୍ରଭାବ

## ପଡ଼ିପାରେ ପାର୍ଶ୍ୱ ପ୍ରତିକ୍ରିୟା

*ପଇଡ଼ ପାଣି ଉଚ୍ଚ ରକ୍ତ ଚାପ କମ୍ କରିଥାଏ। ଏଥିପାଇଁ ଡାକ୍ତର ପିଇବାକୁ ପରାମର୍ଶ ଦେଇଥାନ୍ତି। ହେଲେ ଯେଉଁ ବ୍ୟକ୍ତିଙ୍କର ଲୋ' ବ୍ଲଡ୍ ପ୍ରେସର ଥିବ, ସେମାନେ ଅତ୍ୟଧିକ ପଇଡ଼ ପିଇବା ଦ୍ୱାରା ସେମାନଙ୍କ ପାଇଁ ହାନିକାର ସାବ୍ୟସ୍ତ ହୋଇଥାଏ।*

ପଇଡ଼ ପାଣି ସ୍ୱାସ୍ଥ୍ୟ ପାଇଁ ହିତକାର ହୋଇଥାଏ। ଏଥିରେ ବହୁ ଔଷଧୀୟ ଗୁଣ ରହିଛି। ଏଥିପାଇଁ ଅନେକ ଲୋକ ପଇଡ଼ ପାଣି ପିଇବାକୁ ଭଲ ପାଇଥାନ୍ତି। ହେଲେ କିଛି ନିର୍ଦ୍ଦିଷ୍ଟ ରୋଗରେ ପୀଡିତ ଲୋକଙ୍କୁ ଅଧିକ ନଡ଼ିଆ ପିଇବାକୁ ଡାକ୍ତର ବାରଣ କରିଥାନ୍ତି। କାହିଁକିନା ଅଧିକ ପଇଡ଼ ପାଣି ପିଇବା ଦ୍ୱାରା ସେମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ। ତେବେ ଏଥର ଜାଣିବା, ଅଧିକ ନଡ଼ିଆ ପାଣି ପିଇବା କେଉଁ ମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ନଡ଼ିଆ ପାଣିରେ ପୋଟାସିୟମ ଅଧିକ ରହିଥାଏ। ଯଦି ଜଣେ ବ୍ୟକ୍ତି ଆବଶ୍ୟକରୁ ଅଧିକ ପଇଡ଼ ପାଣି ପିଇଥାଏ, ତାହାହେଲେ ଶରୀରରେ ଥିବା ଇଲେକ୍ଟ୍ରୋଲାଇଟ୍ସ ସନ୍ତୁଳନ ବିଗିଡ଼ି ଯାଇପାରେ। ଏଥିସହ ଯଦି ଜଣେ ମଧୁମେହ ରୋଗୀ ଅଧିକ ପରିମାଣରେ ପଇଡ଼ ପାଣି ପିଇଥାଏ,ତାହାହେଲେ ତାର ବ୍ଲଡ୍ ସୁଗାର ଲେବୁଲ ବଢ଼ିଯିବାର ସମ୍ଭାବନା ରହିଛି। ଅତ୍ୟଧିକ ପଇଡ଼ ପାଣି ପିଇବା ଦ୍ୱାରା କିଡନୀ ଉପରେ ପ୍ରଭାବ ପକାଇଥାଏ। କିଡନୀ ଫଙ୍କସନ୍ ଉପରେ ଖରାପ ପ୍ରଭାବ ପକାଇଥାଏ । ନଡ଼ିଆ ପାଣି ଉଚ୍ଚ ରକ୍ତ ଚାପ କମ୍ କରିଥାଏ। ଏଥିପାଇଁ ଡାକ୍ତର ପିଇବାକୁ ପରାମର୍ଶ ଦେଇଥାନ୍ତି। ହେଲେ ଯେଉଁ ବ୍ୟକ୍ତିଙ୍କର ଲୋ' ବ୍ଲଡ୍ ପ୍ରେସର ଥିବ, ସେମାନେ ଅତ୍ୟଧିକ ନଡ଼ିଆ ପିଇବା ଦ୍ୱାରା ସେମାନଙ୍କ ପାଇଁ ହାନିକାର ସ୍ୟାବସ୍ତ ହୋଇଥାଏ। ଏଥିପାଇଁ ଲୋ' ବ୍ଲଡ୍ ପ୍ରେସର ଥିବା ବ୍ୟକ୍ତିମାନେ ଅତ୍ୟଧିକ ନଡ଼ିଆ ପାଣି ଉଚିତ ନୁହେଁ। ନଡ଼ିଆ ପାଣି ପିଇବା ଦ୍ୱାରା ଶରୀର ଅନ୍ତନଳୀ ଉପରେ ଖରାପ ପ୍ରଭାବ ପକାଇପାରେ। ଯଦି ପେଟ ଯନ୍ତ୍ରଣା ଭଳି ସମସ୍ୟା ଥିବ ତାହାହେଲେ ଅତ୍ୟଧିକ ପଇଡ଼ ପାଣି ପିଅନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ।



# ୨୨୧ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ



କଟକ : ଅବକାରୀ ଗୁଇନ୍ଦା ବିଭାଗ ୟୁନିଟ୍-୧ ଫ୍ଲାଇଂ ସ୍କ୍ୱାର୍ଡ ରାଜଧାନୀରେ ଏକ ବଡ଼ ନିଶା କାରବାର ଉପରେ ଚଢ଼ାଉ କରି ୨୨୧ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୨. ୧ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି କାରବାରରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଓଲଟପୁର ଥାନା ଅନ୍ତର୍ଗତ ଅଡ଼ସପୁରର ରଘୁନାଥ ନାୟକ (୩୮) ଓ ପାହାଳ ଥାନା ଅନ୍ତର୍ଗତ ଗୋହଲର ସ୍ମୃତିରଞ୍ଜନ ସାମନ୍ତରାୟ (୨୯) । ଅବକାରୀ ଅଧିକ୍ଷକ ସମରଜିତ୍ ଦାସଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଉପଅଧିକ୍ଷକ ରୋଶନ ଇସୁ ହାଂସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଧୀନ ରସୁଲଗଡ଼ କେନାଲ ରୋଡ଼ରୁ ଏହି ବ୍ରାଉନସୁଗାର ଜବତ ହୋଇଛି । ଅଭିଯୁକ୍ତଙ୍କ ନିକଟରୁ ବ୍ରାଉନସୁଗାର ସହ ଗୋଟିଏ ଲାଲ ରଙ୍ଗର ନିଶାନ ମଗ୍ନିଟୋ କାର ଏବଂ ଦୁଇଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି। ଉଭୟ ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନଡିପିଏସ ଆକ୍ଟ ୧୯୮୫ ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏହି ଚଢ଼ାଉ ଦଳରେ ସବ୍ ଇନ୍ସପେକ୍ଟର ଅମିତ୍ କୁମାର ବିଶ୍ୱାଳ, ସେକ ସାକିର ଉଲ୍ଲା, ସହକାରୀ ସବ୍ ଇନ୍ସପେକ୍ଟର କର୍ଣ୍ଣ ଓରାମ ଓ ଅଜୟ କୁମାର ବେହେରା, ମହିଳା କନଷ୍ଟେବଲ ସସ୍ମିତା ସାହୁ, କନଷ୍ଟେବଲ ଗୌରାଙ୍ଗ ନାୟକ, ଚନ୍ଦ୍ରକାନ୍ତ ସାହୁ, ଜଗନ୍ନାଥ ସାହୁ, ସୁମିତ୍ କୁମାର୍ ନାଏକ, ରଞ୍ଜିତ୍ ସାହୁ ଏବଂ ଡ୍ରାଇଭର କୃଷ୍ଣ ମୋହନ ଦାସ ସାମିଲ ହୋଇଥିଲେ । ଚଳିତ ମାସରେ ଫ୍ଲାଇଂ ସ୍କ୍ୱାର୍ଡର ଏହା ଦ୍ୱିତୀୟ ବଡ଼ ସଫଳତା। ଅବକାରୀ ବିଭାଗ ପକ୍ଷରୁ ନିଶା କାରବାର ବିରୋଧରେ ଅଭିଯାନ ଜୋରଦାର କରାଯାଇଛି।

# ଅନ୍ତର୍ଜାତୀୟ ଲେଭଲ କ୍ରସିଂ ସଚେତନତା ଦିବସ




ଜଟଣୀ(ନିପ୍ର): ଆନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସ ୨୦୨୬ ପାଳନ ଅବସରରେ ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ମଣ୍ଡଳ ଅଧୀନସ୍ଥ ବିଭିନ୍ନ ଲେଭେଲ କ୍ରସିଂ ଗେଟ୍‌ଗୁଡ଼ିକରେ ଏକ ସ୍ୱତନ୍ତ୍ର ସୁରକ୍ଷା ସଚେତନତା ଅଭିଯାନ ପରିଚାଳନା କରାଯାଇଥିଲା । ଆନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ହେଉଛି ଏକ ବିଶ୍ୱସ୍ତରୀୟ ପ୍ରୟାସ, ଯାହାର ଉଦ୍ଦେଶ୍ୟ ହେଉଛି ରେଳବାଇ ଲେଭଲ୍ କ୍ରସିଂଗୁଡ଼ିକରେ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ।"ଆଜି ସତର୍କ, ଆସନ୍ତାକାଲି ସୁରକ୍ଷିତ" ବିଷୟବସ୍ତୁ ଉପରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ଏହି ଅବସରରେ ମଞ୍ଚେଶ୍ୱର ଏବଂ ବାରଙ୍ଗ ଷ୍ଟେସନ ମଧ୍ୟରେ ଅବସ୍ଥିତ ଲେଭେଲ କ୍ରସିଂ ଗେଟ୍ ନଂ ୧୮୫ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଧାରଣ ଜନତାଙ୍କୁ ରେଳବାଇ ଲେଭଲ୍ କ୍ରସିଂରେ ସୁରକ୍ଷିତ ଅଭ୍ୟାସ ବିଷୟରେ ଶିକ୍ଷା ଦେବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଯେପରିକି ଲିଫଲେଟ ବଣ୍ଟନ, ବ୍ୟାନର ଓ ପୋଷ୍ଟର ପ୍ରଦର୍ଶନ ସହ ସୁରକ୍ଷା ବାର୍ତ୍ତା ପ୍ରଚାର ମାଧ୍ୟମରେ ସଡ଼କ ବ୍ୟବହାରକାରୀ ଏବଂ ସାଧାରଣ ଲୋକଙ୍କୁ ରେଳ ଲେଭେଲ କ୍ରସିଂରେ ସୁରକ୍ଷିତ ଆଚରଣ ସମ୍ପର୍କରେ ସଚେତନ କରାଯାଇଥିଲା। ସ୍କାଉଟ୍ସ ଏବଂ ଗାଇଡ୍ସଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବାର୍ତ୍ତା ପହଞ୍ଚାଇବା ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଗେଟ୍ ବନ୍ଦ ଥିବା ସମୟରେ କ୍ରସିଂ ପାର ହେବା ପାଇଁ କୌଣସି ଚେଷ୍ଟା କରାଯିବା ଉଚିତ୍ ନୁହେଁ ବୋଲି ଦର୍ଶାଇଥିଲା।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
## ୧୦୧ ଅଭିଯୋଗ ଗ୍ରହଣ, ୧୦ ମାମଲାର ତୁରନ୍ତ ସମାଧାନ

କେନ୍ଦ୍ରାପଡ଼ା(ନିପ୍ର): ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଓ ପ୍ରଶାସନିକ ସେବାକୁ ଲୋକଙ୍କ ପାଖକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀମାନେ ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପସ୍ଥାପନ କରିଥିଲେ। ଶିବିରରେ ମୋଟ ୧୦୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୮୫ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ଅଭିଯୋଗ ଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରେ ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବିଦ୍ୟୁତ ସେବା, ଜଳସେଚନ, ବ୍ୟାଙ୍କିଙ୍ଗ ସେବା, ରାସ୍ତାଘାଟ, ରାଜସ୍ୱ ଏବଂ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କିତ ସମସ୍ୟା ପ୍ରମୁଖ ଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୧୦ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିବା ବେଳେ ୭ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୋଟ ୩୨ ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା।

# ବାଲ୍ୟବିବାହ ମୁକ୍ତ ନିମିତ୍ତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ(ନିପ୍ର): ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ନିମନ୍ତେ ଆସିୟାନା, (ସୋସାଇଟି ଫର ଓ୍ୱିକର କମ୍ୟୁନିଟି), ଭଦ୍ରକ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବାଲ୍ୟବିବାହ ଆଇନଗତ ଅପରାଧ ବୋଲି ଉଲ୍ଲେଖ କରିବା ସହିତ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ଗଭୀର ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ ଶିଶୁ ସୁରକ୍ଷା ପ୍ରତ୍ୟେକ ପରିବାର ଓ ସମାଜର ସାମୂହିକ ଦାୟିତ୍ୱ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଶିଶୁ ମଙ୍ଗଳ କମିଟିର ସଦସ୍ୟ, ପ୍ରଦୀପ୍ତ କୁମାର କର, ସଦସ୍ୟ (ଶିଶୁ ବିକାଶ ସୁରକ୍ଷା ଅଧିକାରୀ ), ଭଦ୍ରକ, ଉର୍ବଶୀ ମହାନ୍ତି, ବହ୍ନିଶିଖା ବିଶ୍ୱାଳ, ପ୍ରତିପକ୍ଷ ଓକିଲ ଏବଂ ନ୍ୟାୟ ରକ୍ଷକ, ଭଦ୍ରକ, ଆସିୟାନା, ଭଦ୍ରକ, ସମ୍ପାଦିକା, ସୋଫିଆ ସେକ, ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଅଧିକାର ଓ ସହାୟତା ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ।

# ଡାକଘର ଅଗ୍ନିକାଣ୍ଡ ଘଟଣାର ତୃତୀୟ ଦିନରେ: ଗ୍ରାହକ ନାହିଁ ନଥିବା ଅସୁବିଧାରେ

ଆସିକା (ନିପ୍ର): ଆସିକା କୋର୍ଟ ନିକଟସ୍ଥ ଡାକ ଅଧିକ୍ଷଙ୍କ କାର୍ଯ୍ୟାଳୟରେ ଗତକାଲି ଅପରାହ୍ନ ୫ଘଣ୍ଟା ସମୟରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଡାକ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ଗତକାଲି ରାତି ପ୍ରାୟ ୧୧. ୪୫ ପର୍ଯ୍ୟନ୍ତ ନିଆଁକୁ ଆୟତ୍ତ କରିଥିଲା ବେଳେ ପୁଣି ରାତି ୨ଘଣ୍ଟା ସମୟରେ କାର୍ଯ୍ୟାଳୟ ପୂର୍ବ ଭାଗରେ ନିଆଁ ଜଳି ଉଠିଥିଲା। ଦମକଳ ବାହିନୀ ରାତି ତମାମ ନିଆଁ କୁ ଲିଭାଇବାରେ ଲାଗିଥିଲେ। ଆଜି ପୁଣି ସକାଳ ୧୦ଘଣ୍ଟା ସମୟରୁ ଅପରାହ୍ନ ୩ଘଣ୍ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟାଳୟ ନିଆଁ ଲିଭାଇବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଚାଲିଥିଲା। ଏହା ପରେ ନିଆଁ ସମ୍ପୂର୍ଣ୍ଣ




ଲିଭିଯାଇଥିବା କଥା ଆସିକା ଅଗ୍ନିଶମ ବାହିନୀ ଅଧିକାରୀ କୈଳାଶ ସାହୁ କହିଛନ୍ତି। ଏହି ଅଗ୍ନି କାଣ୍ଡରେ ଡାକ ବିଭାଗର ପ୍ରାୟ ୬୦ଲକ୍ଷରୁ ଉର୍ଦ୍ଧ ସମ୍ପତ୍ତି ନଷ୍ଟ ହୋଇଥିବା ଡାକ ଅଧିକ୍ଷକ ଦିଲ୍ଲୀପ କୁମାର ବେହେରା କହିଛନ୍ତି। ଏହି ଅଗ୍ନିକାଣ୍ଡ ସମ୍ପର୍କରେ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏହାର ତଦନ୍ତ ଚଳାଇଛି। ଅନ୍ୟପଟେ ଏହି ଅଗ୍ନିକାଣ୍ଡ ଘଟଣାରେ ବ୍ରହ୍ମପୁର ସର୍କଲ ପୋଷ୍ଟ ମାଷ୍ଟର ଛୁଟିରେ ଥିବାରୁ ସମ୍ବଲପୁର ପିଏମଜି ସୁରେଶ କୁମାର ଥାକୁର ଡ଼ିପିଏସ ବ୍ରହ୍ମପୁର ପିଏମଜି ଭାରପ୍ରାପ୍ତ ଅଧିକାରୀ ରହି ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନ କରିଛନ୍ତି। ସେହିପରି ବ୍ରହ୍ମପୁର ଡିଭିଜନ ର ଡାକ ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀ, ଜିତେନ୍ଦ୍ରିୟ ପାଣିଗ୍ରାହୀ, ସିଭିଲ ଯନ୍ତ୍ରୀ ମିଳନ ରାଉତ ଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଘଟଣାର ଅନୁଧ୍ୟାନ କରିଛନ୍ତି। ଡାକ ଅଧିକ୍ଷକଙ୍କ ଅଧୀନ ଏବଂ ତଳ ମହଲରେ ଥିବା ଆସିକା ମୁଖ୍ୟ ଡ଼ାକଘର ଏହି ଅଗ୍ନିକାଣ୍ଡ ରୁ ଅଳ୍ପକେ ବର୍ତ୍ତି ଯାଇ ଥିଲେ ମଧ୍ୟ ଅନେକ ବିଦ୍ୟୁତ ସଂଯୋଗ କ୍ଷୟ କ୍ଷତି ଯାହା ଫଳରେ ଏହି କାର୍ଯ୍ୟାଳୟ କେବେ ଖୋଲିବ ତାହା ସ୍ପଷ୍ଟ ହୋଇନାହିଁ। ଡାକ ଘରେ ଥିବା ଆଧାର କାର୍ଡ କାର୍ଯ୍ୟାଳୟ ଟି ଖମ୍ବେଶ୍ୱରୀ ପାଟଣା ଡାକ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବେ ଖୋଲାଯାଇଛି। ଅନ୍ୟପଟେ ଆସିକା ମୁଖ୍ୟ ଡାକଘର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ଡାକ ଘର ସମସ୍ତ କାର୍ଯ୍ୟ ବନ୍ଦ ରହିଥିବା ଯୋଗୁଁ ବହୁ ଦୂର ଦୁରାନ୍ତରୁ ଆସିଥିବା ଗ୍ରାହକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଲକ୍ଷ୍ୟ କରାଯାଇଛି। ଏହି ଡାକ ଘର ଖୋଲିବା ପାଇଁ ଖାଲିପଡିଥିବା କଳିଙ୍ଗ ରୋଡ଼ ସ୍ଥିତ ବି ଏସ ଏନ ଏଲ ଅଫିସକୁ ନେବା ପାଇଁ ବିଭାଗୀୟ ଅଧିକାରୀ ମାନେ ତର୍ଜମା ଚଲାଇଛନ୍ତି।

# କାର ଧକ୍କାର ସୁଯୋଗ ନେଇ ଭ୍ୟାନିଟ୍ ବ୍ୟାଗ ଚୋରି
## ଦୁଇ ଲୁଟେରା ଧରାପଡିଲେ

ଭୁବନେଶ୍ୱର(ନିପ୍ର): କାର ଓ ସ୍କୁଟି ଧକ୍କା ହେଲା। କାର ଚାଳକ ମହିଳା ଜଣଙ୍କ ଏନେଇ ସ୍କୁଟି ଚାଳକଙ୍କ ସହ ରାସ୍ତାରେ ଗାଡିକୁ ଅଟକାଇ ଦୁର୍ଘଟଣା ସମ୍ପର୍କରେ ଆଲୋଚନା କରୁଥିଲେ। ବାସ୍ ଏହାର ସୁଯୋଗ ନେଇ ଦୁଇଜଣ ଲୁଟେରା ଅତି ଚତୁରତାର ସହ କାର ଚାଳକଙ୍କ ଭ୍ୟାନିଟ୍ ବ୍ୟାଗ ଚୋରି କରି ନେଇଥିଲେ। ଯେଉଁଥିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଥିଲା। ଏନେଇ ଅଭିଯୋଗକାରିଣୀ ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କ ଅଭିଯୋଗ ଆଧାରରେ ନୟାପଲ୍ଲୀ ଥାନା ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଦୁଇଜଣ ଲୁଟେରାଙ୍କୁ କାବୁ କରିବାରେ ସଫଳ ହୋଇଛି ନୟାପଲ୍ଲୀ ଥାନା ପୋଲିସ। ଗିରଫ ଦୁଇ ଲୁଟେରା ହେଉଛନ୍ତି, ଆଇଆରସି ଭିଲେଜ ସ୍ଥିତ ପ୍ଲଟ ନଂ ଏନ୧/୧୧୨ର ରତୁବିର ଦିଗଲ (୩୧) ଓ ଏନ୍ ୪/୧୬୮ର ବିକାଶ ପାଇତଲ (୩୭)। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଭରତପୁର ଥାନା ଅନ୍ତର୍ଗତ ଶ୍ୟାମପୁର ଅଞ୍ଚଳରେ ରୁହନ୍ତି। ଗତ ଜୁନ ୧ ତାରିଖ ମଧ୍ୟାହ୍ନରେ କାର ଦୁର୍ଘଟଣାକୁ କେନ୍ଦ୍ରକରି ସେ ଜଣେ ସ୍କୁଟି ଚାଳକଙ୍କ ସହ ଆଲୋଚନା କରୁଥିବା ବେଳେ, ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ କାର ଭିତରୁ ତାଙ୍କର ଭ୍ୟାନିଟି ବ୍ୟାଗ ଚୋରି କରି ନେଇଯାଇଥିଲେ। ଉକ୍ତ ବ୍ୟାଗରେ ଅଭିଯୋଗକାରିଣୀଙ୍କର ସୁନାଚେନ ଏବଂ କିଛି ଜରୁରୀ କାଗଜପତ୍ର ସବୁ ଥିଲା । ଯାହାକୁ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲାର ତଦନ୍ତ କରିବା ସହ ସିସିଟିଭି ଯାଞ୍ଚ କରି ଅପରାଧୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲା। ଘଟଣା ଦିନ ଅଭିଯୋଗକାରିଣୀ ସ୍କୁଟି ଚାଳକଙ୍କ ସହ ଆଲୋଚନାରତ ଥିବା ବେଳେ, ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ସନ୍ତର୍ପଣରେ ଯାଇ ଅଭିଯୋଗକାରିଣୀଙ୍କ କାରଡୋର ଖୋଲି ଭ୍ୟାନିଟି ବ୍ୟାଗ ଚୋରି କରିବା ସହ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କ ସହିତ ବାଇକ ଯୋଗେ ଫେରାର ହୋଇଯାଇଥିବା, ସିସିଟିଭି ଫୁଟେଜରୁ ଜଣାପଡିଥିଲା। ମାମଲାର ଅଧିକ ତଦନ୍ତ କାଳରେ ବିଶ୍ୱସ୍ତସୂତ୍ରରୁ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଆଇଡି ମାର୍କେଟ ଅଞ୍ଚଳରୁ କାବୁ କରିବା ସହ ସେମାନଙ୍କ ହେପାଜତରୁ ଘଟଣାରେ ବ୍ୟବହୃତ ଏକ ବାଇକ ସହ ଅଭିଯୋଗକାରିଣୀଙ୍କ ଚୋରି ଯାଇଥିବା ସାମଗ୍ରୀ ସବୁକୁ ଜବତ କରିଥିଲେ । ପଚରାଉଚରା ବେଳେ, ଉଭୟ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଛନ୍ତି। ଅଭିଯୁକ୍ତ ରତୁବିର ଦିଗଲଙ୍କ ନାମରେ ପୂର୍ବରୁ ମଧ୍ୟ ନୟାପଲ୍ଲୀ ଥାନାରେ ୨ଟି ମାମଲା ରହିଥିବା ଜଣାପଡିଛି ।

# ସରକାରୀ ଜମିରୁ ୧ ଲକ୍ଷରୁ ଅଧିକ ଟଙ୍କାର ଚାକୁଣ୍ଡା ଗଛ ଚୋରି: ଥାନାରେ ମାମଲା

ଧାମନଗର (ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ସରକାରୀ ଜଙ୍ଗଲ ଜମିରୁ ବେଆଇନ ଭାବେ ଗଛ କାଟିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କ ବିରୋଧରେ ସଙ୍ଗୀନ ମାମଲା ରୁଜୁ ହୋଇଛି । ଗୋବିନ୍ଦପୁର ଗ୍ରାମର ସାଧୁ ଚରଣ ସେଠୀଙ୍କ ପୁଅ ରବୀନ୍ଦ୍ର ସେଠୀଙ୍କ ବିରୋଧରେ ସରକାରୀ ସମ୍ପତ୍ତିର ବ୍ୟାପକ କ୍ଷତି କରିବା ସହ ପରିବେଶ ନଷ୍ଟ କରିଥିବା ନେଇ ଧାମନଗର ତହସିଲଦାର ଲିଖିତ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁନ୍ ୨ରେ ଗୋବିନ୍ଦପୁର ପଞ୍ଚାୟତ ଅଫିସ ପାର୍ଶ୍ୱରେ ଥିବା ଖାତା ନମ୍ବର ୪୩୮ (ରକ୍ଷିତ), ପ୍ଲଟ୍ ନମ୍ବର ୫୪୧ (କିସମ: ଗ୍ରାମ୍ୟ ଜଙ୍ଗଲ, ସରକାରୀ ଜମି) ରୁ ଏକ ବିଶାଳ ଚାକୁଣ୍ଡା ଗଛକୁ ଅଭିଯୁକ୍ତ ବେଆଇନ ଭାବେ କାଟି ପକାଇଥିଲେ। ଏ ସମ୍ପର୍କରେ ଖବର ପାଇ ଅସୁରାଳି ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି ଏକ ସବିଶେଷ ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଅସୁରାଳି ଆର.ଆଇ.ଙ୍କ ତଦନ୍ତ ସୂଚନା ଆଧାରରେ ଧାମନଗର ତହସିଲଦାର ଗତ ଜୁନ୍ ୪ ତାରିଖ ସନ୍ଧ୍ୟା ୭:୩୦ ମିନିଟ୍ ସମୟରେ ଧାମନଗର ଥାନାରେ ଏକ ଲିଖିତ ଏଫ୍‌ଆଇଆର ଦାୟର କରିଥିଲେ । ତହସିଲଦାରଙ୍କ ଅଭିଯୋଗ ଅନୁଯାୟୀ, ରବୀନ୍ଦ୍ର ସେଠୀ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ସେ ପୂର୍ବରୁ ମଧ୍ୟ ବିନା କୌଣସି ସରକାରୀ ଅନୁମତିରେ ଅନେକ ଗଛ କାଟିଛନ୍ତି। କଟାଯାଇଥିବା ଗଛଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୧,୦୦,୦୦୦ (ଏକ ଲକ୍ଷ) ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି, ଯାହାଦ୍ୱାରା ସରକାରୀ ସମ୍ପତ୍ତିର ବ୍ୟାପକ କ୍ଷତି ଘଟିଛି । ତହସିଲଦାରଙ୍କ ଲିଖିତ ଅଭିଯୋଗ ଆଧାରରେ ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାସଙ୍କ ନିର୍ଦ୍ଦେଶକ୍ରମେ ଥାନା କେସ୍ ନମ୍ବର ୦୨୪୪/୨୦୨୬ ରେ ଭାରତୀୟ ନ୍ୟାୟ ସଂହିତା, ୨୦୨୩ ର ଧାରା ୩୦୩ (ଚୋରି) ଏବଂ ଧାରା ୩୨୪(୫) (ସରକାରୀ ସମ୍ପତ୍ତି ନଷ୍ଟ କରିବା) ଅଧୀନରେ ଏକ ସଙ୍ଗୀନ ମାମଲା ରୁଜୁ କରାଯାଇଛି। ଏହି ମାମଲାର ତଦନ୍ତ ଭାର ଉପ-ନିରୀକ୍ଷକ ନାରାୟଣ ନାୟକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାସ୍ଥଳରୁ ଗଛ ପକାଇବା ପାଇଁ ବ୍ୟବହୃତ ଦୁଇଟି ମୋଟା ଦଉଡ଼ି ଏବଂ ଦୁଇଟି କାଠ କଟା କରତ ଜବତ କରାଯାଇ ତହସିଲ ହେପାଜତରେ ରଖାଯାଇଛି। ଏଥିସହ ଜବତ ଚାକୁଣ୍ଡା ଗଛକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଧାମନଗର ବନ ବିଭାଗ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି।

# ପଡୋଶୀ ମହିଳାଙ୍କୁ ଅସଦାଚରଣ କରି ବନ୍ଧାହେଲେ

ଭୁବନେଶ୍ୱର(ନିପ୍ର): ପଡୋଶୀ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ମଙ୍ଗଳବାର ଜଣେ ବୃଦ୍ଧଙ୍କୁ ଗିରଫ କରିଛି। ଗିରଫ ବୃଦ୍ଧଙ୍କ ନାମ ହରିଶ୍ଚନ୍ଦ୍ର ରାୟ (୫୭) ଓ ତାଙ୍କ ଘର କଳାରାହାଙ୍ଗ ତ୍ରିଦେବ କମ୍ପ୍ଲେକ୍ସ ସାଇ ବିହାରରେ ବୋଲି ଜଣାପଡିଛି। ଏନେଇ ମିତାଲି ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ କଳାରାହାଙ୍ଗସ୍ଥିତ ସାଇ ବିହାର ବସ୍ତିରେ ରୁହନ୍ତି । ତାଙ୍କ ପଡ଼ୋଶୀ ହରିଶ ତାଙ୍କ ଅନୁମତି ବିନା ତାଙ୍କର ଛାତକୁ ନିଜର ବ୍ୟକ୍ତିଗତ କାମରେ ବ୍ୟବହାର କରିବା ସହ ତାଙ୍କ ସମ୍ମତି ବିନା ତାଙ୍କ ଘର ପରିସର ମଧ୍ୟକୁ ଅବାଦ୍ଧ ପ୍ରବେଶ କରିଥିଲେ । ଏହାର ବିରୋଧ କରିବାରୁ ସେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଭୟଙ୍କର ପରିଣାମ ପାଇଁ ଧମକ ମଧ୍ୟ ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଥାନାରେ ଏନେଇ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ପୁଲିସ ଏକ ବିଶ୍ୱସ୍ତ ସୂତ୍ର ଆଧାରରେ ଅଭିଯୁକ୍ତ ହରିଶଚନ୍ଦ୍ର ରାୟଙ୍କୁ କିଟ୍ ଛକ ନିକଟରୁ କାବୁ କରିଥିଲେ ।

# ଭାପୁରରେ ଝଡ଼ବର୍ଷାର ତାଣ୍ଡବ
## ଆଜବେଷ୍ଟସ ଉଡ଼ି ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ




ଭାପୁର (ନିପ୍ର): ଭାପୁର ବ୍ଲକରେ ସୋମବାର ଅପରାହ୍ନରେ ଝଡବର୍ଷାର ତାଣ୍ଡବ ଦେଖିବାକୁ ମିଳିଥିଲା। ଅପରାହ୍ନ ପ୍ରାୟ ୩ ଟାରେ ହଠାତ ପବନର ବେଗ ବଢ଼ି ଧୀରେଧୀରେ ବର୍ଷା ଆରମ୍ଭ ହୋଇଥିଲା। ଫଳରେ,କଳାବୈଶାଖୀରେ ଭାପୁର ବ୍ଲକର ବ୍ୟାପକ କ୍ଷତି ହୋଇଛି। କେଉଁଠି ମନ୍ଦିରର ଦଧିନଉତି ଖସିବା ସହିତ ବାନା ଉଡିଯାଇଥିଲା ତ କେଉଁଠି ଆଜବେଷ୍ଟସ ଉଡି ବ୍ୟାପକ କ୍ଷତି ହୋଇଛି ଏବଂ ଅନେକ ଲୋକଙ୍କର ବିଜୁଳି ଓ ଘଡଘଡିରେ ଟିଭି, ଫ୍ରିଜ, ଇନଭର୍ଟର,ଫ୍ୟାନ ପୋଡି ଯାଇଥିବା ଦେଖାଦେଇଛି। ଗଛ ଭାଙ୍ଗି ବିଦ୍ୟୁତ ସରବାରହ ସାରା ରାତ୍ରି ସମ୍ପୂର୍ଣ୍ଣ ଠପ ହୋଇଥିଲା। ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମରେ ଅବସ୍ଥିତ ଜଗନ୍ନାଥ ମନ୍ଦିରର ଦଧିନଉତି ତଳକୁ ଖସିବା ସହିତ ଚକ୍ର ଓ ବାନା ଅଲଗା ହୋଇ ପଡିଥିଲା। ଫତେଗଡ଼ ପଞ୍ଚାୟତ ବିଜୟନଗର ଗ୍ରାମର ବିପିନ ମହାନ୍ତି,ପ୍ରକାଶ ସାହୁ,ବଡ଼ଗଉଡ଼ ସାହିର ହୁଲ୍ଲାସ ବେହେରା,ସାନଗଉଡ଼ ସାହିର ଅନ୍ତର୍ଯ୍ୟାମୀ ଦାସ, କାଳିକାଙ୍କ ସାହିର ସଦାଶିବ ପ୍ରଧାନ,ନଟବର ସ୍ୱାଇଁଙ୍କ ବ୍ୟାପକ କ୍ଷତି ହୋଇଛି। ସେହିପରି, ଯଶବନ୍ତପୁର ଗ୍ରାମର ରାଧୁ ସ୍ୱାଇଁଙ୍କ ଘର ଭାଙ୍ଗି ପଡୋଶୀ ପ୍ରଭାତ ସ୍ୱାଇଁଙ୍କ ଦୋକାନ ଘର ଏବଂ ଜୀବନ ସ୍ୱାଇଁଙ୍କ ଘର ଉପରେ ପଡିବାରୁ ତିନି ଜଣଙ୍କର ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଛି। ପ୍ରଭାତଙ୍କ ଦୋକାନରେ ରହିଥିବା ସମସ୍ତ ଜିନିଷପତ୍ର ନଷ୍ଟ ହେବା ସହିତ ତାଙ୍କ ସ୍ତ୍ରୀ ଏବଂ ୧୦ ବର୍ଷ ଝିଅ ଗୁରୁତର ରୂପେ ଆହତ ହୋଇଛନ୍ତି। ଭାପୁର ତହସିଲଦାର ସେମାନଙ୍କର କ୍ଷୟକ୍ଷତି ଆକଳନ କରି କ୍ଷତି ପୂରଣ ପ୍ରଦାନ ପାଇଁ ସାଧାରଣରେ ଦାବୀ ହୋଇଛି।

# ବିଜେପିର ଚୈତ୍ରାମଣ୍ଡଳ ସ୍ତରୀୟ ସମାବେଶ,କର୍ମକର୍ତ୍ତା ଚୟନ



କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ମଙ୍ଗଳବାର ବିଜେପିର କୁଚିଣ୍ଡା ବ୍ଲକ ଚୈତ୍ରା ମଣ୍ଡଳ ପକ୍ଷରୁ ଏକ ଅନୁସୂଚିତ ଜାତି ଓ ଜନଜାତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାନ ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ମଣ୍ଡଳ ସଭାପତି ରାଜ କୁମାର ରକ୍ସାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଆଦିବାସୀ ମୋର୍ଚ୍ଚା ସଭାପତି ରନୁ କିଷାନ ଓ ହରିଜନ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ହାତୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଉଭୟ କମିଟିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ଆଦିବାସୀ ମୋର୍ଚ୍ଚାର ରଥ ସେଉଳ,ଦିଲିପ ବାଘ ଓ ଭବାନୀ ନାୟକ ଉପସଭାପତି, ପଞ୍ଚାନନ କାଲୋ ସାଧାରଣ ସମ୍ପାଦକ, ସୁରେନ୍ଦ୍ର ଛତ୍ରିଆ, କୈଳାସ ଡନସନା ଓ ବିନୋଦ କିଶାନ ସମ୍ପାଦକ ଏବଂ ଭୂପେଶ ମୁଣ୍ଡାଙ୍କୁ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ହରିଜନ ମୋର୍ଚ୍ଚାର ଅମୃତ ବାଦୀ,ବବୁଲୁ ଜୟପୁରିଆ ଓ ରନ୍ ଭଞ୍ଜ ଉପସଭାପତି,ମହେଶ୍ୱର ସୁହୁଲା ସାଧାରଣ ସମ୍ପାଦକ, ଜାମ୍ବବତୀ ସୁହୁଲା,କର୍ଣ୍ଣ ଭଞ୍ଜ ଓ ଦିଲ୍ଲୀପ ଭଞ୍ଜ ସମ୍ପାଦକ ଏବଂ ଶତାବ୍ଦୀ ଜୟପୁରିଆ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏଥିରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁଶୀଲ କୁମାର କର,ସମ୍ପାଦକ ବିଭୂତି କଲ୍ୟାଣ ପଟେଲ, ମଣ୍ଡଳ ଉପସଭାପତି ମକରଧ୍ୱଜ ପଟେଲ,ଶକ୍ତିକେନ୍ଦ୍ର ସଭାପତି ଜିତେନ୍ଦ୍ର ଦେବ,ସଞ୍ଜିବ ସାହୁ, ଅଶୋକ ପଟେଲଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରେ ଅଧିକ ମଜଭୁତ କରିବା ପାଇଁ ଆହ୍ୱାନ କରିଥିଲେ।

# ଚରମ୍ପାରେ 'ଆମ ଗାଁରେ ଆମ ତହସିଲ' ଶିବିର
## ୪୫ ସଂଶୋଧିତ ପଟ୍ଟା ବଣ୍ଟନ, ୩୦ ନୂତନ ଆବେଦନ ଗ୍ରହଣ

ଭଦ୍ରକ(ନିପ୍ର): ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଉପସ୍ଥିତିରେ ଆଜି ଚରମ୍ପା ଗ୍ରାମ ପଞ୍ଚାୟତ ଭବନ ଓ ସୁବିଧା କେନ୍ଦ୍ରଠାରେ "ଆମ ଗାଁରେ ଆମ ତହସିଲ" କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଛି। ରାଜସ୍ୱ ସେବାକୁ ଲୋକଙ୍କ ଦ୍ୱାରପ୍ରାନ୍ତରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ବହୁ ସଂଖ୍ୟକ ଲୋକ ଅଂଶଗ୍ରହଣ କରିଥିଲେ। ଶିବିରରେ ମୋଟ ୪୫ଟି ଦୁଇ ଖାନା ସଂଶୋଧିତ ରେକର୍ଡ ଅଫ୍ ରାଇଟ୍ସ ପଟ୍ଟାହିତାଧିକାରୀମାନଙ୍କୁ ବଣ୍ଟନ କରାଯାଇଥିଲା। ଏହା ସହ ଦୁଇ ଖାନା ସଂଶୋଧନ ପାଇଁ ୩୦ଟି ନୂତନ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଗ୍ରହଣ କରାଯାଇଥିବା ଆବେଦନଗୁଡ଼ିକର ତଦନ୍ତ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଚରମ୍ପା ରାଜସ୍ୱ ନିରୀକ୍ଷକଙ୍କୁ ପ୍ରେରଣ କରାଯାଇଛି। ଏଥିସହ ଶିବିରରେ ଜନସାଧାରଣଙ୍କ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ଓ ସମସ୍ୟାର ଶୁଣାଣି କରାଯାଇଥିଲା। ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।ଜନସାଧାରଣଙ୍କ ଉତ୍ସାହପୂର୍ଣ୍ଣ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ମଧ୍ୟରେ ଶିବିରଟି ସୁଚାରୁ ଭାବେ ସମ୍ପନ୍ନ ହୋଇଥିବାବେଳେ, ଗ୍ରାମାଞ୍ଚଳରେ ରାଜସ୍ୱ ସେବାକୁ ଅଧିକ ସୁଗମ ଓ ଲୋକାଭିମୁଖୀ କରିବା ଦିଗରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି।

# ଆସିକା ଚିନି ଶିଳ୍ପରେ ଶ୍ରମିକଙ୍କ ଧାରଣା

ଆସିକା(ନିପ୍ର): ଆସିକା ବହୁମୁଖୀ ସମବାୟ ଚିନିଶିଳ୍ପ ଲିଃ ପକ୍ଷରୁ ଦିନିକିଆ କାର୍ଯ୍ୟରୁ ଛଟେଇ କୁ ନେଇବିରୋଧ କରି ୫୦ ରୁ ଉର୍ଦ୍ଧ ଅସ୍ଥାୟୀ କର୍ମଚାରୀ ଅଧିକାରୀଙ୍କ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ଉକ୍ତ କର୍ମଚାରୀମାନଙ୍କୁ ନିୟମିତ ନକରି ପରିଚାଳନା କର୍ତୃପକ୍ଷ ମନମୁଖି ଭାବେ ପତ୍ର ସଂଖ୍ୟା ୬୭୨/୨୬ ପ୍ରକାରରେ ଏକ ଦିନ ଛଟେଇ କରିଛନ୍ତି । ପୂର୍ବ ସୂଚନା ନ ଦେବା, ତ୍ରିପକ୍ଷିକ ଚୁକ୍ତିର କାର୍ଯ୍ୟକାରୀ ନ କରି ଏଭଳି କାର୍ଯ୍ୟକୁ ଶ୍ରମିକ ସଙ୍ଘ ନିନ୍ଦା କରିଛି। କିଛି ଦାବୀ ନେଇ ଏହି ଅସ୍ଥାୟୀ ଶ୍ରମିକମାନେ ପୂର୍ବରୁ ମିଲ ଆଗରେ ଧାରଣା ଦେଇଥିଲେ। ପରିଚାଳନା କର୍ତୃପକ୍ଷ ଏମାନଙ୍କୁ ଡାକି ଏକ ଆପୋଷ ସମାଧାନ କରିଥିଲା ବୋଲି ଶ୍ରମିକ ମାନେ ପ୍ରକାଶ କରିଛନ୍ତି । ଆଗାମୀ ଦିନ ରେ କାରଖାନା ର ଅନ୍ୟ ଅସ୍ଥାୟୀ କର୍ମଚାରୀ ମାନଙ୍କୁ ମଧ୍ୟ ଏଭଳି ଏକ ଦିନ କାମ ବନ୍ଦ କରିବେ ବୋଲି ଶୁଣିବାକୁ ମିଳୁଛି । ଆଜିର ଏହି ଧାରଣାରେ ଉପ ସଭାପତି କୈଳାସ ପଟ୍ଟନାୟକ, ସମ୍ପାଦକ ଦାମୋଦର ସିଅ, କୋଷାଧକ୍ଷ କୈଳାସ ଗୌଡ଼, ଯୁଗ୍ମ ସମ୍ପାଦକ ନାଗେଶ୍ୱର ରାଓ, ଭଗବାନ ବେହେରା, ବାବୁଲା ପ୍ରଧାନ, ସନ୍ତୋଷ ପଟ୍ଟନାୟକ, ବୃନ୍ଦାବନ ପ୍ରଧାନ, ତ୍ରିନାଥ ବେହେରା, କବିର ସେଠୀ, ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଏହାରି ଉପରେ ଚିନିଶିଳ୍ପ କର୍ତୃପକ୍ଷକୁ ପଚାରିବାରୁ ସେ କହିଛନ୍ତି ଦୀର୍ଘ ବର୍ଷ ହେଲା ମିଲ ପକ୍ଷରୁ ଏଭଳି କରା ଯାଉଥିଲା । ଚଳିତ ବର୍ଷ ମାର୍ଚ୍ଚ ମାସର ପରିଚାଳନା ପରିଷଦର ନିଷ୍ପତି ଅନୁସାରେ କାରଖାନା କର୍ତୃପକ୍ଷ ଏହାକୁ କାର୍ଯ୍ୟକାରୀ କରିଛନ୍ତି।

# ଶେରଗଡ଼ ରଥଯାତ୍ରା ନେଇ ପ୍ରସ୍ତୁତି

ଶେରଗଡ଼(ନିପ୍ର): ଶେରଗଡ଼ ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ତହସିଲଦାର ତ୍ରିଦେବ ରଥ ଅଧ୍ୟକ୍ଷତା କରିଥିଲେ। ରାଜା ସାହେବ ପୂର୍ଣ୍ଣଚନ୍ଦ୍ର ସିଂ ଦେଓ, ପ୍ରସନ୍ନ କୁମାର ସିଂ ଦେଓ ରଥଯାତ୍ରା ପାଳନ ନେଇ ମତପ୍ରକାଶ କରିଥିଲେ। ରଥଯାତ୍ରାର ରଥ ନିର୍ମାଣ,କାଠ ଅଣା ,କେବେ ନିର୍ମାଣ କରାଯିବ, ଦେବସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଯାତ୍ରା ପର୍ଯ୍ୟନ୍ତ ନୀତି କାନ୍ତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହା ପରେ ଯାତ୍ରା ପୂର୍ବରୁ ବଡ଼ଦାଣ୍ଡ ସଫେଇ ଏବଂ ଡକବାଜି ଯନ୍ତ୍ର ଦ୍ୱାରା ସୂଚନା ଦିଆଯିବାକୁ ସ୍ଥିର ହୋଇଥିଲା। ଚଳିତ ବର୍ଷ ରଥଯାତ୍ରା ଚିତ୍ତାକର୍ଷକ କରିବା ପାଇଁ ଅତ୍ୟଧିକ ଟଙ୍କା ଖର୍ଚ୍ଚ ହେବ ଏଣୁ ଅର୍ଥ ଆଦାୟ ଜୋରଦାର କରାଯିବ।ଏଥି ନିମନ୍ତେ ଅର୍ଥ ଆଦାୟ କମିଟି, ରଥ ନିର୍ମାଣ କମିଟି, ମନୋରଞ୍ଜନ କାର୍ଯ୍ୟକ୍ରମ କମିଟି,ଆଡ଼ପ ମନ୍ଦିର ଭୋଗ କମିଟି ଗଠନ କରାଯାଇଛି।

ତିଥି :(ଦଶମୀ): (ଉତ୍ତରଭାଦ୍ର ମୀନ)
ଅମୃତ ବେଳା: ଦିବା ଘ ୭।୩୪ ଗତେ ଘ ୧୦।୪୬ ମଧ୍ୟେ

## ଆଜିର ଅନୁଚିନ୍ତନ

ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଦ୍ଧି, ନିର୍ବୈରଭାବ ଏବଂ ସମ୍ମାନ ନ ଚାହିଁବା, ହେ ଭରତବଂଶଜ ଅର୍ଜୁନ ! ଏସବୁ ଦୈବୀସମ୍ପଦପ୍ରାପ୍ତ ମନୁଷ୍ୟଙ୍କର ଲକ୍ଷଣ ଅଟେ।। - ଶ୍ରୀମଦ୍ ଭଗବଦ୍ ଗୀତା

# ବିଶ୍ୱାସ - ଅବିଶ୍ୱାସ ବାତାବରଣ

ନିକଟରେ ଦେଶରେ ବିରୋଧୀଦଳଗୁଡ଼ିକର ୨୫ରୁ ଅଧିକ ନେତା ଏକାଠି ଉପସ୍ଥିତ ରହି ଆଲୋଚନା କରିବା ଘଟଣା ଗତ ନିର୍ବାଚନ ପରଠାରୁ ଥିଲା ପ୍ରଥମ। ବୈଠକରେ ୫ଟି ପ୍ରସଙ୍ଗରେ ସହମତି ହୋଇଥିଲା। ଏସବୁ ସହମତି ସଂପର୍କରେ ସାମାନ୍ୟ ଆଲୋଚନା କରାଯାଇପାରେ। ଗତ ନିର୍ବାଚନରେ 'ଭୋଟ ଲୁଟ୍' ଓ ମତଦାନରେ ଅନିୟମିତତା ଅଭିଯୋଗ ଅଣାଯାଇ ମେଣ୍ଟ ପକ୍ଷରୁ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖା। ନିଟ୍ ଓ ସିବିଏସ୍ଇ ପରୀକ୍ଷାରେ ହୋଇଥିବା ବିଭ୍ରାଟ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାୟୀପୂର୍ବକ ତାଙ୍କର ଇସ୍ତଫା ଦାବି । ଦେଶରେ ଅର୍ଥନୈତିକ ସଂକଟ ଉପୁଜିଥିବା ଦର୍ଶାଇ ସରକାର ସର୍ବଦଳୀୟ ବୈଠକ ଡକାଇବାକୁ ସରକାରଙ୍କୁ ପରାମର୍ଶ । ଏଥିସହ ପ୍ରତି ଦୁଇ ମାସରେ ବିରୋଧୀ ମେଣ୍ଟର ବୈଠକ ବସାଇବାକୁ ଲାଗି ସହମତି ପ୍ରକାଶ ପାଇଛି। ମୋଟ ଉପରେ ଏହି ବିରୋଧୀ ମେଣ୍ଟ ଲକ୍ଷ୍ୟ ରଖିଛି ଯୁବବର୍ଗଙ୍କୁ ଧ୍ୟାନ କେନ୍ଦ୍ରୀଭୂତ ପୂର୍ବକ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତି ନେଇ କାର୍ଯ୍ୟକାରିତା। ଏହି ଆକ୍ସନ ପ୍ଲାନର ରୂପରେଖ ସଂପର୍କରେ କିଛି ଜଣାପଡ଼ିନାହିଁ। ହୁଏତ ଏହା ଯେପରି କକ୍‌ରୋଚ ଜନତା ପାର୍ଟିର ପ୍ରତିଷ୍ଠାତା ଏକ ଅସନ୍ତୁଷ୍ଟ ଶିକ୍ଷାର୍ଥୀବର୍ଗଙ୍କୁ ନେଇ ଆଗକୁ ବଢିବାକୁ ପ୍ରୟାସ ଚଳାଇଛନ୍ତି ସେପରି ଅସନ୍ତୁଷ୍ଟ ଯୁବଗୋଷ୍ଠୀଙ୍କୁ ଆଧାର କରି ବିରୋଧୀ ମେଣ୍ଟ କିଛି ପ୍ରସଙ୍ଗ ଦେଶ ସାମ୍ନାରେ ରଖିପାରେ। ଆଗକୁ ସଂସଦର ମୌସୁମୀ ଅଧିବେଶନ ଆସୁଛି। ତାହା ପୂର୍ବରୁ ବିରୋଧୀ ଦଳଗୁଡ଼ିକ ଏକତ୍ର ହୋଇ କେତେ ଝଟ୍‌କା ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜନତର୍ଜନ କରିବେ ଓ ସାଧାରଣ ଜନତାଙ୍କ ମନକୁ ଜିତିବେ ସେନେଇ ହୁଏତ ପ୍ରସଙ୍ଗ କିଛି ଉପସ୍ଥାପନ କରିପାରନ୍ତି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ପାଇବାରେ ସେମାନେ କେତେ ସଫଳ ହେବେ। ଲୋକଙ୍କ ନାନା ପ୍ରସଙ୍ଗକୁ ଆୟୁଧ କରି ଆଲୋଚ୍ୟ ମେଣ୍ଟ ଆଗକୁ କି ପ୍ରକାର ରଣନୀତିକ ଗୋଟି ଚାଳନା କରିବ ତାହା ଜଣାପଡ଼ିନଥିଲେ ବି ଯାହା ମନେ ହେଉଛି ଜାତୀୟ ପ୍ରସଙ୍ଗ ଉପରେ ସାଧାରଣ ଜନତା ଯେତେ ଆସ୍ଥା ପ୍ରକଟ କରିପାରୁଛନ୍ତି ଆଞ୍ଚଳିକ ଦଳ ଅବା ବିରୋଧୀ ଦଳଗୁଡ଼ିକ ଉପରେ ସେତିକି ଆସ୍ଥା ରଖିପାରୁନାହାନ୍ତି। କ୍ଷମତାସୀନ ବିଜେପି ସବ୍‌କା ସାଥ୍ ସବ୍‌କା ବିକାଶର ନାରା ଦେଇ ଓ ଲୋକଙ୍କ ନିକଟବର୍ତ୍ତୀ ହୋଇ କଲ୍ୟାଣମୁଖୀ ଯୋଜନାମାନ ଯେଉଁପରି ଜାରି ରଖିଛି ତାହା କ୍ରମଶଃ ଗ୍ରହଣୀୟ ହୋଇଚାଲିଛି। ଗତ କିଛିବର୍ଷ ହେବ ଏହି ଜାତୀୟ ଦଳ ଉପରେ ଆସ୍ଥା ପୂର୍ବାପେକ୍ଷା ବୃଦ୍ଧି ଲକ୍ଷ୍ୟଣୀୟ ଦିଗ। ଯାହାର ପ୍ରତିଫଳନ ଗତ ନିର୍ବାଚନଗୁଡ଼ିକରେ ମିଳିଥାଏ। ଅପରପକ୍ଷେ ବିରୋଧୀଦଳଗୁଡ଼ିକ 'ମଇଁଷି ଶିଙ୍ଗ ଫଟା ଜୁଝିବା ବେଳକୁ ଗୋଟା' ନ୍ୟାୟରେ ଯଦି ଲଢେଇ କରନ୍ତେ ତେବେ ହୁଏତ ଦୃଶ୍ୟମାନ ଫଳାଫଳ ପ୍ରଦର୍ଶିତ ହୁଅନ୍ତା, ମାତ୍ର ସେପରି ଉଷ୍ମତା ଲକ୍ଷ୍ୟ କରାଯାଇପାରୁନାହିଁ। ଯଦି ବିରୋଧୀଦଳଗୁଡ଼ିକର ପ୍ରସଙ୍ଗ ଦମ୍‌ଦାର ଥାଆନ୍ତା ତେବେ, ଗତ ନିର୍ବାଚନରେ ଫଳାଫଳ ସେମାନଙ୍କର ଭଲ ହୋଇପାରିଥାଆନ୍ତା। ବସ୍ତୁତଃ, ତାହା ଲକ୍ଷ୍ୟ କରାଗଲାନାହିଁ। ଅସଲରେ ବିରୋଧୀ ଦଳଗୁଡ଼ିକ ଲୋକଙ୍କ କେତେ ନିକଟବର୍ତ୍ତୀ ହେଉଛନ୍ତି, ତାହା ସାଙ୍ଗକୁ ଲୋକଙ୍କ ସମସ୍ୟା କେତେ ହୃଦୟଙ୍ଗମ କରିପାରୁଛନ୍ତି ତାହା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଚାବିକାଠି। ଯାହା ମନେହୁଏ ଲୋକଙ୍କ ନିକଟକୁ ସେମାନେ ଯାଇ ଲୋକେ କ'ଣ ଚାହୁଁଛନ୍ତି ତାହା ସବୁ ଯଦି ବୁଝନ୍ତେ, ତେବେ ଯାଇ ଆଗାମୀ ନିର୍ବାଚନରେ ବିଜୟର ଧ୍ୱଜା ଉଡ଼ାଇବାରେ କେତେ ସଫଳ ହେବେ, ତାହାର ଆକଳନ ଆରମ୍ଭ ହୁଅନ୍ତା।

# ଗଛକଟା ବନାମ ବିକାଶ

**ବଟକୃଷ୍ଣ ତ୍ରିପାଠୀ**

ତାପମାତ୍ରା ବୃଦ୍ଧି ପାଉଛି। ଚଳିତ ବର୍ଷ ଦେଶରେ ଚରମ ସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ ସତର୍କବାଣୀ ଶୁଣାଇଛନ୍ତି। ତାପମାତ୍ରା ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏ ପ୍ରକାର ସ୍ଥିତି ଘଟୁଛି ବୋଲି କୁହାଯାଉଛି। ପରିସ୍ଥିତିକୁ ନେଇ ଉପଯୁକ୍ତ ଚିନ୍ତା ନ କଲେ, ଆଗାମୀ ଦିନରେ ତାପମାତ୍ରା ବୃଦ୍ଧିକୁ ରୋକିବା ସମ୍ଭବ ହେବନାହିଁ। ସମସ୍ତେ ଜାଣନ୍ତି, ସବୁଜ ବଳୟ ହ୍ରାସ ପାଇଲେ, ସଂପୃକ୍ତ ଅଞ୍ଚଳର ତାପମାତ୍ରା ବୃଦ୍ଧିପାଏ। ମାତ୍ର, ଏକଥା ଆଜିକାଲି ଯୁଗର ପ୍ରାୟ ସମସ୍ତେ ଜାଣିଥିଲେ ମଧ୍ୟ ବିକାଶର ଦ୍ୱାହି ଦେଇ ଗଛକଟା ଜାରି ରଖାଯାଇଛି। ଆମ ରାଜ୍ୟ ତଥା ଦେଶର ବହୁ ସ୍ଥାନରେ, ବଡ଼ ଶିଳ୍ପ ପାଇଁ ଭିତ୍ତିଭୂମି, ଜାତୀୟ ରାଜପଥ, ଖଣିଖାଦାନ ଇତ୍ୟାଦି ପାଇଁ ବହୁ ସଂଖ୍ୟାରେ ଗଛକଟା ହେଉଛି।



ନିକଟରେ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାରେ 'ସିଜିମାଳି' ଅଞ୍ଚଳରେ ବ୍ୟାପକ ବୃକ୍ଷକଟା ହେବା ଯୋଗୁଁ ସେଠକାର ଅଧିବାସୀ, ଆଦିବାସୀମାନେ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ଆମ ପଡ଼ୋଶୀ ତେଲେଙ୍ଗାନାରେ ମଲଟି ଲେଭଲ ଏଚ୍‌ସିଟି ଫ୍ଲାଏଓଭର ପ୍ରକଳ୍ପ ପାଇଁ ରାସ୍ତା ପ୍ରସ୍ତୁତ କରିବାକୁ ଜାତୀୟ ଉଦ୍ୟାନ ଅଞ୍ଚଳରେ ପ୍ରାୟ ୨୦୦୦ରୁ ଅଧିକ ଗଛ କଟାଗଲା। ଏହାର ପ୍ରତିବାଦ ମଧ୍ୟ ସେ ଅଞ୍ଚଳର ବୁଦ୍ଧିଜୀବୀମାନେ କରିଥିଲେ। ଏପରିକି କେତେକ ବ୍ୟକ୍ତି ଗଛକଟାକୁ ନେଇ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଜନସାଧାରଣଙ୍କ ଅଭିଯୋଗ ଶୁଣି ସହରର ସମ୍ବେଦନଶୀଳ ଅଞ୍ଚଳରୁ ଗଛ କାଟିବାକୁ ନିଷେଧ କରିଛନ୍ତି। ପ୍ରଶ୍ନ ଉଠୁଛି, ଗଛକଟା ଭଳି ସାଧାରଣ ଘଟଣାକୁ ନେଇ କ'ଣ ଜନସାଧାରଣ ସବୁବେଳେ କୋର୍ଟକୁ ଯିବେ ? ଯେଉଁ ପ୍ରକଳ୍ପ କିମ୍ବା ରାସ୍ତାଘାଟର ସଂପ୍ରସାରଣ ଲାଗି, ପ୍ରଶାସନ, ନିଷ୍ପତ୍ତି ଗ୍ରହଣ କରୁଛି ତାହା ପୂର୍ବରୁ ସେଠାକାର ଜନସାଧାରଣଙ୍କ ସହ ଆଲୋଚନା କରି କି ପ୍ରକାରେ ରାସ୍ତାନିର୍ମାଣ କଲେ କିମ୍ବା ପ୍ରକାର ବ୍ୟବସ୍ଥା କଲେ ଗଛକଟାକୁ ଏଡ଼େଇ ଦିଆଯାଇପାରିବ କିମ୍ବା ଅଳ୍ପ ଗଛକଟା ଦ୍ୱାରା ରାସ୍ତାର ସଂପ୍ରସାରଣ କରାଯାଇପାରିବ, ସେ ସଂପର୍କରେ ନିଷ୍ପତ୍ତି ନିଆଯାଇପାରିବ ସେ ସଂପର୍କରେ ଚିନ୍ତା କରାଯିବା ଦରକାର। କିନ୍ତୁ ଦେଖାଯାଉଛି, ବହୁ ସମୟରେ ଏ ପ୍ରକାର ଚିନ୍ତାଧାରାକୁ ଗ୍ରହଣ କରାଯାଉନାହିଁ କିମ୍ବା ସେ ବିଷୟରେ ନିଷ୍ପତ୍ତି ନେଉଥିବା ଅଧିକାରୀଙ୍କ ବିଶେଷ ଧାରଣା ନାହିଁ।

ପ୍ରକାଶ ପାଇଥିବା ଏକ ଖବରରୁ ଜଣାପଡ଼ିଛି ଯେ ୨୦୨୭ରେ ନାସିକ୍ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା କୁମ୍ଭମେଳା ପୂର୍ବରୁ ରାସ୍ତା ପ୍ରଶସ୍ତ କରିବା ପାଇଁ ପ୍ରାୟ ପାଞ୍ଚହଜାରରୁ ଛଅ ହଜାର ପୁରୁଣା ଗଛକଟା ହେବାକୁ ଚିହ୍ନଟ କରାଯାଇସାରିଲାଣି। ମାତ୍ର, ସେଠାକାର ଜନତା ଏ ପ୍ରକାର ଗଛକଟାକୁ ସମର୍ଥନ କରୁନାହାନ୍ତି। ଦେଶର ବହୁ ସ୍ଥାନରେ ଲୋକମାନେ ଏବେ ଗଛକଟାକୁ ନେଇ ବିରୋଧ କରୁଛନ୍ତି। ବମ୍ବେର ଡରସୋଭା-ଭାୟାନ୍ଦର କୋଷ୍ଟାଲ ଜୋନ୍ ପ୍ରୋଜେକ୍ଟ ପାଇଁ ୪,୫୦୦୦ ହେନ୍ତାଳ ଗଛ କଟାଯିବାକୁ ନେଇ ପ୍ରତିବାଦ ଜାରି ରହିଛି।

କିଛିବର୍ଷ ପୂର୍ବେ, ସାଧାରଣ ଜନତା ପରିବେଶ ସୁରକ୍ଷାକୁ ନେଇ ଏତେ ସଚେତନ ନ ଥିଲେ। ବର୍ତ୍ତମାନ ସମୟରେ ଜନତା ଦେଖୁଛି, ପରିବେଶ ପ୍ରତି ସଚେତନ ନ ହେଲେ ଅଳ୍ପ ସମୟ ମଧ୍ୟରେ ନିଜର ସ୍ଥିତି ଦୋହଲିଯିବ। ବଞ୍ଚିବା କଷ୍ଟକର ହୋଇପଡିବ। ତେବେ, ବର୍ଦ୍ଧିତ ବିକାଶ କାର୍ଯ୍ୟକୁ ବନ୍ଦ କରାଯିବା ଅର୍ଥ ହେଲା, ଦେଶର ପ୍ରଗତିକୁ ପ୍ରତିରୋଧ କରିବା। ଦେଶବ୍ୟାପୀ ପରିବେଶ ସୁରକ୍ଷାକୁ ନେଇ, ଜନସାଧାରଣ ସ୍ୱର ଉତ୍ତୋଳନ କରିବା ସହ ପ୍ରତିବାଦ କରିବା ବେଳେ ଦେଶର ପ୍ରଗତି ଆଧୁନିକ ଯୁଗରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତି ଇତ୍ୟାଦିର ବ୍ୟବହାର କରିବା ସଂପର୍କରେ ମଧ୍ୟ ସଚେତନ ରହିବା ଦରକାର। ଆଜିର ଯୁଗରେ, ଅସହ୍ୟ ଗ୍ରୀଷ୍ମ ପ୍ରବାହ, ବୃଦ୍ଧି ପାଉଥିବା ପ୍ରଦୂଷଣ ଏବଂ ଜଳର ଘୋର ଅଭାବକୁ, ମୁକାବିଲା କରିବା ଲାଗି,ବର୍ତ୍ତମାନର ବୈଜ୍ଞାନିକମାନେ ରାସ୍ତା ବାହାର କରନ୍ତୁ। ପରିସ୍ଥିତିର ଗମ୍ଭୀରତାକୁ ବୁଝି, ସରକାର ତାଙ୍କ ନୀତିକୁ ପର୍ଯ୍ୟାଲୋଚନା କରି, ପରିବେଶକୁ ଗୁରୁତ୍ୱ ଦେବା ଲାଗି ଆଗେଇ ଆସନ୍ତୁ।

ଭୁବନେଶ୍ୱର

# ଏଠି କ୍ଷୁଧା କମ୍, ତୃଷ୍ଣା ଅଧିକ !

**ଡ. ମନୋଜ କୁମାର ମହାନ୍ତି**

> "ସୁରା ଏବଂ ସୋମ ରସ ବିଷୟରେ କିଛି ତଥ୍ୟ ମିଳେ। ଋଗ୍ ବେଦରେ ସୋମ ରସକୁ ଏକ ପବିତ୍ର ପାନୀୟ ରୂପେ ବିଭିନ୍ନ ଧାର୍ମିକ ତଥା ମାଙ୍ଗଳିକ କାର୍ଯ୍ୟରେ ପାନ କରାଯାଏ। ଏହା ଫଳ ରସରୁ ପ୍ରସ୍ତୁତ ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ। ଅନ୍ୟ ପକ୍ଷରେ ସୁରା ରସକୁ ପ୍ରାଚୀନ ଭାରତର ଖାଦ୍ୟଶସ୍ୟ ଯଥା ଚାଉଳ, ବାର୍ଲି,ଗହମ ଆଦିରୁ ପ୍ରସ୍ତୁତି କରାଯାଇଥାଏ। ଏହା ଏକ ପ୍ରକାର ମିଶ୍ରିତ ପାନୀୟ ଯାହାକୁ ରାଜକୀୟ ସମ୍ଭ୍ରାନ୍ତ ଏବଂ ଯୋଦ୍ଧାମାନଙ୍କୁ ପାନ କରିବାକୁ ଦିଆଯାଏ। ଶାରୀରିକ ଅଭିବୃଦ୍ଧି, ଶକ୍ତିଶାଳୀ ତଥା ସୁସ୍ଥତା ପାଇଁ ସୁରା ପାନ ଉପରେ ଗୁରୁତ୍ୱ ଦିଆଯାଉଥିଲା। ଚରଖ ଏବଂ ସୁଶ୍ରୁତ ସଂହିତାରେ ମଦ୍ୟ ପାନୀୟକୁ ଔଷଧ ଭାବରେ ଗ୍ରହଣ କରାଯାଇଛି। ତାହା ପୁଣି ଏକ ନିର୍ଦ୍ଦିଷ୍ଟ ମାତ୍ରାରେ। ସମୟକ୍ରମେ ସୁରା ଏକ ରାଜକୀୟ ପାନୀୟ ଭାବରେ ନିଜର ପରିଚୟ ସୃଷ୍ଟି କଲା।

ସେ ଦିନ ଫୁରସତରେ ସାମାଜିକ ଗଣମାଧ୍ୟମ ଭିଡିଓ କ୍ଲିପ୍ ଦେଖୁ ଦେଖୁ ନଜର ପଡ଼ିଲା ମଦଜନିତ ବିଶେଷ ଖବର ଉପରେ। ଜିଲ୍ଲା ପ୍ରଶାସନିକ ମୁଖ୍ୟମାନେ ବି କେଡ଼େ କୌତୁକିଆ ଚରିତ୍ରରେ ଅଭିନୟ କରିପାରନ୍ତି ଦେଖିଲେ ବଡ କୌତୂହଳ ଲାଗେ। ଗଣମାଧ୍ୟମ ସମ୍ମୁଖରେ ଏକ ବୈଠକରେ କିଛି କର୍ମଚାରୀଙ୍କ ସହ ବସି ଆଖିରେ ପଟି ବାନ୍ଧି ଚୋର ପୋଲିସ୍ ଖେଳ ଖେଳିବା ପରି ମନେ ହେଉଥିଲା। ଆମ ସରକାର ନୂଆ ମଦ କାଉଣ୍ଟର ଖୋଲିବା ନିମନ୍ତେ ଲାଇସେନ୍ସ ପ୍ରଦାନ କରିବାରେ ବହୁତ ଆଗଭର। ଅନେକ ଆବେଦନକାରୀଙ୍କ ମଧ୍ୟରୁ ଭାଗ୍ୟଶାଳୀ ବ୍ୟକ୍ତି ପାଇଁ ଖଣ୍ଡେ ଖଣ୍ଡେ ଚିରୁକୁଟି ସକାଶେ ରାଜ୍ୟର ପ୍ରଶାସନିକ ମୁଖ୍ୟମାନେ କିଛି ସମୟ ପାଇଁ ଭିନ୍ନ ଭୂମିକା ଗ୍ରହଣ କରିଥିଲେ। କାରଣ, ମଦ ହିଁ ଅନୀତି, ଅନ୍ୟାୟ,ଅନର୍ଥ, ଅବନତି ଏବଂ ହିଂସାର କାରଣ। ସତରେ କେହି କ'ଣ ଆଖିଖୋଲି ଏସବୁ କର୍ମକୁ ପ୍ରଶ୍ରୟ ଦେବେ କି ? କାରଣ ମଦ ନୈତିକତାକୁ ବିରୋଧ କରେ। ମଦ୍ୟପାନ କରୁଥିବା ବ୍ୟକ୍ତିର ସ୍ୱଭାବ ତଥା ଆଚରଣରେ ପରିବର୍ତ୍ତନ ଆଣିଥାଏ। ସେ ସେହି ସମୟ ପାଇଁ ପଥଭ୍ରଷ୍ଟ ହୋଇ ଅନେକ କୁକର୍ମ କରେ। ସଂସାରରେ ସମସ୍ତ ଅନୀତି କର୍ମ କବାଟ ବନ୍ଦ ଅଥବା ଅନ୍ଧାରୁଆ ଜାଗାରେ ହୁଏ। ଯେତକ କଳା କାରନାମା ଖୋଲାମେଲାରେ ହୁଏନାହିଁ। ସେଥିପାଇଁ ପ୍ରଶାସନିକମୁଖ୍ୟମାନଙ୍କର ବୋଧେ ଏଇ ଅବତାର। ଅନେକ ଆର୍ଥିକ ମଜଭୁତ ବ୍ୟକ୍ତିମାନେ ମଦ କାଉଣ୍ଟର ଖୋଲିବା ନିମନ୍ତେ ଲାଇସେନ୍ସ ଖଣ୍ଡକ ପାଇଁ କେତେକଣ ଟଙ୍କା ଖର୍ଚ୍ଚ କରିଥଲେ। ଭାଗ୍ୟବାନ ଲୋକଙ୍କୁ ଛାଡ଼ି ବାକି ସମସ୍ତଙ୍କ ଟଙ୍କା ପାଣିରେ ପଡ଼ିଲା। ଯେଉଁଠି ଶସ୍ତାରେ ବହୁ ତେଜରାତି, ଫାଷ୍ଟ ଫୁଡ୍ ଏବଂ ଜଳଖିଆ ଦୋକାନରେ ମଧ ମିଳୁଥିବା ଲୋକେ କହୁଛନ୍ତି। ରାସ୍ତାକଡ଼, ମଝିବିଲ, ନଈଘାଟ ଏବଂ ଆମ୍ବତୋଟାରେ ଚାଖଣା ସାଙ୍ଗରେ ଭାରି ମଜା। ବିଶେଷକରି ବାହାଘର ବରଯାତ୍ରୀଙ୍କ ପ୍ରଥମ ପ୍ରଶ୍ନ ପାଣିର ଆୟୋଜନ ହେଇଛି ତ ? ନ ହେଲେ କିଏ ବରଯାତ୍ରୀ ଯାଉଛି ! ଆଜିର ଯୁବକମାନଙ୍କ ଯେକୌଣସି ସାମାଜିକ କାର୍ଯ୍ୟକ୍ରମର ପ୍ରମୁଖ ଦାବି ମଦ୍ୟପାନୀୟ।



ସାରା ଓଡିଶାରେ ପ୍ରତି ଜିଲ୍ଲାରେ ନୂଆ ମଦ କାଉଣ୍ଟର ଖୋଲିବା ପାଇଁ ଅମୃତ ତୁଲ୍ୟ କ୍ଷୀରକୁ ଛାଡ଼ି ମଦ ପାଇଁ ଲୋକେ ବାଡାବାଡ଼ି ସେଠି ମଦ କାଉଣ୍ଟରଟେ ଖୋଲିବାର ସ୍ୱପ୍ନ ନେତାମନ୍ତ୍ରୀ, ତାଙ୍କ ନିଜ ଲୋକ ନଚେତ୍ ଧନିକ ଗୋଷ୍ଠୀଙ୍କ ରହିବା ଯଥାର୍ଥ। ମଦ ଲାଭ କେହି ଦେଇପାରିବେନାହିଁ। ବର୍ଷାଝଡ଼ି ହେଉକି ଝାଞ୍ଜିଖରା କି ହାଡ଼ଭଙ୍ଗା ଶୀତ ହେଉ, ସକାଳରୁ ପୁଣି ପାହାନ୍ତାଯାଏଁ କାଉଣ୍ଟର ପୂରାଜାମ୍। କାରଣ ଏଠି ମଦୁଆଙ୍କ ସଂଖ୍ୟା ଅଧିକ। ଅଷ୍ଟମ ଶ୍ରେଣୀରୁ କଲେଜ ପାଠୁଆଙ୍କ ଠାରୁ ଯୁବକଯାଏଁ ଅନେଶତ ପ୍ରତିଶତଙ୍କ ପାଇଁ ମଦ ଏକରକମର ନୈବେଦ୍ୟ। ଦି'ମୁଠା ଭାତ, କି ଦି'ପଟ ରୁଟି କମ୍ ହେଲେ ଚଳିବ, କିନ୍ତୁ ମଦରେ ପେଟ ଭରିବା ଦରକାର। ସମସ୍ତ ବଡ ବଡ କାର୍ଯ୍ୟକ୍ରମର ପ୍ରମୁଖ ଆଇଟମ ଭାବରେ କେଉଁଠି ମେନୁରେ ଲିଖିତ ଆକାରରେ ତ ଆଉ କେଉଁଠି ଲୁକ୍କାୟିତ ଭାବରେ ମଦ୍ୟ ପାନୀୟର ବ୍ୟବସ୍ଥା ସୁନିଶ୍ଚିତ। ବିନା ମଦରେ ସବୁ ଫିକା ପାଣିଚିଆ। ମଦ ଏବେ ଖୋଲାମେଲାରେ, ସରକାଙ୍କ ଦ୍ୱାରା ନିଷ୍ପତ୍ତିକୁ ପରିପୂରଣ କରିବାରେ ପ୍ରଶାସନିକମୁଖ୍ୟମାନେ ସଂକଳ୍ପବଦ୍ଧ। ସରକାଙ୍କ ଦ୍ୱାରା ଯେତେସବୁ ଉନ୍ନୟନମୂଳକ ଯୋଜନାର ଭିତ୍ତିପ୍ରସ୍ତରର ଶୁଭ ଦିଆଯାଉଛି,ସେଥିରୁ ନେତା,ମନ୍ତ୍ରୀ ତଥା ବିଭାଗୀୟ କର୍ମଚାରୀଙ୍କୁ ଖୁସି କରାଇବା ପାଇଁ ପାର୍ଟିର ବ୍ୟବସ୍ଥାକୁ ବାଦ୍ ଦେଇହେବନାହିଁ। ଆଜିକାଲିକା ପାର୍ଟିରେ ଖାଦ୍ୟ ଯାହା ହେଉନା କାହିଁକି ସେଥିରେ ବିଶେଷ ପାନୀୟର ଆବଶ୍ୟକତା ରହିଛି।

କଥାରେ ଅଛି- ଜୀବନରେ କ'ଣ ଅଛି, ଏଇ ଅଛି ଆରବେଳାକୁ କିଏ ଦେଖିଛି। ଖାଇପିଇ ଜୀବନକୁ ଉପଭୋଗ କର। ଆଜି ମଲେ କାଲି ଦୁଇଦିନ। ଏଗାର ଦିନ ଭୋଜି ପରେ କାହାକୁ କିଏ ମନେ ରଖୁଛି ନା ମନେ ପକାଉଛି। କେବଳ କାନ୍ଥରେ ଖଣ୍ଡେ ଲାମିନେଟେଡ୍ ଫଟୋ ଝୁଲେଇଦେଲେ କାମ ଶେଷ। ଏଇସନ ଓଡ଼ିଶା ସରକାଙ୍କ ଦ୍ୱାରା ୧୧୬୪ଟି ମଦ କାଉଣ୍ଟର ଖୋଲିବାକୁ ଲାଇସେନ୍ସ ପାଇଁ ନୋଟିସ ଜାରି କରାଯାଇଥିଲା । ୨୯୦୦୦ ଆବେଦନକାରୀ । ବିଦେଶୀ ମଦ କାଉଣ୍ଟର ପାଇଁ ୩ଲକ୍ଷ ଓ ଦେଶୀ ପାଇଁ ୨ଲକ୍ଷ, ଆବେଦନ ରାଶି ଯାହାକୁ ଫେରସ୍ତ ଦିଆଯିବ ନାହିଁ। ଲାଇସେନ୍ସ ଟେଣ୍ଡର ଆବେଦନରୁ ରାଜ୍ୟ ସରକାର ୮୪୦ କୋଟିର ଏକ ମୋଟାଅଙ୍କର ଅର୍ଥ ରାଶି ମାଗଣାରେ ରୋଜଗାର କରିଛନ୍ତି। ଏହା ସରକାରଙ୍କ ଦ୍ୱାରା ଏକ ବାର୍ଷିକ ବୃହତ୍ ଆର୍ଥିକ ଆମଦାନି ପ୍ୟାକେଜ କହିଲେ ଅତ୍ୟୁକ୍ତି ହେବନାହିଁ। ସତରେ ମଦ ପାଇଁ ଲୋକେ ଖାଇବା ଭୁଲିଯାଉଛନ୍ତି ! ଦାରିଦ୍ର୍ୟ ସୀମାରେଖା ତଳେ ବଞ୍ଚୁଥିବା ମଣିଷଗୁଡାକ ବି ମଦ ସେବନରେ ଆଗରେ। ମିଳୁଥିବା ରାସନ ଚାଉଳକୁ ବିକି ଲୋକ ଏବେ ପହଞ୍ଚି ଯାଉଛନ୍ତି ମଦ କାଉଣ୍ଟର ପାଖରେ। ଘରେ ତେଣିକି ଚୁଲି ଜଳୁକି ନ ଜଳୁ। କିଏ ଖାଉ କି ନ ଖାଉ କିନ୍ତୁ ମଦର ନିଶାରେ ମାତାଲ ଘରର ମୁଖିଆ। ବାସ୍ତବରେ, ଏ ମଦ ଜିନିଷର ମହତ୍ତ୍ୱ ଯୁଗେ ଯୁଗେ ସତେ ଯେପରି ରହିଛି। 'କି ଗଦ ଶୁଙ୍ଘେଇଛି କେଜାଣି ମଦ, ତା ବିନା ଜୀବନଟା ସତେ ଯେମିତ ମୂକ ଆଉ ବଧିର'। ମଦ ପେଇବାକୁ ଦେଲେ ମିଳନ୍ତି ବନ୍ଧୁ ଅନେକ । 'ମଦ ସଙ୍ଗେ ଟିକେ ମିଳିଲେ ଚାଖଣା ଯୁବାବୃଦ୍ଧ ସଭିଙ୍କୁ ଦିଶେ ଚଉଦ ବ୍ରହ୍ମାଣ୍ଡ'। ସରକାରଙ୍କୁ ଅଧିକ ରାଜସ୍ୱ କେବଳ ମିଳୁଛି ଅବକାରୀ ବିଭାଗରୁ। ମଦ ତଥା ନିଶା ଦ୍ରବ୍ୟରୁ ମିଳୁଥିବା ଆର୍ଥିକ ଅଭିବୃଦ୍ଧି ଯେଉଁଥିରେ ବିଭିନ୍ନ ସରକାରୀ ଯୋଜନାର ବ୍ୟୟ ବରାଦ କରାଯାଉଛି। ରାଜ୍ୟ ସରକାଙ୍କ ଦ୍ୱାରା ଦେଶୀ ମଦ ପ୍ରସ୍ତୁତି ପାଇଁ ଆବଶ୍ୟକ ଗବେଷଣା ଚାଲିଛି। ମାଣ୍ଡିଆ, ମହୁଲି, ଚାଉଳ ତଥା ଅନ୍ୟାନ୍ୟ ବନ୍ୟଜାତୀୟ ଫୁଲ-ଫଳ-ଚେରମୂଳ ଉପାଦାନରୁ ପ୍ରାକୃତିକ ଉପାୟରେ ଦେଶୀ ମଦପାନୀୟ ପ୍ରସ୍ତୁତି କରିବା ଦିଗରେ ସରକାର ଆଗ୍ରହର ସହ ପଦକ୍ଷେପ ନେଉଛନ୍ତି।

ମଦ୍ୟପାନୀୟର ଆରମ୍ଭର ନିର୍ଦ୍ଦିଷ୍ଟ ସମୟ ନିରୂପଣ କରିବା ଅସମ୍ଭବ। ଭାରତରେ ବୈଦିକ ଯୁଗର ପୂର୍ବରୁ ମଦ୍ୟପାନୀୟ ବିଷୟରେ ବର୍ଣନା କରାଯାଇଛି। ସୁରା ଏବଂ ସୋମ ରସ ବିଷୟରେ କିଛି ତଥ୍ୟ ମିଳେ। ଋଗ୍ ବେଦ ମୁତାବକ ସୋମ ରସକୁ ଏକ ପବିତ୍ର ପାନୀୟ ରୂପେ ବିଭିନ୍ନ ଧାର୍ମିକ ତଥା ମାଙ୍ଗଳିକ କାର୍ଯ୍ୟରେ ପାନ କରାଯାଏ। ଏହା ଫଳ ରସରୁ ପ୍ରସ୍ତୁତ ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ। ଅନ୍ୟ ପକ୍ଷରେ ସୁରା ରସକୁ ପ୍ରାଚୀନ ଭାରତର ଖାଦ୍ୟଶସ୍ୟ ଯଥା: ଚାଉଳ, ବାର୍ଲି,ଗହମ ଆଦିରୁ ପ୍ରସ୍ତୁତି କରାଯାଇଥାଏ। ଏହା ଏକ ପ୍ରକାର ମିଶ୍ରିତ ପାନୀୟ ଯାହାକୁ ରାଜକୀୟ ସମ୍ଭ୍ରାନ୍ତ ଏବଂ ଯୋଦ୍ଧାମାନଙ୍କୁ ପାନ କରିବାକୁ ଦିଆଯାଏ। ଶାରୀରିକ ଅଭିବୃଦ୍ଧି, ଶକ୍ତିଶାଳୀ ତଥା ସୁସ୍ଥତା ପାଇଁ ସୁରା ପାନ ଉପରେ ଗୁରୁତ୍ୱ ଦିଆଯାଉଥିଲା। ଚରକ ଏବଂ ସୁଶ୍ରୁତ ସଂହିତାରେ ମଦ୍ୟପାନୀୟକୁ ଔଷଧ ଭାବରେ ଗ୍ରହଣ କରାଯାଇଛି। ତାହା ପୁଣି ଏକ ନିର୍ଦ୍ଦିଷ୍ଟ ମାତ୍ରାରେ। ସମୟକ୍ରମେ ସୁରା ଏକ ରାଜକୀୟ ପାନୀୟ ଭାବରେ ନିଜର ପରିଚୟ ସୃଷ୍ଟି କଲା। ପୃଥିବୀର ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ବ୍ୟକ୍ତିମାନଙ୍କର ଏହା ବିଳାସମୟ ଜୀବନଯାପନର ଏକ ଅତ୍ୟାବଶ୍ୟକ ପ୍ରମୁଖ ପାନୀୟରୂପେ ପିଢି ପରେ ପିଢି ଗ୍ରହଣୀୟ ହୋଇଆସିଲା। ମଦିରା ପାନ ବା ମଦିରା ରସ ଏକ ବିଳାସମୟ ଉପାଦାନ ମଧ୍ୟରେ ଅନ୍ତର୍ଭୁକ୍ତ। ଧୀରେ ଧୀରେ ମାଦକ ପାନୀୟର ଚାହିଦା ବଢ଼ି ଚାଲିଲା। ଆର୍ଥିକ ସ୍ୱଚ୍ଛଳ ପରିବାର ଲୋକେ ପିଇବା ଆରମ୍ଭ କରିଥିବା ମଦ୍ୟପାନୀୟ ଧୀର ଧୀରେ ବହୁ ଖଟିଖିଆ ଦିନ ମଜୁରିଆ ତଥା ଆର୍ଥିକ ଦୁର୍ବଳ ବ୍ୟକ୍ତିଙ୍କର 'ଦୈନିକ ପାନୀୟ ଜଳ'ଭାବେ ଖୁବ୍ ଆଦର ଲାଭ କରିବା ଅନେକ ସମୟରେ ଚିନ୍ତା ପ୍ରକଟ କରେ। ନାରୀ,ଜୁଆ ଏବଂ ମଦ ସଂସାରର ସମସ୍ତ ଅନର୍ଥର କାରଣ। ମଦ ନିଶା ଥରେ ଘାରିଲେ ଦୁର୍ଘଟଣା, ଜୀବନହାନି, ଶରୀର କଷ୍ଟ ତଥା ପାରିବାରିକ ସମ୍ପର୍କକୁ ବିପର୍ଯ୍ୟସ୍ତ କରେ ତାକୁ ଅନୁଭବ କରି ମଧ ଏ ସଭ୍ୟସମାଜ ଅବୁଝା ? ପ୍ରତିଦିନ ଦୁର୍ଘଟଣା, ପାରିବାରିକ କଳହ, ଶାରୀରିକ ନିର୍ଯାତନା ସହ ଆର୍ଥିକ ଅବନତି ସତ୍ତ୍ୱେ ମଦର ମଜାରୁ କେହି ଦୂରେଇବାକୁ ଯେପରି ଇଚ୍ଛା ପ୍ରକାଶ କରୁନାହାନ୍ତି ସେପରି ଲକ୍ଷ୍ୟ କରାଯାଉଛି। ଆଗାମୀ ଭବିଷ୍ୟତରେ ନୂଆ ନୂଆ କାଉଣ୍ଟର ଖୋଲି ସାଧାରଣ ଜନତାଙ୍କୁ ସୁବିଧା ଯୋଗାଇ ଦେଲେ ଯୁବସମାଜ ସରକାରଙ୍କ ନିକଟରେ ଚିରଋଣୀ ରହିବେ। ମଦବିନା ଦେଶ ତଥା ରାଜ୍ୟର ଅସ୍ତିତ୍ୱ କାହିଁ ? ଏ ରାତିର ସକାଳ କେବେ ଆସିବ ହିଁ ନାହିଁ। ମଦମୁକ୍ତ ବିଶ୍ୱର ପରିକଳ୍ପନା ଏକ ମିଥ୍ୟା ପ୍ରହସନ,ଏପରି ହିଁ ମନେ ହେଉଛି।

ଦର୍ଶନ ବିଭାଗ ମୁଖ୍ୟ
ବିଏନ୍‌ଏମ୍ ଏ ମହାବିଦ୍ୟାଳୟ, ଭଦ୍ରକ
ମୋ -୮୮୯୫୩୪୧୦୩୩

# 'ହିଟ୍‌ୱେଭ' : ବିଗାଡୁଛି ଅଫିସରେ ମାନସିକ ସ୍ୱାସ୍ଥ୍ୟ

**ଡାକ୍ତର ସମ୍ରାଟ କର**

> "ପରିବେଶ ସହ ଆମ ମସ୍ତିଷ୍କର ସିଧା ସମ୍ପର୍କ ରହିଛି। ତେଣିକି ଜଣେ ଅଫିସରେ କାମ କରନ୍ତୁ କିମ୍ବା ଡାକ୍ତରଖାନା କିମ୍ବା ବାହାରେ ଆଖପାଖକୁ ଦେଖି ମୁଡ୍ ଆପଣଙ୍କୁ ପ୍ରସ୍ତୁତ କରିଥାଏ। ଏବଂ ମୁଡ୍ କାମର ଗୁଣବତ୍ତାକୁ ପ୍ରଭାବିତ କରିଥାଏ। ଶରୀର ଗରମ ସହ ଲଢ଼ିବାରେ ଏତେ ଶକ୍ତି ବିନିଯୋଗ କରିଥାଏ ଯେ ମାନସିକ ସ୍ୱାସ୍ଥ୍ୟ, ଜଳଶୁଷ୍କତା ଓ ନିଦର ଅଭାବ ହେବା ସ୍ୱାଭାବିକ। ଅନେକ ସମୟରେ ବ୍ୟକ୍ତିଙ୍କୁ ଏକଥା ମଧ ଜଣା ନଥାଏ ଯେ ସେମାନଙ୍କ ଥକ୍କା ପଣ ପଛର କାରଣ କ'ଣ ? ଅସଲ କଥା ହେଉଛି ଜଣଙ୍କର ରୁଟିନଟିଏ ଦେଖନ୍ତୁ। ବିଗତ ବିଳମ୍ବିତ ରାତିରେ ଶୋଇବା, ରାତିରେ ଯଦି ବିଦ୍ୟୁତ୍‌କାଟ ହେଲା ଏପଟ ସେପଟ ଅଧା ନିଦ ଭିତରେ ସକାଳ, ଠିକ୍ ସେ ନା ଜଳଖିଆ ବରଂ ଅଫିସ ଟାର୍ଗେଟ ଫାଇଲପତ୍ର ନେଇ କର୍ମକ୍ଷେତ୍ରରେ ପହଞ୍ଚିବା ବେଳକୁ ଜଣଙ୍କର ମାନସିକ ସ୍ୱାସ୍ଥ୍ୟ ଅସୁବିଧା ଜନକ ବାତାବରଣକୁ ପ୍ରାୟତଃ ସାମ୍ନା କରିଥାଏ।

ସୁମିତ, ଏବେ ଏକ ବହୁ ରାଷ୍ଟ୍ରୀୟ କମ୍ପାନୀର କ୍ଷେତ୍ରାଧିକାରୀ। ମୋ ସାଙ୍ଗରେ ସେ ପିଲା ଦିନରୁ ପଢୁଥିଲା। ତେବେ ଗତକାଲି ତା ସାନ ଭାଇ ନିମିତ୍ତ ଫୋନ କରି ବଡ଼ଭାଇର କ୍ରମାଗତ ଚିଡ଼ଚିଡ଼ା ପଣ ସମ୍ବନ୍ଧରେ ମୋ ପରାମର୍ଶ ଲୋଡ଼ିଲା। ସେ ଭାରି ବ୍ୟସ୍ତ ହୋଇ ପଡ଼ି କହୁଥାଏ ଯେ ଭାଇ ଅଫିସରୁ ଫେରିବା ପରେ ଘରେ ଚିଡ଼ଚିଡ଼ା ସ୍ୱଭାବରେ ରହୁଛନ୍ତି ଏବଂ ବେଳେ ବେଳେ ତାଙ୍କୁ ଚାପଗ୍ରସ୍ତ, ଅବସାଦଗ୍ରସ୍ତତା ଅବସ୍ଥାରେ ସାମ୍ନା କରୁଛୁ।

ମୁଁ ସୁମିତର ନିୟମିତ ସ୍ୱାସ୍ଥ୍ୟ ରୁଟିନ ସବୁ ବୁଝି ତାହା ହେଲଥ କାର୍ଡ଼ର ରିପୋର୍ଟର ଦେଖିଲି। ସେଥିରେ ସେମିତି କିଛି ବିଲକ୍ଷଣ ନ ଥିଲା। କଥା ହେଉଛି ବର୍ତ୍ତମାନ ଯେଉଁପରି ଖରାର ପ୍ରକୋପ ବଢୁଛି ଏହି ପ୍ରକୋପର ପରିଣାମ 'ହିଟ୍‌ୱେଭ' କେବଳ ଜଣଙ୍କର ଶରୀରର କ୍ଷତି କରୁନି ବରଂ ମାନସିକ କ୍ଷେତ୍ରକୁ ମଧ ପ୍ରଭାବିତ କରୁଛି। ଯାହାଦ୍ୱାରା ଅଫିସ ବା ଘର ଠାରୁ ବାହାରେ କାମ କରୁଥିବା ଅନେକଙ୍କ ଭିତରେ ଚିଡ଼ଚିଡ଼ାପଣ, ବିରକ୍ତି ଭାବନା ବଢ଼ି ଯାଇଥାଏ। ଯେତେବେଳେ ଜଣେ ଖରାଦିନ କଥା ନାଁ ଭାବିଲା ବେଳକୁ ତା ମନ ଭିତରେ ଏହି ଥକ୍କାପଣ, ଲୁ, ଅତ୍ୟଧିକ ଝାଳ ବା ଶରୀରରେ ଜଳ ଶୁଷ୍କତା କଥା ମନକୁ ଆସିଥାଏ। ଅନେକ ଜଣଙ୍କର ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଗୁରୁତ୍ୱ ଦେଇନଥାନ୍ତି।

ବିଶ୍ୱବିଖ୍ୟାତ ସ୍ୱାସ୍ଥ୍ୟ ଭିତ୍ତିକ ପତ୍ରିକା 'ଲାନସେଟ'ର ତଥ୍ୟ ଅନୁଯାୟୀ ଏବେକାର ଗ୍ଲୋବାଲ ୱାର୍ମିଂ ବଢ଼ି ଚାଲିଥିବାବେଳେ ଗରମରୁ ନୂଆ ନୂଆ ସମସ୍ୟା ଜନ୍ମ ହେବାରେ ଲାଗିଛି ଯାହା ଆମ ଶରୀର ଠାରୁ ଅଧିକ ମସ୍ତିଷ୍କ ଓ କର୍ମକ୍ଷେତ୍ର ଅଫିସ ଜୀବନକୁ ପ୍ରଭାବିତ କରୁଛି। ବର୍ତ୍ତମାନର ଭୀଷଣ ଗରମ କେବଳ ଏହା ଅନେକ ଶାରୀରିକ ସମସ୍ୟା ସୃଷ୍ଟି କରୁଛି। ଅତ୍ୟଧିକ ଗରମ ସେପଟେ ଅଫିସର କାର୍ଯ୍ୟଚାପ, ନିର୍ଦ୍ଦିଷ୍ଟ ଟାସ୍କ ପୂରଣ ପାଇଁ ଟାର୍ଗେଟ, ଘରର ଚାପ ଏସବୁ ଜଣକୁ ଚିଡ଼ଚିଡ଼ା କରିଦେଇଥାଏ। ଭାରତ ପରି ଏକ ଜନବହୁଳ ରାଷ୍ଟ୍ରରେ ଗରମ ଦିନରେ ସ୍ୱାସ୍ଥ୍ୟକ୍ଷେତ୍ର ଅନେକ ଭାବରେ ଚିନ୍ତାଜନକ ହୋଇଯାଏ। ଉତ୍ତପ୍ତ ସହର ଭିତରେ ଗରମ ପବନ, ରାସ୍ତାର ଭିଡ଼, ବିଦ୍ୟୁତ୍ କାଟ, କାଳବୈଶାଖୀ, ଅଫିସରେ ଦୀର୍ଘ ସମୟ ବସିବା ଏହିପରି ଜୀବନଯାତ୍ରା ଅନେକଙ୍କୁ ଚିଡ଼ଚିଡ଼ାପଣ ଭିତରକୁ ଠେଲି ଦେଉଛି। ତେବେ ଦୁଃଖଦ କଥା ଏହା ଯେ ଏହା ସେମାନଙ୍କୁ 'ଇମୋସନାଲ ବର୍ଣ୍ଣଆଉଟ' ଆଡ଼କୁ ଠେଲିବାରେ ଲାଗିଛି।

ଆମ ଶରୀର ଏକ ନିଶ୍ଚିତ ତାପମାତ୍ରାରେ ଠିକ୍ ଭାବେ କାମ କରିଥାଏ ଯେତେବେଳେ ଅଧିକ ଗରମ ହୁଏ ଶରୀର ତାପମାତ୍ରାକୁ ସ୍ଥିର ରଖିବା ପାଇଁ ଝାଳ ବାହାର କରିବା ସହିତ ରକ୍ତସଞ୍ଚାଳନ ଓ ହୃଦସ୍ପନ୍ଦନ ବଢ଼ାଇଥାଏ। ଏସବୁ କରିବା ପାଇଁ ଶରୀରକୁ ଅଧିକ ଶକ୍ତି ଖର୍ଚ୍ଚ କରିବାକୁ ପଡ଼ିଥାଏ ଯାହାର ସିଧାସଳଖ ପ୍ରଭାବ ମସ୍ତିଷ୍କ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପଡ଼ିଥାଏ। ଅଧିକ ତାପମାତ୍ରା ଜଣଙ୍କର ସ୍ମରଣ ଶକ୍ତି ପ୍ରତିକ୍ରିୟା ସମୟ ଓ ଭାବନା ଉପରେ କାବୁ ରଖିବାର କ୍ଷମତାକୁ ଦୁର୍ବଳ କରିଦେଇଥାଏ। ଏହି କାରଣରୁ ଧରାବନ୍ଧା ନିତିଦିନିଆ ଧାଁ ଧଉଡ଼ ଜୀବନ ବିତାଉଥିବା କର୍ମଚାରୀମାନେ ମାନସିକ ଭାବେ କେବଳ ଥକି ପଡ଼ିନଥାନ୍ତି । ବରଂ ତାଙ୍କ ଭିତରେ ଅଧୈର୍ଯ୍ୟପଣ ବଢ଼ିଯାଏ। ସହରାଞ୍ଚଳ କଥା ଦେଖନ୍ତୁ। କାଳ ବୈଶାଖୀ ହେଉ ବା ନିୟମିତ ବିଦ୍ୟୁତ୍ କାଟ ଏହି ସମସ୍ୟା ପାଇଁ ପ୍ରାୟ ଲୋକ ରାତିରେ ଶାନ୍ତିରେ ଶୋଇପାରିନଥାନ୍ତି। ଅଧା ନିଦ ପରଦିନ ପାଇଁ ମୁଡ୍, ଚିନ୍ତାକୁ ସହିବାର ଶକ୍ତି ଓ ନିଷ୍ପତ୍ତି ନେବାର କ୍ଷମତାକୁ ବିଗାଡ଼ି ଦେଇଥାଏ। ଯଦି ବ୍ୟକ୍ତି ପୂର୍ବରୁ କୌଣସି ପ୍ରକଳ୍ପର ଡେଡ୍ ଲାଇନ, ଟାର୍ଗେଟ ପଏଣ୍ଟ, ଆର୍ଥିକ ମାନ୍ଦାବସ୍ଥା ଓ ଅଫିସ ବିବାଦ ସହ ଲଢୁଥାନ୍ତି ତେବେ ଗରମ ସେ ସବୁକୁ ବହୁ ଗୁଣା ବଢ଼ାଇ ଦେଇଥାଏ ସେମାନଙ୍କର ମାନସିକ କ୍ଷେତ୍ରକୁ।

ପରିବେଶରେ ଆମ ମସ୍ତିଷ୍କ ସହ ସିଧା ସମ୍ପର୍କ ରହିଛି। ତେଣିକି ଜଣେ ଅଫିସରେ କାମ କରନ୍ତୁ କିମ୍ବା ଡାକ୍ତରଖାନା କିମ୍ବା ବାହାରେ ଆଖପାଖକୁ ଦେଖି ମୁଡ୍ ଆପଣଙ୍କୁ ପ୍ରସ୍ତୁତ କରିଥାଏ। ଏବଂ ମୁଡ୍ କାମର ଗୁଣବତ୍ତାକୁ ପ୍ରଭାବିତ କରିଥାଏ। ଶରୀର ଗରମ ସହ ଲଢ଼ିବାରେ ଏତେ ଶକ୍ତି ବିନିଯୋଗ କରିଥାଏ ଯେ ମାନସିକ ସ୍ୱାସ୍ଥ୍ୟ, ଜଳଶୁଷ୍କତା ଓ ନିଦର ଅଭାବ ହେବା ସ୍ୱାଭାବିକ। ଅନେକ ସମୟରେ ବ୍ୟକ୍ତିଙ୍କୁ ଏକଥା ମଧ ଜଣା ନଥାଏ ଯେ ସେମାନଙ୍କ ଥକ୍କାପଣ ପଛର କାରଣ କ'ଣ ? ଅସଲ କଥା ହେଉଛି ଜଣଙ୍କର ରୁଟିନଟିଏ ଦେଖନ୍ତୁ। ବିଗତ ବିଳମ୍ବିତ ରାତିରେ ଶୋଇବା, ରାତିରେ ଯଦି ବିଦ୍ୟୁତ୍‌କାଟ ହେଲା ଏପଟ ସେପଟ ଅଧା ନିଦ ଭିତରେ ସକାଳ, ଠିକ୍ ସେ ନା ଜଳଖିଆ ବରଂ ଅଫିସ ଟାର୍ଗେଟ ଫାଇଲ ପତ୍ର ନେଇ କର୍ମକ୍ଷେତ୍ରରେ ପହଞ୍ଚିବା ବେଳକୁ ଜଣଙ୍କର ମାନସିକ ସ୍ୱାସ୍ଥ୍ୟ ଅସୁବିଧା ଜନକ ବାତାବରଣକୁ ପ୍ରାୟତଃ ସାମ୍ନା କରିଥାଏ। ତେଣୁ ଏହି ମାନସିକ ଭାବନା ନିଶ୍ଚିତ ଭାବରେ ହିଟ୍‌ୱେଭ ପରିବେଶକୁ ଆହୁରି ଗରମ କରିଦେଉଛି ତେବେ ଏ ସବୁରୁ ବର୍ତ୍ତିବା ପାଇଁ ସେପରି କିଛି ବିରାଟ ବଡ଼ କାମ କରିବାକୁ ପଡ଼ିବ ନାହିଁ।

ସର୍ବପ୍ରଥମେ ଏହା ପାଇଁ ଆପଣଙ୍କର ସକାରାତ୍ମକ ଦୃଢ଼ ମାନସିକତା ଜରୁରୀ। ଏଥିରୁ ନିବୃତ୍ତ ହେବା ପାଇଁ ଭଲ ଅଭ୍ୟାସ ହେଉଛି ନିଜ ଅଫିସ କାମ ଓ ଘର ଏ ଦୁଇଟିକୁ ଦେଖି ନିଜ ରୁଟିନଟିଏ ତିଆରି କରନ୍ତୁ। ସକାଳୁ ପ୍ରାତଃ ଭ୍ରମଣ, ଯୋଗାଭ୍ୟାସ ଖୁବ ଭଲ। ସୁଷମ ଖାଦ୍ୟ ଖାଆନ୍ତୁ, ନିର୍ଦ୍ଧାରିତ ସମୟରେ ଖାଇବା ଓ ବିଶ୍ରାମ ସମୟ ରଖନ୍ତୁ। ଅଫିସ କାର୍ଯ୍ୟରେ ଥିଲେ ଲଞ୍ଚ୍ ପରେ କିଛି ସମୟ ବିଶ୍ରାମ ନିଅନ୍ତୁ। ସେପରି ଜରୁରୀ କାମ ନଥିଲେ ହିଟ୍‌ୱେଭ ସମୟରେ ବାହାରକୁ ନ ଯିବା ଭଲ। ପର୍ଯ୍ୟାପ୍ତ ବିଶୁଦ୍ଧ ପାଣି ପିଅନ୍ତୁ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ବଜାରର କୋଲଡ୍ରିଙ୍କସ ଠାରୁ ଘରୋଇ ପ୍ରସ୍ତୁତ ପାନୀୟ ଖୁବ ଭଲ। ଗରମ ଦିନ ହୋଇଥିଲେ ମଧ ଖାଇବା ଦିଗକୁ ଭଲ ଭାବେ ସମୟ ଦିଅନ୍ତୁ ଏବଂ ଗ୍ରୀଷ୍ମ ଋତୁ ଜାତୀୟ ଫଳ ଶରୀର ପାଇଁ ଖୁବ ଭଲ। କର୍ମକ୍ଷେତ୍ରରେ କିଛି ସମୟ ମୋବାଇଲ ଦେଖିବା ବ୍ୟତୀତ ସହକର୍ମୀଙ୍କ ସହ ସମୟ ବିତାନ୍ତୁ।

ସବୁଠାରୁ ବଡ଼ କଥା ହେଉଛି ଅଫିସ କାମ ଅଫିସରେ, ଘର କାମ ଘରେ। ଏହି ନୀତିଟି ଭଲ ଭାବେ ସୁପରିଚାଳନା କରନ୍ତୁ। ହୋଇପାରେ ଅଫିସର ଫାଇଲ ପତ୍ର କାର୍ଯ୍ୟ ଘରେ ବି ଦେଖିବାକୁ ବା ପରିଚାଳନା କରିବାକୁ ପଡ଼ିପାରେ କିନ୍ତୁ ଏ ସବୁ ଭିତରେ ଏହା ଯେପରି ଆପଣଙ୍କ ମାନସିକ କ୍ଷେତ୍ରକୁ ପ୍ରଭାବିତ ନ କରେ ସେ ଦିଗକୁ ଦେଖନ୍ତୁ। ଗ୍ରୀଷ୍ମ ବଢୁଛି, ଅସହ୍ୟ ତାତି, ଝାଞ୍ଜି ପରିବେଶ ବେଳେ ବେଳେ ଘରକୁ ତତଲା ତାୱା ଭିତରକୁ ଠେଲି ଦେଉଛି କିନ୍ତୁ ଅଧିକ ସମୟ ଏସି ବ୍ୟବହାର ନ କରିବା ଭଲ। ପ୍ରତ୍ୟୁଷରୁ ପ୍ରାତଃ ଭ୍ରମଣରେ ସବୁଜ ପରିବେଶ ମାନସିକ ସକାରାତ୍ମକ କ୍ଷେତ୍ରକୁ ଏକ ଉର୍ଜ୍ଜା ଦେଇଥାଏ। ହିଟ୍‌ୱେଭ ସମୟରେ ମାନସିକ ଭାବନାକୁ ନେଇ ନିଜେ ସେପରି କିଛି ଭାବନ୍ତୁ ନାହିଁ। କିଛି ମାନସିକ ସମସ୍ୟା ଉପୁଜିଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରନ୍ତି। ତେବେ ଏକ୍ଷେତ୍ରରେ ନିକଟତମ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯେଉଁ ସମୟରେ ପୀଡ଼ିତ ଜଣଙ୍କ ବିଶେଷକରି ଚିଡ଼ଚିଡ଼ାପଣ ଦେଖାଉଛନ୍ତି ସେ ସମୟରେ ତାଙ୍କୁ କୌଣସି ଜବାବ ନ ଦେଇ ବରଂ ବୁଝାଇ ସ୍ୱାଭାବିକ କରନ୍ତୁ। ତେଣୁ ହିଟ୍‌ୱେଭର ପ୍ରଭାବକୁ ପ୍ରତିହତ କରିବା ପାଇଁ ମାନସିକ ଭାବନାକୁ ସକାରାତ୍ମକ କଲେ ଏହା କୌଣସି ଚିନ୍ତାଜନକ ହେବନାହିଁ।

କଟକ, ମୋ : ୯୧୩୨୪୩୩୩୩୩

## ପୋଖରୀ ପୁନରୁଦ୍ଧାରକୁ ନେଇ ଜନ ଅସନ୍ତୋଷ
## ପୌର ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ଲୋକେ

ବଲାଙ୍ଗିର,(ନିପ୍ର): ବଲାଙ୍ଗିର ସହର ୱାର୍ଡ ନଂ.୧୦ ସ୍ଥିତ ଗେଟସରୋବର ବନ୍ଧର ପୁନରୁଦ୍ଧାର କାର୍ଯ୍ୟକୁ ନେଇ ବ୍ୟାପକ ଜନଅସନ୍ତୋଷ ଦେଖାଦେଇଛି । ଏନେଇ ଅଂଚଳବାସୀ ପୌର ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ



କରାଯାଇଛି ଯେ ବନ୍ଧର ପଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି କିନ୍ତୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ମାଟି ଖନନ କରାଯାଇପାରିନାହିଁ । କେବଳ ବନ୍ଧଆଡି ପାର୍ଶ୍ୱରେ ଥିବା ମାଟି ଖନନ କରାଯାଇ ସେହି ପାଖରେ ହିଁ ପକାଇ ଦିଆଯାଇଛି । ମାଟିକୁ ସ୍ଥାନାନ୍ତରଣ କରିବା ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇନାହିଁ । ପାଣିପାଗ ବିଶେଷଜ୍ଞଙ୍କ ମତନୁଯାୟୀ ଖୁବ୍‌ଶିଘ୍ର ମୌସୁମୀ ବର୍ଷା ହୋଇପାରେ । ବର୍ଷା ହେଲେ ମାଟି ସବୁ ପୁନର୍ବାର ବନ୍ଧ ଭିତରକୁ ଚାଲି ଆସିବ ।

ସୂଚନାଯୋଗ୍ୟ ଯେ ଏହି ବନ୍ଧ ଉପରେ ଗେଟସରୋବରପଡା, ସୁଦପଡା, ଖଦାଲପଡା, କଂସାରିପଡା ଓ ରବିଦାସ ନଗରର ହଜାର ହଜାର ବାସିନ୍ଦା ସ୍ନାନ ପାଇଁ ଏ ପୋଖରୀ ଉପରେ ନିର୍ଭରଶୀଳ । ପୌରପରିଷଦର ଏଭଳି ଉଦାସିନତା କାର୍ଯ୍ୟକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି । ତେଣୁ ତୁରନ୍ତ ଖନନ କରାଯାଇଥିବା ମାଟି ବର୍ଷା ପୂର୍ବରୁ ସ୍ଥାନାନ୍ତରଣ କରିବା ପାଇଁ ଲୋକେ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ କରିବା ସମୟରେ ପଶ୍ଚିମ ଓଡିଶା ଲକ୍ଷେ ଘର ଗଣ୍ଡା ସମାଜର ସଭାପତି ଓମ୍ ପ୍ରକାଶ କୁମ୍ଭାର, ସୀତାରାମ କୁମ୍ଭାର, ଅଶୋକ ହରପାଲ, ପ୍ରକାଶ ରାୟ, ଦିଲିପ କୁମ୍ଭାର ଓ ଫଣିନ୍ଦ୍ର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ ।

## ରାୟଗଡା: ଅଭିଯୋଗ ଶୁଣାଣି ଶିବିର

ଗୁଣପୁର,(ନି:ପ୍ର): ଗୁଣପୁର ଉପ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରାସାଦ, ଡି.ଏଫ. ଓ ସଚିନ୍ ଆନ୍ନା ସାହେବ ଓହୋଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଶାନ୍ତ ମିଶ୍ର, ,ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ୍ ଅଭିଷେକ ଦିଲୀପ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ଯୋଗଦେଇ ୨୦ ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ବ୍ୟକ୍ତିଗତ ୫ ଟି ଏବଂ ୧୫ ଟି ସାମୂହିକ ଅଭିଯୋଗ ଦରଖାସ୍ତ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ଜଣଙ୍କୁ




ରେଡ୍‌କ୍ରସ ତରଫରୁ ଚିକିତ୍ସା ପାଇଁ ପାଞ୍ଚହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଉପଖଣ୍ଡ ଆରକ୍ଷୀ ଅଧିକାର ବାବୁଲି ନାୟକ,ଗୁଣପୁର ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ତହସିଲଦାର ଲୀଳାବତୀ ଆଚାର୍ଜୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଧନଞ୍ଜୟ ବେହେରା,ଏସ ଓ ପ୍ରଦୀପ୍ତ କୁମାର ଦଳାଇ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତାବେହେରା,ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆସିଥିବା ଅଭିଯୋଗ ଗୁଡିକ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ଯୋଗଦାନ

**ଗୋଲାମୁଣ୍ଡା,(ନିପ୍ର):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚିଚିଆ ଉଚ୍ଚ ବିଦ୍ୟାଳୟରେ ଗତକାଲି ରୁକ୍ଷଦେବ ମାଝୀ ନୂତନ ପ୍ରଧାନ ଶିକ୍ଷକ ରୂପେ ଯୋଗଦାନ କରିଛନ୍ତି । ସେ ପୂର୍ବରୁ ବୃନ୍ଦାବାହାଲ ଉଚ୍ଚ ବିଦ୍ୟାଳୟରେ ୨୦୨୧ ମସିହାରୁ ସହକାରୀ ଶିକ୍ଷକ ରୂପେ କାର୍ଯ୍ୟ ତୁଲାଇ ଆସୁଥିଲେ । ସହକାରୀ ଶିକ୍ଷକରୁ ପ୍ରଧାନ ଶିକ୍ଷକ ରୂପେ ପଦୋନ୍ନତି ହେବାପରେ ତାଙ୍କୁ ଚିଚିଆ ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇଛି । ବହୁ ଦିନରୁ ଉକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ସହକାରୀ ଶିକ୍ଷକ ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ ପରିଚାଳନା କରିଆସୁଥିଲେ ।

**ବୁଗୁଡ଼ା:** ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ହାଇସ୍କୁଲରେ ନୂତନ ପ୍ରଧାନଶିକ୍ଷକ ପଦବୀ ପୂରଣ ପ୍ରକ୍ରିୟାରେ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଛନ୍ତି । ବୁଗୁଡ଼ା ପିପୁଲ୍ଲ ହାଇସ୍କୁଲରୁ ପଦୋନ୍ନତି ପାଇ ପ୍ରଧାନଶିକ୍ଷକ କ୍ୟାଡରଭୁକ୍ତ ହୋଇଥିବା ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ଼ଙ୍କୁ ବାଲିପଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି ।ନୂତନ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ଅବସରରେ ଶ୍ରୀ ଗୌଡ଼ଙ୍କୁ ବାଲିପଦର ଅଞ୍ଚଳର ଅଭିଭାବକ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଛି ।

# ୱାଟର ମେସିନ ଅଚଳ, ଲୋକେ ନିରାଶ

ରାୟଗଡା,(ନି:ପ୍ର): ୱାଟର ମେସିନ ଅଚଳ, ପିଇବାକୁ ମିଳୁନି ଲୋକଙ୍କୁ ପାଣି, ଶୋଷରେ ଲୋକେ ଡହଳ ବିକଳ । ଖରାଦିନ ୪୨° ତାପମାତ୍ରାରେ ଲୋକେ ସିଝୁ ଥିବା ବେଳେ ଅସହ୍ୟ ଗରମରେ କଲବଲ ହୋଇ ଶୋଷ ମେଣ୍ଟାଇବା ପାଇଁ ଜଳପାନ କରିଥାଆନ୍ତି । କିନ୍ତୁ ରାୟଗଡା ପୌରପାଳିକା ପକ୍ଷରୁ ସହରର କେତେକ ଜନ ଗହଳି ପୂର୍ଣ୍ଣ ସ୍ଥାନଗୁଡ଼ିକରେ ଲୋକଙ୍କ ସୁବିଧା ପାଇଁ ସ୍ଥାପନ କରାଯାଇଛି ୱାଟର ମେସିନ, ହେଲେ ଅଧିକାଂଶ ସ୍ଥାନରେ ଏହି ସ୍ଥାପନ କରାଯାଇଥିବା ୱାଟର ମେସିନ ବା ଏହାର ସୁଇଚ ଖୋଲିଲେ ନିର୍ଗତ ହୋଇଥାଏ ଥଣ୍ଡା ପାନୀୟ ଜଳ । କିନ୍ତୁ ସହରର ଅଧିକାଂଶ ସ୍ଥାନରେ ସ୍ଥାପିତ ଉକ୍ତ ମେସିନ ଗୁଡିକରୁ ପାନୀୟ ଜଳ ନିର୍ଗତ ହେଉନଥିବାରୁ ଲୋକେ ଶୋଷରେ ନିରାଶ ହୋଇ ନିକଟ କୌଣସି ଏକ ଦୋକାନରୁ ମାତ୍ର ୨୦ ବା ୩୦ ଟଙ୍କା ବ୍ୟୟ କରି ଥଣ୍ଡା ପାଣି କିଣି ତୃଷ୍ଣା ନିବାରଣ କରିଥାନ୍ତି ।

ଉଦାହରଣ ସ୍ୱରୂପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରହିଥିବା ୱାଟର ମେସିନଟି ଅଚଳ ହୋଇପଡ଼ିଥିବାରୁ ଏଥିରୁ ପାଣି ବାହାରୁ ନ ଥିବାରୁ ଲୋକେ ନିରାଶ । ଖବର ନେବାରେ ଜଣା ପଡିଛି ଯେ ସହରରେ ସ୍ଥାପନ କରାଯାଇଥିବା ଅଧିକାଂଶ ୱାଟର ମେସିନ ଅଚଳ ଅବସ୍ଥାରେ ରହିଥିବାରୁ ଦୂରଦୁରାନ୍ତରୁ କୌଣସି ସରକାରୀ ବା ବ୍ୟବସାୟିକ କାର୍ଯ୍ୟରେ ଆସୁଥିବା




ଲୋକେ ଖରାଦିନେ ପ୍ରବଳ ଶୋଷ ଅନୁଭବ କରିଥାନ୍ତି ଆଉ ଲୋକେ ପାଣି ଖୋଜିଥାଆନ୍ତି ପିଇବା ପାଇଁ । ହେଲେ ସହରର କେତେକ ସ୍ଥାନରେ ସ୍ଥାପିତ ଉକ୍ତ ୱାଟର ମେସିନ ଗୁଡିକ ଅଚଳ ହେଇ ପଡିଥିବାରୁ ସେଥିରୁ ପାଣି ମିଳିନଥାଏ, ଶେଷରେ ଲୋକେ ନିରାଶ ହୋଇ ନିକଟସ୍ଥ କୌଣସି ଦୋକାନରୁ ପାଣି କିଣି ଶୋଷ ମେଣ୍ଟେଉଥିବା ଲକ୍ଷ୍ୟ କରାଯାଇଛି ।

ଅନ୍ୟପକ୍ଷେ ଏ ବିଷୟରେ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ । ଏଣୁ ଲୋକେ ପିଇବା ପାଇଁ ଅଚଳ ୱାଟର ମେସିନରୁ ପାଣି ନପାଇ ପାଣି କିଣି ଖର୍ଚ୍ଚାନ୍ତ ହେଉଥିବା କହିଛନ୍ତି ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆଉ କେତେକ ସରକାରୀ କାର୍ଯ୍ୟାଳୟ ସମେତ ରାଜ୍ୟ ପରିବହନ କାର୍ଯ୍ୟାଳୟ ମଧ୍ୟ ରହିଛି । ଏଣୁ ଆଖପାଖ ଗ୍ରାମରୁ ବିଭିନ୍ନ କାର୍ଯ୍ୟ ନେଇ ଲୋକେ ଆସିଥାଆନ୍ତି ସହରକୁ । ସମ୍ପ୍ରତି ଚାଲିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ଆଉ ଅସହ୍ୟ ଖରା ତାତିରେ ଲୋକେ ପ୍ରବଳ ଶୋଷ ଅନୁଭବ କରି ପାଣି ମୁନ୍ଦିଏ ପିଇବା ପାଇଁ ୱାଟର ମେସିନ ନିକଟକୁ ଥଣ୍ଡା ପାଣି ପିଇବା ଆଶା ନେଇ ଯାଇଥାନ୍ତି । କିନ୍ତୁ ଅନ୍ୟପକ୍ଷେ ପୌରପାଳିକା କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ବାରମ୍ଵାର ଅବଗତ କରାଯାଇଥିଲେ ମଧ୍ୟ ପୌରପାଳିକା ପକ୍ଷରୁ ୱାଟର ମେସିନ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଏହି କାରଣରୁ ସଚେତନ ନାଗରିକଗଣ ତୁରନ୍ତ ଏହି ୱାଟର ମେସିନ ଗୁଡିକୁ ସଜାଡ଼ିବା ପାଇଁ ଦାବି କରିଛନ୍ତି ।

ଏପଟେ ଅନେକ ସ୍ଥାନରେ ରହିଥିବା ଜଳଛତ୍ରରେ ରଖାଯାଇଥିବା ପାଣି ମାଠିଆ ଖାଲି ପଡ଼ିଥିବା ଅଭିଯୋଗ ମଧ୍ୟ ଶୁଣିବାକୁ ମିଳୁଛି । ଲୋକେ ଶୋଷରେ ଆଉଟୁପାଉଟୁ ହେଉଥିବା ଦୁଃଖ ଆଉ ପରିତାପର ବିଷୟ ବୋଲି ରାୟଗଡା ବିଧାୟକ କହିଛନ୍ତି । ତେଣୁ ଏସବୁର ଶୀଘ୍ର ମରାମତି କରାଗଲେ ଲୋକେ ଉପକୃତ ହେବେ ।

## ଦ୍ୱୀପାଞ୍ଚଳରେ ଯୋଗାଣ ବିଭାଗ ନିଷ୍କ୍ରିୟ
# ସାମଗ୍ରୀ ହଡପ ପାଇଁ ମସୁଧା !

କୃଷ୍ଣପ୍ରସାଦ,(ନିପ୍ର): କୃଷ୍ଣପ୍ରସାଦ ବ୍ଲକରେ ଯୋଗାଣ ବିଭାଗର ନିଷ୍କ୍ରିୟତା ଯୋଗୁଁ ସାମଗ୍ରୀ ବଣ୍ଟନରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହେଉଛି । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଉଦ୍‌ଘାଟନ ବିଳମ୍ବ ହେଉଥିବା ବେଳେ ଯୋଗାଣ ସହାୟକଙ୍କ ନିକଟରେ ପଡ଼ି ରହିଥିବା ଚାଉଳ ପୋକରା ହେବାକୁ ଯାଉଛି । ଯୋଗାଣ ସାମଗ୍ରୀକୁ ହଡ଼ପ କରିବା ପାଇଁ ସୁଯୋଗ ଖୋଜୁଛି ବିଭାଗୀୟ ବ୍ଲକ ଅଧିକାରୀ । ବ୍ଲକରେ ୨୧ ହଜାର ୪୧୨ କାର୍ଡ ରହିଛି । ସେଥିମଧ୍ୟରୁ ୧୮ ହଜାର ୬୨୨ ପିଏଚ୍‌ଏଚ୍ କାର୍ଡ, ୧୯୬୦ ଅନ୍ତୋଦୟ ଅନ୍ନପୂର୍ଣ୍ଣା କାର୍ଡ ଓ ୮୩୦ ଏସଏଫଏସଏସ ଅଟେ । ୨୩୦୧ ନୂତନ ରାସନ କାର୍ଡ ହୋଇଛି । ୧୧୫୨ କାର୍ଡରେ ୩୯୯୧ ଜଣ ଅଯୋଗ୍ୟ ହିତାଧିକାରୀ ସରକାରଙ୍କ ରାସନ ସାମଗ୍ରୀ ହରିଲୁଟ କରୁଥିବା ଅଭିଯୋଗରେ ସେମାନଙ୍କ ରାସନ କାର୍ଡକୁ ବାଦ୍ ଦିଆଯାଇଛି । ପ୍ରତ୍ୟେକ ମାସରେ ରାସନ କାର୍ଡଧାରୀଙ୍କ ପାଇଁ ୪୨୨୭ କ୍ୱିଣ୍ଟାଲ ୧୦ କେଜି ଚାଉଳ ଓ ୩୨୮୫.୪୮ ଲିଟର କିରୋସିନି ଯୋଗାଇ ଦିଆଯାଉଛି । ସରକାର ଏପ୍ରିଲ, ମେ ଓ ଜୁନ୍ ତିନି ମାସର ମାଗଣା ଚାଉଳ ରାସନକାର୍ଡ ଧାରୀଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପ୍ରିଲ, ମେ ମାସ ଶେଷ ହୋଇ ଜୁନ୍ ମାସ ଅଧା ହେବାକୁ ଯାଉଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଚାଉଳ ବଣ୍ଟାଯାଇନି । ତିନି ମାସର ସାମଗ୍ରୀ ବାଣ୍ଟିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଜାଣିଶୁଣି ବିଳମ୍ବ କରି ଗୋଟିଏ ମାସର ହିତାଧିକାରୀଙ୍କୁ ଭୁଲାଇବା ପାଇଁ ଚେଷ୍ଟା ଚାଲିଛି । ପ୍ରତିବର୍ଷ ଦଶହରା ସମୟରେ ଗୋଟିଏ ମାସର ସାମଗ୍ରୀ ନ ଦେଇ ହରିଲୁଟ କରୁଥିବାର ନଜିର ମଧ୍ୟ ରହିଛି । ତିନି ମାସର କିରୋସିନି ଆସି ନ ଥିବାରୁ ଯୋଗାଣ ବିଭାଗ ଉପରୁ ରାସନ କାର୍ଡଧାରୀଙ୍କ ଭରସା ତୁଟିଯାଇଛି । ପୂର୍ବରୁ ଯୋଗାଣ ସହାୟକଙ୍କ ଦ୍ୱାରା ସାମଗ୍ରୀ ହଡ଼ପ ନେଇ ଅଭିଯୋଗ ହୋଇଥିବା ନଜିର ରହିଛି । ସହାୟକମାନେ କୋଟା ହଡ଼ପ ଆଶାରେ ଜାଣିଶୁଣି ବିଳମ୍ବ କରୁଥିବା ଚର୍ଚ୍ଚା ହେଉଛି । ଠିକ୍ ସମୟରେ ରାସନ କାର୍ଡଧାରୀଙ୍କ ବୟୋମେଟ୍ରିକରେ ଫିଙ୍ଗର ପ୍ରିଣ୍ଟ ଦେବାରେ ବିଳମ୍ବ ନେଇ ରାସନ ସାମଗ୍ରୀ ହଡ଼ପ ଆଶାରେ ସହାୟକମାନେ ଚଞ୍ଚକତା କରୁଥିବା ଖାଉଟିମାନେ ଅଭିଯୋଗ କରିଛନ୍ତି । ଏକକାଳୀନ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ୩ ମାସର କିରୋସିନି ଦିଆଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି ।

ଅନେକ ହିତାଧିକାରୀ ରାସନ କାର୍ଡରେ ନାମ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ ମଧ୍ୟ ଅନଲାଇନ ସାଇଟ ଖୋଲି ନଥିବାରୁ ସେମାନେ ବାରମ୍ବାର ବ୍ଲକକୁ ଦୌଡୁଛନ୍ତି । ଏଣେ ହିତାଧିକାରୀ ଚଢା ଦରରେ ବଜାରରୁ କିଣି ଖାଉଥିବା ବେଳେ କିଛି ଅଭାବୀ ଭୋକ ଉପବାସରେ ଦିନ କାଟୁଛନ୍ତି । ବିଭାଗୀୟ ଉଚ୍ଚ ଅଧିକାରୀ ଏହାର ତଦନ୍ତ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି ।

## ବକେୟା ଭତ୍ତା ଦାବିରେ ଧାରଣା

ତିଗିରିଆ,(ନିପ୍ର): ସାଧାରଣ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ ତଥା ବିଧବା ମାନେ ଦୀର୍ଘ ୩ ମାସ ଧରି ଭତ୍ତା ନପାଇବାରୁ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । କେନ୍ଦ୍ର ସରକାରଙ୍କ ସଫ୍ଟୱେୟାର କାର୍ଯ୍ୟ ଚାଲୁଥିବାରୁ ଆକାଉଣ୍ଟ ଧାରି ହିତାଧିକାମାନଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ଆସିପାରୁନାହିଁ । ଏଥିପାଇଁ ବିଜେଡି ଓ କଂଗ୍ରେସ ମିଳିତ ଅନୁକୁଲ୍ୟରେ ହିତାଧିକାରୀମାନେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଗଣ ଧାରଣା ଦେଇଥିଲେ । ସେମାନଙ୍କ ଦାବିଗୁଡିକ ଥିଲା ସମସ୍ତ ହିତାଧାରୀମାନଙ୍କୁ ବକେୟା ଭତ୍ତା ଟଙ୍କା ପ୍ରଦାନ, ଭତ୍ତା ପ୍ରଦାନ



ପ୍ରକ୍ରିୟାକୁ ସରଳ ଓ ସମୟ ବଦ୍ଧ କରିବା ଓ ଏହାର ସ୍ଥାୟୀ ସମାଧାନ କରିବା । ଏଥିପାଇଁ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏ ବିଡିଓ ଯଜ୍ଞସିନି ଗୋଛାୟତଙ୍କୁ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ କଂଗ୍ରେସ ବ୍ଲକ ସଭାପତି ସୋମନାଥ ଦାସ, ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟା ରାଣୀ ନାୟକ , ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ କୁମାର ମଲ୍ଲିକ ଓ ସସ୍ମିତା ରାଉତ,ସରପଞ୍ଚ ସର୍ବଶ୍ରୀ ପ୍ରତାପ କୁମାର ଜେନା ,ନିରଞ୍ଜନ ଦଳେଇ ,ପ୍ରଶାନ୍ତ କୁମାର ରାଉତଙ୍କ ସମେତ ଅନେକ ଲୋକ ପ୍ରତିନିଧି ଓ ବିଜେଡି କଂଗ୍ରେସ କର୍ମୀ ମାନେ ନେତୃତ୍ୱ ନେଇଥିଲେ । ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗଣ ଧାରଣାରେ ସାମିଲ ହୋଇଥିଲେ ।

## କାକଟପୁରରେ ଆମ ଆଦମୀ ପାର୍ଟି
# ବିଜେପି ଓ ବିଜେଡି ଉପରେ ବର୍ଷିଲେ ପୁରୀ ଜିଲ୍ଲା ସଭାପତି

କାକଟପୁର,(ନିପ୍ର): କାକଟପୁର ଅଞ୍ଚଳରେ ଆମ ଆଦମୀ ପାର୍ଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ପୁରୀ ଜିଲ୍ଲା ଆପ ସଭାପତି ସଞ୍ଜୀବ କୁମାର ମହାନ୍ତି ଯୋଗଦେଇ ରାଜ୍ୟର ଶାସକ ଓ ବିରୋଧୀ ଦଳ ଉପରେ ତୀବ୍ର ଆକ୍ରମଣ କରିଛନ୍ତି । କେନ୍ଦ୍ରରେ ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ସରକାର ଗଠନ ହେବାର ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଓଡ଼ିଶାର ଜନସାଧାରଣ ଖୁସିନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ବିଜେପି ଓ ବିଜେଡିର ମିଳିତ ଗୋଟି ଚାଳନା ବା 'ହାତଗୋଡ଼ ମିଳାମିଶା'କୁ ଆଗାମୀ ଦିନରେ ଦଳ ପକ୍ଷରୁ ପଦାରେ ପକାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ସଭାପତି ଶ୍ରୀ ମହାନ୍ତି କହିଛନ୍ତି ଯେ, ଦିଲ୍ଲୀରୁ ମିଳିଥିବା ସ୍ପଷ୍ଟ ନିର୍ଦ୍ଦେଶ ଏବଂ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଓଡ଼ିଶାରେ ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନରେ ଆମ ଆଦମୀ ପାର୍ଟି ସମସ୍ତ ସ୍ଥାନରେ ପ୍ରାର୍ଥୀ ପ୍ରଦାନ କରିବ । କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଲୋକେ ଆଜି ବି ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଏବଂ ରୋଜଗାର ଭଳି ମୌଳିକ ସମସ୍ୟାରୁ ବଞ୍ଚିତ ଅଛନ୍ତି । ଅଘୋଷିତ ବିଦ୍ୟୁତ କାଟ୍, 'ବସୁଧା' ଯୋଜନାରେ ପାନୀୟ ଜଳର ଅଭାବ ଏବଂ ନିଯୁକ୍ତି ନମିଳିବା କାରଣରୁ ସ୍ଥାନୀୟ ଲୋକେ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି । ଏପରିକି ଆନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଏବଂ ପ୍ରସିଦ୍ଧ ମା' ମଙ୍ଗଳାଙ୍କ ପୀଠର ବିକାଶ ନାମରେ କେବଳ ରଙ୍ଗ ମାରିବା ବ୍ୟତୀତ କୌଣସି ପ୍ରକୃତ ଉନ୍ନତିମୂଳକ କାର୍ଯ୍ୟ ହେଉନାହିଁ ବୋଲି ସେ ପ୍ରକାଶ କରିଛନ୍ତି । ଏହି ଅବସରରେ କାକଟପୁର ଅଞ୍ଚଳରେ ଦଳ ପକ୍ଷରୁ ଏକ ବ୍ୟାପକ ସଦସ୍ୟତା ଅଭିଯାନ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ରବିନ୍ଦ୍ର ନାଥ ସାହୁ, ସମ୍ପାଦକ ସତ୍ୟଜିତ ମହାନ୍ତି,କୃଷକ ମୋର୍ଚ୍ଚା ସଭାପତି ଦେବ ପ୍ରଧାନ, କାକଟପୁର ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି, ମହିଳା ସଭାନେତ୍ରୀ ରମେଶ ରାଉତ, କୋଣାର୍କ ମ୍ୟୁନିସିପାଲିଟିର ସଭାପତି ବିଶ୍ୱଜିତ ପରିଡ଼ା, କାକଟପୁର ପର୍ଯ୍ୟବେକ୍ଷକ ରମାକାନ୍ତ ସ୍ୱାଇଁ ଙ୍କ ସମେତ ବହୁ ସ୍ଥାନୀୟ ନେତା ଓ କର୍ମୀ ଉପସ୍ଥିତ ରହି ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ସଂକଳ୍ପ ନେଇଥିଲେ ।

## ରେଲଲାଇନ ଓ ଓଭରବ୍ରିଜ ପାଇଁ ବନ୍ଧମୁଣ୍ଡା
## ଫଟାପାଇପ୍ ଗୁଆଲା ପଲ୍ଲିରେ ଚାଲିଲା ବୁଲଡୋଜର

ରାଉରକେଲା,(ନିପ୍ର): ରେଳବାଇର ପଞ୍ଚମ ଲାଇନ୍ ବିସ୍ତାରକରଣକୁ ନେଇ ପ୍ରାୟ ୬୦ ବର୍ଷ ତଳେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ରିଂରୋଡ ଉପରେ ଥିବା ପୁରୁଣା ଓଭରବ୍ରିଜ ପରିବର୍ତ୍ତେ ନୂତନ ଓଭରବ୍ରିଜ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ଆଜି ରାଉରକେଲା ପୋଲିସ୍ ପ୍ରଶାସନ, ରାଉରକେଲା ଇସ୍ପାତ କାରଖାନା ଏବଂ ରେଳବାଇ ପକ୍ଷରୁ ରିଂରୋଡକୁ ଲାଗିକରି ଥିବା ବନ୍ଧମୁଣ୍ଡା ରାସ୍ତାର ଫଟା ପାଇପ୍ ଗୁଆଲା ବସ୍ତିର ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇଛି । ଏହାପରେ ରେଳ ଲାଇନ୍ ଅପରପାର୍ଶ୍ୱରେ ଥିବା ରହମତ୍ ନଗରକୁ ମଧ୍ୟ ଉଚ୍ଛେଦ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।



ଆଜି ସକାଳେ ପୋଲିସ୍ ପ୍ରଶାସନ, ରେଳ ବିଭାଗ ଏବଂ ଆରଏସ୍‌ପି ପକ୍ଷରୁ ଦୁଇଟି ବୁଲଡୋଜର ସାହାଯ୍ୟରେ ବସ୍ତି ଉଚ୍ଛେଦ କାର୍ଯ୍ୟଆରମ୍ଭ କରାଯାଇଛି । ଏକ ନୂଆ ଓ ବଡ ଓଭରବ୍ରିଜ ଏବଂ ରାସ୍ତା ନିର୍ମାଣ ପାଇଁ ଏହି ଉଚ୍ଛେଦ କାର୍ଯ୍ୟଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଓଭରବ୍ରିଜ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ନିର୍ମାଣ ସାମଗ୍ରୀ ଓଭରବ୍ରିଜ ନିର୍ମାଣ ସ୍ଥଳକୁ ଯିବା ପାଇଁ ଏହି ଉଚ୍ଛେଦ କାର୍ଯ୍ୟଜାରି ରହିବ । ଏହାପରେ ଓଭରବ୍ରିଜକୁ ସଂଯୋଗ କରୁଥିବା ରିଂରୋଡ ମଧ୍ୟ ବିସ୍ତାରକରଣ କରାଯିବ ବୋଲି ଆରଏସପି ପକ୍ଷରୁ ସୂଚନା ମିଳିଛି । ଏହି ବିସ୍ତାରକରଣକୁ ନେଇ ରିଂରୋଡ ନିକଟରେ ଥିବା ସେକ୍ଟର-୨୧ର ରହମତ୍ ନଗର ମଧ୍ୟ ଉଚ୍ଛେଦ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ସୁଦ୍ଧା ଉଚ୍ଛେଦ କାର୍ଯ୍ୟ ଜାରି ରହିଥିବା ବେଳେ ଏଥିରେ ପୁଲିସର ବରିଷ୍ଠ ଅଧିକାରୀ, ରିଜର୍ଭ ବାଟାଲିୟନ, ଓଏସ୍‌ଏଫ୍ ଜୱାନ, ରେଲୱେ ପ୍ରୋଟେକ୍ସନ ଫୋର୍ସ ଏବଂ ରାଉରକେଲା ଇସ୍ପାତ କାରଖାନା ସହର ସେବା ବିଭାଗର କର୍ମଚାରୀମାନେ ମୁତୟନ ରହିଥିବା ଦେଖାଯାଇଥିଲା ।

## ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ସ୍ୱର୍ଣ୍ଣ ପୁରସ୍କାର

ଗୁଣୁପୁର,(ନିପ୍ର): ନୂଆଦିଲ୍ଲୀସ୍ଥିତ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ସ୍କିଲ୍ ଡେଭଲପମେଣ୍ଟ ଏକାଡେମି ପକ୍ଷରୁ ଆୟୋଜିତ ଆଇଏସଡିଏ ଇନ୍‌ଫ୍ରାକନ୍ ନ୍ୟାସନାଲ୍ ଆୱାର୍ଡସ୍ ୨୦୨୬ରେ ଜିଆଇଇଟି ବିଶ୍ୱବିଦ୍ୟାଳୟକୁ "ଶ୍ରେଷ୍ଠ ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟ" ବର୍ଗରେ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି । ଗତ ୫ ଜୁନ୍ ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ହ୍ୟାବିଟାଟ୍ ସେଣ୍ଟରରେ ଆୟୋଜିତ ଭବ୍ୟ ସମାରୋହରେ




ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଜାତୀୟ ସ୍ତରର ସ୍ୱୀକୃତି ବିଶେଷକରି ସିଭିଲ୍ ଇଞ୍ଜିନିୟରିଂ କ୍ଷେତ୍ରରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଉତ୍କର୍ଷତା, ଗବେଷଣାମୂଳକ ଶିକ୍ଷା, ନବୀନତା ଓ ଶିଳ୍ପମୁଖୀ ଅଧ୍ୟୟନ ପ୍ରତି ଅବିରତ ପ୍ରତିବଦ୍ଧତାର ପ୍ରମାଣ ବହନ କରୁଛି ।

## ବେଆଇନ ମାଟି ଚାଲାଣ, ଲଗାତାର ଦୁର୍ଘଟଣା : ଜନଅସନ୍ତୋଷ

ଧାମନଗର,(ନିପ୍ର): ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତରୁ ଏକ ଚିନ୍ତାଜନକ ଖବର ସାମ୍ନାକୁ ଆସିଛି । ଜାହାଙ୍ଗୀର ଗ୍ରାମର ପାର୍ଲାମେଣ୍ଟ ଛକ ନିକଟରୁ ଜାହାଙ୍ଗୀର କାଳୀ ବଜାର ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ମିଳିଥିବା ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ନିଜର ବ୍ୟକ୍ତିଗତ କାମ ପାଇଁ ଟ୍ରାକ୍ଟର ସାହାଯ୍ୟରେ ମାଟି ବୋହୁଥିବା ବେଳେ, ରାସ୍ତା ସାରା ମାଟି ପକାଇ ଦେଇଛନ୍ତି । ବର୍ତ୍ତମାନ ବର୍ଷା ଜାରି ରହିଥିବାରୁ ଏହି ମାଟି ସମ୍ପୂର୍ଣ୍ଣ କାଦୁଅରେ ପରିଣତ ହୋଇଯାଇଛି । ଫଳରେ ସେହି ବାଟ ଦେଇ ଯାତାୟାତ କରୁଥିବା ଲୋକମାନେ, ବିଶେଷ କରି ବାଇକ୍ ଚାଳକମାନେ ଖସି ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି । ନିଜ ସ୍ୱାର୍ଥ ପାଇଁ ସାଧାରଣ ଜନତାଙ୍କ ଜୀବନକୁ ବିପଦରେ ପକାଉଥିବା ଏଭଳି ବେପରୁଆ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ସଫା କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## ସାଇବର ଠକେଇ ମାମଲା
## ଗିରଫ କରିବାକୁ ଯାଇ ଆଇଆଇସି ଓ କର୍ମଚାରୀ ଗୁରୁତର ଆହତ

ପିପିଲି,(ନିପ୍ର): ସାଇବର ଠକେଇ ମାମଲାରେ ଗିରଫ କରିବାକୁ ଯାଇ ଆଇଆଇସି ଓ କର୍ମଚାରୀ ଆହତ ହୋଇଥିବା ଖବର ଏଠାରେ ଆଲୋଡ଼ନ ସୃଷ୍ଟି କରିଛି । ନିମାପଡା ବ୍ଲକ ହରିପୁର ଗାଁରେ ମା ଓ ପୁଅ ଦୁଇ ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ବଳଙ୍ଗା ଥାନା ଅଧିକାରିଣୀ ସସ୍ମିତା ସାହୁ ସମେତ ୨ଜଣ ହୋମ ଗାର୍ଡକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି । ସେମାନଙ୍କର ହାତରେ ଗଭୀର କ୍ଷତ ହୋଇଛି । ଆକ୍ରମଣ ପରେ ମଧ୍ୟ ବଳଙ୍ଗା ଥାନା ଦକ୍ଷ ମହିଳା ଥାନା ଅଧିକାରିଣୀ ଅଭିଯୁକ୍ତ ଅଭିଯୁକ୍ତ ମାଆ ଓ ପୁଅକୁ ଗିରଫ କରିଛନ୍ତି ।

# ଭୋଟର ଜାଗ୍ରତ ହୁଅନ୍ତୁ : ଜିଲ୍ଲାପାଳ

ରାୟଗଡ଼,(ନି:ପ୍ର): ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ଭୋଟର ତାଲିକାର ସଘନ ସଂଶୋଧନ ଆରମ୍ଭ ହୋଇଛି । ଏହା ଚଳିତ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତି ଭୋଟରଙ୍କୁ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରିବା ସହ ତଥ୍ୟ ସଂଗ୍ରହ କରାଯାଉଛି ।

ଜିଲ୍ଲାରେ ମୋଟ ୭୧୪୭୦୦ ଭୋଟରଙ୍କ ମଧ୍ୟରୁ ଦଶ ଦିନ ମଧ୍ୟରେ ପ୍ରାୟ ଶତକଡା ସତୁରି ଭାଗ ଲୋକଙ୍କୁ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଡେପୁଟି କଲେକ୍ଟର ମାନୁଏଲା ପ୍ରିୟଦର୍ଶିନୀ ପ୍ରକାଶ କରିଛନ୍ତି । ଗୁଣୁପୁର ନିର୍ବାଚନ ମଣ୍ଡଳୀରେ ୨୨୨୪୦୫, ବିଷମକଟକ ନିର୍ବାଚନ ମଣ୍ଡଳୀରେ ୨୩୪୯୦୨ ଓ ରାୟଗଡ ନିର୍ବାଚନ ମଣ୍ଡଳୀରେ ୨୫୭୩୯୩ ଜଣ ଭୋଟର ଅଛନ୍ତି । ସହରାଞ୍ଚଳରେ ଭୋଟରଙ୍କୁ ଚିହ୍ନଟ କରିବାରେ ସମସ୍ୟା ଥିବାରୁ ବଣ୍ଟନ ଓ ତଥ୍ୟ ସଂଗ୍ରହରେ ବିଳମ୍ବ ହେଉଛି ।

ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ବ୍ଲକ ଓ ପୌରାଞ୍ଚଳରେ ବ୍ୟାପକ



ସଚେତନତା ସୃଷ୍ଟି କରାଯାଉଛି । ରାୟଗଡ ସହରରେ ଏଥିନିମନ୍ତେ ରାୟଗଡ଼ ନିର୍ବାଚନ ମଣ୍ଡଳୀ ତରଫରୁ ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ନେତୃତ୍ୱରେ ରବିବାର ଦିନ ଏକ ବାଇକ ରାଲିର ଆୟୋଜନ ହୋଇଥିଲା । ସଚେତନତା ରଥ ଏବଂ ପ୍ରଚାର ଗାଡି ସହ ଶହ ଶହ ଭୋଟର, କର୍ମକର୍ତ୍ତା ଓ ଜନସାଧାରଣ ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ସେହିଭଳି ଗ୍ରାମାଞ୍ଚଳରେ ଚୁନାବ ପାଠଶାଳା ମାଧ୍ୟମରେ ବୟସ୍କ, ଯୁବ ଭୋଟର ଓ ସ୍ୱେଚ୍ଛାସେବୀଙ୍କୁ ସଘନ ସଂଶୋଧନର ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ଆଲୋଚନା କରାଯାଉଥିବା ଉପଜିଲ୍ଲାପାଳ ରମେଶ କୁମାର ଜେନା ପ୍ରକାଶ କରିଛନ୍ତି ।

ଭୋଟର ଜାଗ୍ରତ ହୁଅନ୍ତୁ, ନିଜ ଅଧିକାରକୁ ସୁରକ୍ଷିତ ରଖିବାରେ ଯତ୍ନଶୀଳ ହୁଅନ୍ତୁ ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି । କୌଣସି ଯୋଗ୍ୟ ଭୋଟର ଯେପରି ଏହି ପ୍ରକ୍ରିୟାରୁ ବାଦ୍ ପଡ଼ିବେ ନାହିଁ, ଅଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ପ୍ରକ୍ରିୟାରେ ସମସ୍ତେ ସାମିଲ ହେବା ନିମନ୍ତେ ଆହ୍ୱାନ ଦେଇଛନ୍ତି । ଏହାର ସୁଫଳ ନିମନ୍ତେ ଜିଲ୍ଲା ସ୍ତରରେ ସମସ୍ତ ରାଜନୈତିକ ଦଳ ସହ ଜିଲ୍ଲା ନିର୍ବାଚନ ଅଧିକାରୀ ଆଲୋଚନା କରି ବୁଥ ସ୍ତରରେ ସେମାନଙ୍କ ସହଯୋଗ କାମନା କରିଛନ୍ତି । ଅପରପକ୍ଷେ ନିଜ ପରିଗଣନା ଫର୍ମ ପୂରଣ କରି ବୁଥସ୍ତରୀୟ ଅଧିକାରୀଙ୍କୁ ସହଯୋଗ କରିବା ନିମନ୍ତେ ନିବେଦନ କରିଛନ୍ତି । ଜଣେ ଭୋଟର ବାହାରେ ରହି ମଧ୍ୟ ନିଜର ପରିଗଣନା ଫର୍ମ ଅନଲାଇନ ଦାଖଲ କରିପାରିବେ । ଆସନ୍ତା ଜୁଲାଇ ପାଞ୍ଚ ତାରିଖରେ ପ୍ରକାଶ ହେବାକୁ ଥିବା ଚିଠା ଭୋଟର ତାଲିକାରେ ନିଜ ନାମ ସଂରକ୍ଷିତ ରଖିବା ପାଇଁ ଚଳିତ ଜୁନ ୨୮ ତାରିଖ ପୂର୍ବରୁ ନିଜ ପରିଗଣନା ଫର୍ମ ବୁଥ ସ୍ତରୀୟ ଅଧିକାରୀଙ୍କ ଠାରେ ଦାଖଲ କରି ଜଣେ ସଚେତନ ଭୋଟରର ପରିଚୟ ଦେବା ସହିତ ନିଜକୁ ଗର୍ବିତ ମନେ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଜାରି କରାଯାଇଛି ।

## କାଦୁଅ ନେଲା ଜୀବନ
## ମା'-ଝିଅଙ୍କ ଉପରେ ଚଢିଗଲା ଟ୍ରକ୍

ବଲାଙ୍ଗୀର,(ନିପ୍ର): ବଲାଙ୍ଗିର ସହର ଭିତରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଇଛି । ସ୍ଥାନୀୟ ବନ୍ଧଗୁଡିକରେ ମାଟିକାମ ଚାଲିଥିବାରୁ ୨୬ ନମ୍ବର ଜାତୀୟ ରାଜପଥରେ ନେବା ସମୟରେ ମାଟି ପଡି ରହିଥିଲା । ଗତକାଲି ରାତିରେ ବର୍ଷା ହେବାରୁ ଉକ୍ତ ମାଟି ରାସ୍ତାଟି କାଦୁଅ ପଚ ପଚ ହୋଇଯାଇଥିଲା । ସକାଳ ୬.୪୦ ରେ ଜଣେ ଝିଅ ତାଙ୍କ ମାଙ୍କୁ ସ୍ଥାନୀୟ ଏକ ବେସରକାରୀ ହସ୍ପିଟାଲକୁ ଛାଡି ନେଉଥିବାବେଳେ ରାସ୍ତାରେ ପଡି ରହିଥିବା କାଦୁଅ ଉପରେ ଗାଡି ସ୍ଲିପ ହୋଇଯାଇଥିଲା । ମା'-ଝିଅ ରାସ୍ତାରେ ପଡି ଯାଇଥିଲେ ଠିକ୍ ଏହି ସମୟରେ ପଛ ପଟୁ ଆସୁଥିବା ଟ୍ରକଟି ମା, ଝିଅଙ୍କ ଉପରେ ଚଢି ଯାଇଥିଲା । ଘଟଣାସ୍ଥଳରୁ ଟ୍ରକ୍ ଡ୍ରାଇଭର୍ ଫେରାର୍ ହୋଇଯାଇଛି । ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି । ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ମୃତ ମା, ଝିଅ ସ୍ଥାନୀୟ ତାଲପାଲି ପଡ଼ାର ସୁନିତା ନାଗ ଏବଂ ସୃତି ନାଗ ବୋଲି ଜଣାପଡିଛି ।

## ଭାରତୀୟ ଆମ୍ବ ଉପରେ କଟକଣା ଲଗାଇଲା ନେପାଳ



ନୂଆଦିଲ୍ଲୀ,୯।୬: ଗୋଟିଏ ପରେ ଗୋଟିଏ ଦେଶରେ ଭାରତୀୟ ଆମ୍ବ ନିଷିଦ୍ଧ ହେବାରେ ଲାଗିଛି। ପୂର୍ବରୁ ଜାପାନ ସରକାର ଭାରତ ଆମ୍ବ ଆମଦାନି ଉପରେ କଟକଣା ଲଗାଇଥିଲେ। ଏବେ ପଡ଼ୋଶୀ ଦେଶ ନେପାଳ ମଧ୍ୟ ଭାରତୀୟ ଆମ୍ବକୁ ନିଷିଦ୍ଧ କରିଛି। ଅତ୍ୟଧିକ ରାସାୟନିକ କୀଟନାଶକ ବ୍ୟବହାର କରାଯାଉଥିବା ଅଭିଯୋଗ କରି ଭାରତୀୟ ଆମ୍ବ ଆମଦାନିକୁ ନେପାଳ ଅଟକାଇ ଦେଇଛି। ଏହି କଟକଣା ନେପାଳର ସ୍ଥାନୀୟ ଚାଷୀଙ୍କ ପାଇଁ ବରଦାନ ଭାବେ ବିଚାର କରାଯାଉଛି। ନେପାଳର କୃଷି ମନ୍ତ୍ରଣାଳୟ ପ୍ରବକ୍ତା ମନିଷ କୁମାର ପାଲ କହିଛନ୍ତି ଯେ ଏହା ସ୍ଥାନୀୟ ଚାଷୀଙ୍କୁ ଅଧିକ ଆମ୍ବ ଚାଷ କରିବାକୁ ଉତ୍ସାହିତ କରିବ ଓ ସ୍ଥାନୀୟ ଲୋକମାନେ ସୁରକ୍ଷିତ ଓ ସୁସ୍ବାଦୁ ଆମ୍ବ ଖାଇବା ସୁଯୋଗ ପାଇପାରିବେ। ତେବେ ନେପାଳ ସରକାରଙ୍କ ଏହି ପଦକ୍ଷେପକୁ ନେଇ ଫଳ ବ୍ୟବସାୟୀମାନେ ଖୁସି ନାହାନ୍ତି। ଏହାଦ୍ୱାରା ଦେଶରେ ଆମ୍ବର ଅଭାବ ଦେଖାଦେବ, ଦର ବଢ଼ିବ ଓ କ୍ଷତି ସହିବାକୁ ପଡ଼ିବ ବୋଲି ସେମାନେ ଭାବୁଛନ୍ତି। ଯଦିଓ ନେପାଳରେ ଆମ୍ବ ଚାଷ ହେଉଛି, କିନ୍ତୁ ସେଠାରେ ମାତ୍ର ଦୁଇ ମାସ ପାଇଁ ଏହା ଫଳିଥାଏ। ତେଣୁ ଘରୋଇ ଆବଶ୍ୟକତା ପୂରଣ କରିବାକୁ ଏହା ଆମଦାନି ଉପରେ ନିର୍ଭରଶୀଳ। ଆମେରିକା, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବ୍ରିଟେନ, ନେଦରଲ୍ୟାଣ୍ଡ ଓ ସାଉଦି ଆରବରେ ଭାରତୀୟ ଆମ୍ବର ପ୍ରବଳ ଚାହିଦା ରହିଛି। ସେହି ଦେଶଗୁଡ଼ିକ ହେଉଛି ଭାରତର ପ୍ରମୁଖ ବଜାର। ଭାରତ ପାଇଁ ନେପାଳ ଏକ ବଡ଼ ବଜାର ନୁହେଁ। କିନ୍ତୁ ଏହା ଯେଉଁ କାରଣ ଦର୍ଶାଇ କଟକଣା ଲଗାଇଛି ତାହା ଚିନ୍ତାର ବିଷୟ।

## ସୋନିଆଙ୍କୁ ଭେଟିଲେ ମମତା

ନୂଆଦିଲ୍ଲୀ,୯।୬: ସୋମବାର ହୋଇଥିବା ଇଣ୍ଡି ମେଣ୍ଟ ବୈଠକରେ ମେଣ୍ଟ ସହଯୋଗୀଙ୍କ ମଧ୍ୟରେ ଏକତା ଏବଂ ଉତ୍ତମ ବୁଝାମଣା ପାଇଁ ଗୁରୁତ୍ୱାରୋପ କରାଯିବାର ଦିନକ ପରେ ଆଜି ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ନୂଆଦିଲ୍ଲୀର ୧୦ ଜନପଥ ରୋଡ୍ ସ୍ଥିତ ତାଙ୍କ ବାସଭବନରେ ଭେଟିଛନ୍ତି। ବିରୋଧୀ ଇଣ୍ଡି ମେଣ୍ଟ ବୈଠକ ପରେ ଉଭୟ ନେତା ଆଗକୁ ସେମାନଙ୍କ ଦଳର ରଣନୀତି କ'ଣ ରହିବ ତା' ଉପରେ ଆଲୋଚନା କରିଥିବା ଜଣାପଡ଼ିଛି।

## ଭୂକମ୍ପରେ ଥରିଲା କ୍ୟୁବା

ନୂଆଦିଲ୍ଲୀ,୯।୬: ଭୂକମ୍ପରେ ଥରିଲା କ୍ୟୁବା। ଶକ୍ତିଶାଳୀ ଭୂକମ୍ପ କ୍ୟୁବାରେ ଅନୁଭୂତ। ୬.୧ ମ୍ୟାଗ୍ନିଚ୍ୟୁଡରେ ଥରିଲା କ୍ୟୁବା । ମେକ୍ସିକୋ ଏବଂ ଆମେରିକାର ଫ୍ଲୋରିଡା ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା ଭୂକମ୍ପର ଝଟକା । ମିଆମି, ଓର୍ଲାଣ୍ଡୋ, ଟାମ୍ପା, ଜ୍ୟାକ୍ସନଭିଲ୍ ଏବଂ ତାଲାହାସୀରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ କ୍ୟୁବାର ପଶ୍ଚିମାଞ୍ଚଳରେ ଥିବା ମାଣ୍ଟୁଆ ସହରଠାରୁ ପ୍ରାୟ ୧୦୪ କିଲୋମିଟର ଦୂର ଏବଂ ୧୦ କିଲୋମିଟର ଗଭୀରତାରେ ଥିଲା। ତେବେ ଏଥିରେ କେହି ମୃତାହତ ହୋଇନଥିବା ସୂଚନା ମିଳିଛି ।

## ୧୮୮ ଚୀନ କମ୍ପାନୀକୁ ବ୍ଲାକଲିଷ୍ଟ କଲା ଆମେରିକା

ନୂଆଦିଲ୍ଲୀ, ୯।୬: ବିଶ୍ୱର ଦୁଇ ମହାଶକ୍ତି ଆମେରିକା ଏବଂ ଚୀନ ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ଧାରଣ କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଏକ ବଡ଼ ଆର୍ଥିକ ଓ ରଣନୀତିକ ଧକ୍କା ଦେଇଛନ୍ତି । ଚୀନର ସାମରିକ ବାହିନୀ 'ପିପୁଲ୍ସ ଲିବରେସନ ଆର୍ମି' କୁ ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ଭାବେ ସହାୟତା କରୁଥିବା ଅଭିଯୋଗରେ ଆମେରିକା ପ୍ରତିରକ୍ଷା ବିଭାଗ 'ପେଣ୍ଟାଗନ' ଚୀନର କେତେକ ବୃହତ୍ତମ ତଥା ପ୍ରତିଷ୍ଠିତ କମ୍ପାନୀକୁ ନିଜର 'ବ୍ଲାକଲିଷ୍ଟ' ବା କଳାତାଲିକାରେ ସାମିଲ କରିଛି । ଏହି ତାଲିକାରେ ଇ-କମର୍ସ କିଙ୍ଗ ଅଲିବାବା, ସର୍ଚ୍ଚ ଇଞ୍ଜିନ ବାଇଡୁ ଏବଂ ବିଶ୍ୱର ଅଗ୍ରଣୀ ଇଭି ନିର୍ମାତା ବିୱାଇଡି ଭଳି ୧୮୮ଟି ଦିଗଜ ଚୀନ କମ୍ପାନୀ ରହିଛନ୍ତି । ଗତ ମାସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକାର ଅଗ୍ରଣୀ ବ୍ୟବସାୟୀଙ୍କ ସହ ବେଜିଂ ଗସ୍ତ କରି ଚୀନ ରାଷ୍ଟ୍ରପତି ଶି ଜିନପିଙ୍ଗଙ୍କ ସହ ସାକ୍ଷାତ କରିଥିଲେ। ସେହି ସମୟରେ ଅନୁମାନ କରାଯାଉଥିଲା ଯେ ଦୁଇ ଦେଶ ମଧ୍ୟରେ ଦୀର୍ଘ ଦିନରୁ ଚାଲିଆସୁଥିବା ବାଣିଜ୍ୟ ବିବାଦର ଅନ୍ତ ଘଟିବ । ମାତ୍ର ଏହି ଉଚ୍ଚସ୍ତରୀୟ ବୈଠକରୁ କୌଣସି ସକରାତ୍ମକ ସୁଫଳ ମିଳିନାହିଁ । ବରଂ ଏହି ଗସ୍ତ ପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ମୋର୍ଚ୍ଚାରେ ତିକ୍ତତା ଓ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ୟୁଏସ୍ ମିଡିଆ ରିପୋର୍ଟ ଅନୁଯାୟୀ, ପେଣ୍ଟାଗନ କେବଳ ପାରମ୍ପରିକ ଉଦ୍ୟୋଗକୁ ନୁହେଁ, ବରଂ ଚୀନର ଆଗାମୀ ପିଢ଼ିକୁ ଟାର୍ଗେଟ କରିଛି । ଆମେରିକାର ଅଭିଯୋଗ ଯେ ଏହି କମ୍ପାନୀଗୁଡ଼ିକ ଚୀନର ସାମରିକ ଏବଂ ଶିଳ୍ପ କ୍ଷମତାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଗୁପ୍ତରେ କାମ କରୁଛନ୍ତି ।

## ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୯।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୩ ରୁ ୧୯ ଜୁନ ମଧ୍ୟରେ ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତ କରିବେ। ଏହି ସମୟରେ ପ୍ରଧାନମନ୍ତ୍ରୀ ଫ୍ରାନ୍ସର ଇଭିଆନରେ ହେବାକୁ ଥିବା ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ। ଶିଖର ସମ୍ମିଳନୀ ସମୟରେ ସେ ଜି-୭ ନେତା ଏବଂ ଆମନ୍ତ୍ରିତ ଅଂଶୀଦାର ଦେଶ ତଥା ଅନ୍ତର୍ଜାତୀୟ ସଙ୍ଗଠନର ପ୍ରତିନିଧିମାନଙ୍କ ସହ ମଧ୍ୟ ମତ ବିନିମୟ କରିବେ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ୧୩-୧୪ ଜରୁ ଏବଂ ୧୬-୧୯ ଜୁନରେ ଫ୍ରାନ୍ସକୁ ସରକାରୀ ଗସ୍ତ କରିବେ ଏବଂ ଏହା ମଧ୍ୟରେ ୧୪ରୁ ୧୬ ଜୁନରେ ସ୍ଲୋଭାକିଆ ଗସ୍ତ କରିବେ। ଏହି ଗସ୍ତର ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନାଇସରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍‌ଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିବେ। ଦୁଇ ନେତା ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ସମୀକ୍ଷା କରିବେ, ଯାହା ଚଳିତ ବର୍ଷ ପ୍ରାରମ୍ଭରେ ଏକ ସ୍ୱତନ୍ତ୍ର ବିଶ୍ୱସ୍ତରୀୟ ରଣନୈତିକ ଭାଗିଦାରୀ ସ୍ତରକୁ ଉନ୍ନୀତ ହୋଇଥିଲା। ନିସରେ ଦୁଇ ନେତା ମିଳିତ ଭାବେ 'ଇଣ୍ଡିଆ ଇନୋଭେଟ୍ସ 'କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ, ଯାହା ଭାରତ, ଫ୍ରାନ୍ସ ଏବଂ ଅନ୍ୟ ଦେଶଗୁଡ଼ିକର ଶୀର୍ଷ ନବସୃଜନ ଷ୍ଟାର୍ଟଅପ୍ ଏବଂ ଭେଞ୍ଚର ପୁଞ୍ଜି ପାଣ୍ଠିକୁ ଏକାଠି କରିବ।

### ସିପ୍ରି ପକ୍ଷରୁ ଭାରତ ନେଇ ପ୍ରକାଶିତ ସଦ୍ୟତମ ରିପୋର୍ଟ

# ୧୮୦ରୁ ୧୯୦କୁ ବଢ଼ିଲା ପରମାଣୁ ଅସ୍ତ୍ର ସଂଖ୍ୟା




ନୂଆଦିଲ୍ଲୀ ୯/୬: ଭାରତ ପାଖରେ ବର୍ତ୍ତମାନ ୧୯୦ ଅଣୁଅସ୍ତ୍ର ରହିଛି। ପୂର୍ବରୁ ୧୮୦ ଥିଲା ବେଳେ ନିକଟରେ ଭାରତ ଆହୁରି ୧୦ଟି ପ୍ରସ୍ତୁତି କରିଛି। ଷ୍ଟକ୍‌ହୋମ୍ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ସିପ୍ରି) ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟରେ ଏଭଳି ଦାବି କରାଯାଇଛି । ସେଥିରେ କୁହାଯାଇଛି କି ଭାରତ ତାର ଅଣୁ ଅସ୍ତ୍ର ସଂଖ୍ୟା ବଢ଼ାଇବା ସହ ରଣନୀତିକ ନିବାରକ ବ୍ୟବସ୍ଥାକୁ ସୁଦୃଢ଼ କରୁଛି। କେବଳ ଭାରତ ନୁହେଁ, ବିଶ୍ୱର ଅନ୍ୟ ଆଣବିକ ଶକ୍ତିସମ୍ପନ୍ନ ଦେଶମାନେ ମଧ୍ୟ ନିଜ ନିଜର ଅଣୁଅସ୍ତ୍ର ବଢ଼ାଉଛନ୍ତି। ଏଭଳି ହେଲେ ଆଗାମୀ ଦିନରେ ଅଣୁଅସ୍ତ୍ରର ପ୍ରତିଯୋଗିତା ଆହୁରି ବଢ଼ିବ। ଯାହା ସମଗ୍ର ବିଶ୍ୱ ପାଇଁ ବିପଦ କାରଣ ହେବ ବୋଲି କୁହାଯାଇଛି। ରିପୋର୍ଟ ଅନୁସାରେ ବିଶ୍ୱର ୯ଟି ଆଣବିକ ଶକ୍ତି ସମ୍ପନ୍ନ ଦେଶ ଯଥା ଆମେରିକା, ରୁଷ, ବ୍ରିଟେନ୍, ଫ୍ରାନ୍ସ,ଚୀନ୍, ଭାରତ, ପାକିସ୍ତାନ, ଉତ୍ତର କୋରିଆ ଓ ଇସ୍ରାଏଲ ୨୦୨୫ରେ ସେମାନଙ୍କ ଆଣବିକ କ୍ଷମତାର ପ୍ରସାର ତଥା ଆଧୁନିକୀକରଣ କହିଛନ୍ତି। ଶୀତଳ ଯୁଦ୍ଧ ପରେ ଅଣୁଅସ୍ତ୍ରର ପ୍ରସାର ଉପରେ ରୋକ୍ ଲାଗିବ ବୋଲି ଆଶା କରାଯାଉଥିଲା। କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ। ପୂର୍ବରୁ ଯେତିକି ଆକଳନ କରାଯାଉଥିଲା ଭାରତରେ ତା ଠାରୁ ଅଧିକ ୧୦ଟି ଅଣୁଅସ୍ତ୍ର ରହିଛି। ଏହି ସମୟ ଭିତରେ ଭାରତ ତାର ଦୂରଗାମୀ ମିସାଇଲ ବ୍ୟବସ୍ଥା, ସମୁଦ୍ର ଆଧାରିତ ରଣନୀତିକ କ୍ଷମତା ବୃଦ୍ଧି ଓ ବୈଷୟିକ ଜ୍ଞାନକୌଶଳର ବିକାଶ ଯଥା ଏମ୍ଆଇଆରଭି ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛି। ସିପ୍ରି ରିପୋର୍ଟ ଅନୁସାରେ ବର୍ତ୍ତମାନ ସମଗ୍ର ବିଶ୍ୱରେ ୧୨, ୧୮୭ ଅଣୁଅସ୍ତ୍ର ରହିଛି। ସେଥିରୁ ୯,୭୪୫ଟି ବିଭିନ୍ନ ଦେଶ ପକ୍ଷରୁ ସମ୍ଭାବ୍ୟ ଆକ୍ରମଣର ମୁକାବିଲା ନିମନ୍ତେ ସେନା ନିକଟରେ ମୁତୟନ କରାଯାଉଛି। ସେହିଭଳି ୪,୦୧୨ଟି ଅଣୁଅସ୍ତ୍ର ମିସାଇଲ ଓ ଯୁଦ୍ଧବିମାନରେ ନିୟୋଜିତ କରାଯାଇସାରିଛି। ଆହୁରି ୨୧୦୦ରୁ ୨୨୦୦ ଅଣୁଅସ୍ତ୍ରକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅବସ୍ଥାରେ ରଖାଯାଇଛି ।ଭାରତର ପଡୋଶୀ ରାଷ୍ଟ୍ର ଚୀନ୍ ପାଖରେ ୬୨୦ ଓ ପାକିସ୍ତାନ ନିକଟରେ ୧୭୦ଟି ଅଣୁଅସ୍ତ୍ର ରହିଛି। ରୁଷ ପାଖରେ ସର୍ବାଧିକ ୫,୪୨୦ ଓ ଆମେରିକା ପାଖରେ ୫,୦୪୨ ଅଣୁଅସ୍ତ୍ର ରହିଛି।

## 'ହର୍ମୁଜ' ଭରସାରେ ରହିବନି ଭାରତ
### ଓମାନରୁ ଗୁଜରାଟ ପର୍ଯ୍ୟନ୍ତ ବିଛାଇବ ଗ୍ୟାସ୍ ପାଇପଲାଇନ୍

ନୂଆଦିଲ୍ଲୀ,୯ ।୬: ମଧ୍ୟ ଏସିଆରେ ଉତ୍ତେଜନା ଭିତରେ ସୃଷ୍ଟି ହୋଇଛି ଶକ୍ତି ସଙ୍କଟ। ବିଶେଷ ଭାବରେ ଭାରତ ଭଳି ଦେଶ, ଯାହାକି ମିଡିଲ ଇଷ୍ଟରୁ ସପ୍ଲାଇ ବନ୍ଦ ହେବାପରେ ସର୍ବାଧିକ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ଭାରତ ଦୃତ ଗତିରେ ନିଜର ଏନର୍ଜି ସପ୍ଲାଇକୁ ବଢାଇବା ଆରମ୍ଭ କରିଛି। ଭାରତ ଏବେ ଓମାନରୁ ଗୁଜରାଟ ଭିତର ଦେଇ ଲମ୍ବା ପାଇପଲାଇନ୍ ବିଛାଇବାର ପ୍ରୋଜେକ୍ଟ ଘୋଷଣା କରିଛି। ଏହା ଆରବ ସାଗର ପାର କରି ପ୍ରାୟ ୨୦୦୦ କିଲୋମିଟର ଲମ୍ବା ଏକ ଗଭୀର ସମୁଦ୍ରରେ ବିଛା ଯାଉଥିବା ଗ୍ୟାସ ପାଇପଲାଇନ୍। ଏହା ଓମାନ ଓ ଗୁଜରାଟକୁ ଯୋଡୁଥିବା ଲମ୍ବା ସମୟର ଚର୍ଚ୍ଚିତ ଯୋଜନା, କାରଣ ଭାରତ ଦ୍ରୁତ ଗତିରେ ଅନିଶ୍ଚିତ ଭୂ-ରାଜନୈତିକ ବିବାଦ ଭିତରେ ଅଧିକ ବିଶ୍ୱାସନୀୟ ଶକ୍ତି ଯୋଗାଣକୁ ସୁନିଶ୍ଚିତ କରିବାର ଚେଷ୍ଟା କରୁଛି। ଗତ ତିନି ଦଶକ ହେବ ଏହି ପ୍ରୋଜେକ୍ଟର ବହୁବାର ସମୀକ୍ଷା କରାଯାଇଛି, କିନ୍ତୁ ଅଧିକ ଖର୍ଚ୍ଚ, ଯାନ୍ତ୍ରିକ ସମସ୍ୟା ଓ ବ୍ୟବସାୟିକ ଅସୁବିଧା କାରଣରୁ ଏହି ଯୋଜନା ଆଗକୁ ବଢିପାରିନି। ଏବେ ଏହି ପ୍ରସ୍ତାବକୁ ସପୋର୍ଟ କରୁଥିବା ପ୍ରାଇଭେଟ୍ ଗ୍ରୁପ୍ ଦ୍ୱାରା ମାର୍ଗ ଓ ଏହାର ଇଞ୍ଜିନିୟରିଂ ଚ୍ୟାଲେଞ୍ଜକୁ ଭାଲ୍ୟୁଏସନ୍ କରିବା ପାଇଁ ସମୁଦ୍ର ତଳେ ସର୍ଭେ ସହ ଟେକ୍ନୋଜି ଓ ଆର୍ଥିକ ଅଧ୍ୟୟନ ପୁରା କରିବା ପରେ ଏହି ପ୍ରକଳ୍ପକୁ ନୂଆ ଗତି ମିଳିଛି।

## ୟୁକ୍ରେନର ଖାର୍‌କିଭରେ ବୋମାମାଡ଼: ୪ ମୃତ

ଖାରକିଭ୍,୯।୬: ୟୁକ୍ରେନର ଉତ୍ତର-ପୂର୍ବ ଖାରକିଭ୍ ଅଞ୍ଚଳରେ ମଙ୍ଗଳବାର ସକାଳେ ରୁଷ ସେନା ପକ୍ଷରୁ ପୁଣି ବୋମା ମାଡ଼ କରାଯାଇଛି, ଯେଉଁଥିରେ ଜଣେ ୨୨ ବର୍ଷୀୟା ମହିଳାଙ୍କ ସମେତ ଚାରି ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଖାରକିଭ ରାଜ୍ୟପାଳ ଓଲେଗ ସିନେଗୁବୋଭ ଓ ମେୟର ଇଗୋର ଟେରେଖୋଭଙ୍କ ସୂଚନା ଅନୁଯାୟୀ, ରୁଷ ସେନା ବିଶେଷ କରି ଚୁଗୁଇଭ ସହରର ଜନବସତିପୂର୍ଣ୍ଣ ଅଞ୍ଚଳକୁ ଟାର୍ଗେଟ୍ କରିଥିଲା, ।

## ପାକ୍ ସେନାର ଗୁଳିମାଡ଼ରେ ୧୯ ଶିଶୁ, ୭ ଗର୍ଭବତୀ ମହିଳାଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୯।୬: ଗତ ଜୁନ୍ ୫ ତାରିଖରୁ ଜୁନ୍ ୯ ମଧ୍ୟରେ ପିଓକେ (ପାକିସ୍ତାନ ଅଧିକୃତ କଶ୍ମୀର)ରେ ପାକିସ୍ତାନ ଯେଉଁ ନିଷ୍ଠୁର ବର୍ବରତା ଏବଂ ରକ୍ତପାତ ଚଲାଇଛି ତାହା ଅତ୍ୟନ୍ତ ନିନ୍ଦନୀୟ। ପାକିସ୍ତାନୀ ସେନାର ହିଂସାତ୍ମକ କାର୍ଯ୍ୟାନୁଷ୍ଠାନରେ ଜାକ୍ (ଜଏଣ୍ଟ ଅୱାମୀ ଆକ୍ସନ କମିଟି) ସହ ଜଡ଼ିତ ଅନେକ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହୋଇଛି। ତେବେ ଏହି ରକ୍ତାକ୍ତ ସଂଘର୍ଷରେ ୧୯ ଜଣ ଶିଶୁ ଏବଂ ୭ ଜଣ ଗର୍ଭବତୀ ମହିଳାଙ୍କର ମୃତ୍ୟୁ ହୋଇଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ଏହି ଘଟଣାର ତଦନ୍ତ ପାଇଁ ଅନ୍ତର୍ଜାତୀୟ ସମୁଦାୟକୁ ଅନୁରୋଧ କରାଯାଇଛି। ଦାବି ହୋଇଛି ଯେ ପାକିସ୍ତାନ ସୁରକ୍ଷାବାହିନୀର ପାଖାପାଖି ୧୪ ହଜାର ସୁରକ୍ଷାକର୍ମୀଙ୍କୁ ପିଓଜେକେରେ ଆନ୍ଦୋଳନକୁ ଚାପିବା ପାଇଁ ମୁତୟନ କରାଯାଇଛି। ଅସ୍ତ୍ର ଧରିନଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ପାକ୍ ସେନା ଯୁଦ୍ଧାସ୍ତ୍ର ବ୍ୟବହାର କରୁଥିବା ଅଭିଯୋଗ ହୋଇଛି।

## ବାଣ କାରଖାନାରେ ଅଗ୍ନିକାଣ୍ଡ : ଶିଶୁ ସମେତ ୭ମୃତ

ନୂଆଦିଲ୍ଲୀ,୯।୬: ରାଜସ୍ଥାନ ଜୟପୁରର କୋହ ନାଗୋରିଆନ ଥାନା ଅନ୍ତର୍ଗତ ଆୟଶା ନଗର ତଲାଇଠାରେ ଆଜି ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ବେଆଇନ ବାଣ କାରଖାନାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ଜଣେ ଶିଶୁ ସମେତ ୭ ଜଣଙ୍କର ମୃତ୍ୟୁ ହୋଇଛି। ଏହାସହ ବହୁ ସଂଖ୍ୟାରେ ଲୋକ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୫ ଜଣଙ୍କୁ ଅବଦୁଲ ୱାହିଦ୍ (୫୦), ବିଲାଲ (୩୦), ସମୀର (୨୦), ଅଜିମ ଏବଂ ରବିଲ ଭାବେ ଚିହ୍ନଟ କରାଯାଇଛି। ଅନ୍ୟ ଦୁଇ ଜଣଙ୍କ ମୃତଦେହ ଏପର୍ଯ୍ୟନ୍ତ ଚିହ୍ନଟ ହୋଇପାରି ନାହିଁ। ଆହତମାନଙ୍କୁ ଜୟପୁରର ଏସ୍ଏମ୍ଏସ୍ ମେଡିକାଲ ଏବଂ ଜେଏନ୍ୟୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ନାସିର ନାମକ ଜଣେ ବ୍ୟକ୍ତି ୯୫% ପୋଡ଼ି ଯାଇଥିବାରୁ ତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ସଂକୀର୍ଣ୍ଣ ଗଳି ଯୋଗୁଁ ନିଆଁ ଲିଭାଇବା ପ୍ରକ୍ରିୟାରେ ଅଗ୍ନିଶମ ବାହିନୀକୁ ବେଶ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦିଲ୍ଲୀର ବାସିନ୍ଦା ଫିରୋଜ ଏବଂ ତାଙ୍କ ସହଯୋଗୀ ୱାସିମ ମିଶି ୟାକୁବ ନାମକ ଜଣେ ବ୍ୟକ୍ତିଙ୍କ ଘର ଭଡ଼ା ନେଇ ଏହି ବେଆଇନ ବାଣ କାରଖାନା ଚଳାଉଥିଲେ।

## ଲଣ୍ଡନର ଉଚ୍ଚ ଅଟ୍ଟାଳିକାରୁ ଡେଇଁ ପଡ଼ିଲେ ଭାରତୀୟ ଦମ୍ପତି ଓ ୯ ବର୍ଷର ପୁଅ

ନୂଆଦିଲ୍ଲୀ,୯।୬: ମେ ୨୭ ତାରିଖ ଦିନ ଲଣ୍ଡନସ୍ଥିତ ୩୬ ମହଲା ବିଶିଷ୍ଟ ଆପାର୍ଟମେଣ୍ଟର ବାଲକୋନିରୁ ଡେଇଁ ଏକ ଭାରତୀୟ ଦମ୍ପତି ଓ ସେମାନଙ୍କର ୯ ବର୍ଷର ଦୁରାରୋଗ୍ୟ ରୋଗରେ ପୀଡ଼ିତ ପୁଅ ଆତ୍ମହତ୍ୟା କରିଥିବା ମଙ୍ଗଳବାର ବ୍ରିଟିସ ଗଣମାଧ୍ୟମ ରିପୋର୍ଟ କରିଛି। ରାକେଶ ପାଇ (୪୭) ଓ ଅଦିତି ପାରଲକର (୪୬) ଏବଂ ସେମାନଙ୍କର ନଅ ବର୍ଷର ପୁଅ ସିଡ୍ ଲଣ୍ଡନର ଅଙ୍କଲ୍ ଟାୱାର ବ୍ଲକ୍ରେ ଥିବା ସେମାନଙ୍କ ଆପାର୍ଟମେଣ୍ଟରୁ ଡେଇଁ ପଡ଼ି ପ୍ରାଣ ହରାଇଥିଲେ। ଡେଲି ମେଲ୍ ଅନୁଯାୟୀ, ଡାକ୍ତରମାନେ ସେମାନଙ୍କ ଅସୁସ୍ଥ ପୁଅ ପାଇଁ ଆଉ କୌଣସି ଚିକିତ୍ସା ବିକଳ୍ପ ନାହିଁ ବୋଲି କହିବା ପରେ ଦମ୍ପତି ଏହି ପଦକ୍ଷେପ ନେଇଥିବା ଅଭିଯୋଗ ହୋଇଛି। ତେବେ ପରିବାରର କିଛି ବନ୍ଧୁ ଆତ୍ମହତ୍ୟା ସମ୍ଭାବନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଓ ଏହି ଘଟଣାର ତଦନ୍ତ ଦାବି କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ୬ ମୃତ

ମୁମ୍ବାଇ,୯।୬ : ମହାରାଷ୍ଟ୍ର ଜଳଗାଁ ଜିଲ୍ଲାରେ ଅମଲନେର ତହସିଲରେ ସକାଳୁ ସକାଳୁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବାଇକ୍, କାର୍ ଏବଂ ବସ୍ ଧକ୍କା ହେବା ଯୋଗୁଁ ୬ ଜଣଙ୍କ ଘଟଣା ସ୍ଥଳରେ ଜୀବନ ଚାଲିଯାଇଛି । ଦୁର୍ଘଟଣାରେ ଅନେକ ଲୋକ ଆହତ ହୋଇଛନ୍ତି । ଖବର ମୁତାବକ, ମଙ୍ଗଳବାର ସକାଳ ୭ଟା ସମୟରେ ଅମଲନେର-ଧୂଳେମାର୍ଗରେ ମଙ୍ଗରୁଳ ଗାଁ ନିକଟରେ ହୋଇଛି । ଅମଲନେରରୁ ଧୁଳେ ଯାଉଥିବା ଏକ ବାଇକକୁ ଏବଂ ଏସଟି ବସକୁ ସାମ୍ନାକୁ ଆସୁଥିବା କାର୍ ଧକ୍କା ଦେଇଥିଲା । ଧକ୍କା ଏତେ ଭୟଙ୍କର ଥିଲା ଯେ, ବାଇକ ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ବାଇକ୍ ଚାଳକଙ୍କ ଘଟଣା ସ୍ଥଳରେ ଜୀବନ ଚାଲିଯାଇଥିବା ବେଳେ କାରରେ ଥିବା ୫ ଜଣଙ୍କ ଜୀବନ ମଧ୍ୟ ଚାଲିଯାଇଥିଲା। ସମସ୍ତ ମୃତକଙ୍କ ପରିଚୟ ମିଳିଛି। ସମସ୍ତେ ଗୁଜରାଟର ବାସିନ୍ଦା । ସମସ୍ତେ ଅମଲନେରରେ ଏକ ବିବାହ ଉତ୍ସବରେ ସାମିଲ ହେବାକୁ ଯାଇଥିଲେ। ଦୁର୍ଘଟଣା ବିଷୟରେ ଖବର ପାଇଁ ୧୧୨ ଟିମ୍, ପୋଲିସ ଏବଂ ଆମ୍ବୁଲାନ୍ସ ପହଞ୍ଚିଥିଲା । ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ହସପିଟାଲରେ ଭର୍ତ୍ତି କରାଯାଇଛି । ସମସ୍ତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲକୁ ପଠାଯାଇଛି । ପୋଲିସ ଘଟଣାର ଯାଞ୍ଚ ଆରମ୍ଭ କରିଛି ।

## ଭାରତର ସବୁଠାରୁ ଦୀର୍ଘକାଳୀନ ନିର୍ବାଚିତ ପ୍ରଧାନମନ୍ତ୍ରୀ ମୋଦି
### ଅଭିନନ୍ଦନ ଜଣାଇଲେ ପ୍ରମୁଖ ବିଶ୍ୱ ନେତା



ନୂଆଦିଲ୍ଲୀ,୯।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସବୁଠାରୁ ଦୀର୍ଘ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବା ଦିନର ପୂର୍ବ ସନ୍ଧ୍ୟାରେ ବିଶ୍ୱ ନେତାମାନଙ୍କଠାରୁ ତାଙ୍କୁ ଅଭିନନ୍ଦନର ବାର୍ତ୍ତା ମିଳିଛି। ବିଶ୍ୱର ବିଭିନ୍ନ ସ୍ଥାନରୁ ପ୍ରମୁଖ ନେତାମାନେ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତନକାରୀ ପ୍ରଶାସନ, ଗ୍ଲୋବାଲ୍ ସାଉଥ ପାଇଁ ତାଙ୍କର ସମର୍ଥନ ଏବଂ ଏକ ସମାବେଶୀ ତଥା ଆର୍ଥିକ ଭାବରେ ପ୍ରଗତିଶୀଳ ଭାରତ ପାଇଁ ତାଙ୍କ ଦୃଷ୍ଟିକୋଣ ପ୍ରତି ସମ୍ମାନ ଜଣାଇଛନ୍ତି। ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକ ୮ ଜୁନ୍ ୨୦୨୬ରେ ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଏକ ଚିଠିରେ ଶ୍ରୀଲଙ୍କା ସରକାର ଏବଂ ଲୋକଙ୍କ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଚିଠିରେ ସେ ଲେଖିଛନ୍ତି: ଏହି ମାଇଲଖୁଣ୍ଟ କେବଳ ଆପଣଙ୍କ କାର୍ଯ୍ୟକାଳର ବର୍ଷଗୁଡ଼ିକ ପାଇଁ ନୁହେଁ, ବରଂ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ଲୋକମାନେ ଆପଣଙ୍କ ନେତୃତ୍ୱ ପ୍ରତି ବାରମ୍ବାର ଯେଉଁ ବିଶ୍ୱାସ ଓ ଭରସା ରଖିଛନ୍ତି ତାହାର ମଧ୍ୟ ଏକ ପ୍ରମାଣ। ଶ୍ରୀଲଙ୍କା ରାଷ୍ଟ୍ରପତି ଭାରତର ଉଲ୍ଲେଖନୀୟ ଆର୍ଥିକ ଓ ସାମାଜିକ ପରିବର୍ତ୍ତନ ଉପରେ ମଧ୍ୟ ଆଲୋକପାତ କରିଛନ୍ତି। ପାପୁଆ ନ୍ୟୁଗିନିର ପ୍ରଧାନମନ୍ତ୍ରୀ ଜେମ୍ସ ମାରାପେ ଏକ ବ୍ୟକ୍ତିଗତ ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଏବଂ ଉଦାହରଣ ସୃଷ୍ଟିକାରୀ ନେତା'' ଭାବରେ ବର୍ଣ୍ଣନା କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି, ବର୍ତ୍ତମାନର ସମୟରେ ୨୦ କୋଟିରୁ ଅଧିକ ଲୋକଙ୍କୁ ଦାରିଦ୍ର୍ୟରୁ ଉଦ୍ଧାର କରି ସେମାନଙ୍କ ଜୀବନସ୍ତରରେ ଉନ୍ନତି ଆଣିବା ଏକ ଆଶ୍ଚର୍ଯ୍ୟଜନକ ସଫଳତା। ପ୍ରଧାନମନ୍ତ୍ରୀ ମାରାପେ ପାପୁଆ ନ୍ୟୁଗିନିର ସ୍ନେହପୂର୍ଣ୍ଣ ବନ୍ଧୁତା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ଇଚ୍ଛା ପ୍ରକାଶ କରିଛନ୍ତି। ତ୍ରିନିଦାଦ ଓ ଟୋବାଗୋର ପ୍ରଧାନମନ୍ତ୍ରୀ ମହାମହିମ କମଳା ପର୍ସାଦ-ବିସେସାର ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଆନ୍ତର୍ଜାତିକ ପ୍ରସଙ୍ଗରେ ଏକ ପ୍ରମୁଖ ସ୍ୱର ପାଲଟିଛି।'' ୨୬ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଦ୍ୱିପାକ୍ଷିକ ଗସ୍ତ ଥିଲା। ଏହି ଗସ୍ତ ତ୍ରିନିଦାଦ ଓ ଟୋବାଗୋକୁ ଭାରତୀୟ ପ୍ରବାସୀମାନଙ୍କ ଆଗମନର ୧୮୦ତମ ବାର୍ଷିକୀ ପୂର୍ତ୍ତି ଅବସରରେ ହୋଇଥିଲା।

### ମିଳିତ ଜାତିସଂଘରେ ପାକ୍ ଭାରତର ନିଶାଣ

# "ଫିତନା ଅଲ୍-ହିନ୍ଦୁସ୍ତାନ" ଶବ୍ଦ ବ୍ୟବହାରକୁ ତୀବ୍ର ବିରୋଧ

ନୂଆଦିଲ୍ଲୀ,୯।୬: ମିଳିତ ଜାତିସଂଘରେ ପାକିସ୍ତାନକୁ ପୁଣି କଡ଼ା ଭାଷାରେ ସମାଲୋଚନା କଲା ଭାରତ । ନିଜ ସୀମା ଭିତରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନଗୁଡ଼ିକୁ ଫିତନା ଅଲ୍-ହିନ୍ଦୁସ୍ତାନ କହି ଭାରତ ବିରୋଧରେ ପାକିସ୍ତାନ ବିଷ ଉଗାରୁଛି। ପାକିସ୍ତାନର ଅସଲ ଚେହେରାକୁ ବିଶ୍ୱ ଦରବାରରେ ପଦାରେ ପକାଇଛନ୍ତି ଭାରତୀୟ କୂଟନୀତିଜ୍ଞ । ଜାତିସଂଘ ସୁରକ୍ଷା ପରିଷଦରେ ଆଫଗାନିସ୍ତାନ ସ୍ଥିତି ନେଇ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭାରତ ପକ୍ଷରୁ ପାକିସ୍ତାନ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଜାତିସଂଘରେ ଭାରତର ରାଷ୍ଟ୍ରଦୂତ ହରିଶ ପର୍ବତନେନୀ କହିଛନ୍ତି ଯେ, ଇସଲାମାବାଦ ନିଜର ବିଫଳତାକୁ ଲୁଚାଇବା ପାଇଁ ଧାର୍ମିକ ଶବ୍ଦାବଳୀର ସାହାରା ନେଉଛି । ପାକିସ୍ତାନ ସରକାର ନିଜ ସରକାରୀ ଏଜେନ୍ସିଗୁଡ଼ିକୁ ସୀମା ମଧ୍ୟରେ ସକ୍ରିୟ ଆତଙ୍କବାଦୀ ଗୋଷ୍ଠୀଙ୍କୁ ଫିତନା ଅଲ୍-



ହିନ୍ଦୁସ୍ତାନ କହିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ଭାରତ ସ୍ପଷ୍ଟ କରିଛି ଯେ, ଏହା କେବଳ ଧାର୍ମିକ ଶବ୍ଦ ପରିଧାନରେ ଆବୃତ୍ତ ଏକ ସରକାରୀ ପ୍ରାୟୋଜିତ ଭ୍ରମାତ୍ମକ ତଥ୍ୟ ଓ ଅପପ୍ରଚାର ଅଭିଯାନ ବୋଲି ଭାରତ କହିଛି। ରାଜଦୂତ ହରୀଶ ପର୍ବତନେନୀ ପାକିସ୍ତାନର ସାମରିକ ଓ ରାଜନୈତିକ ବ୍ୟବସ୍ଥାକୁ ତୀବ୍ର କଟାକ୍ଷ କରି କହିଛନ୍ତି । 'ଏହା ପାକିସ୍ତାନର ସ୍ଥାପିତ ସତ୍ତା ଦ୍ୱାରା ପରିଚାଳିତ ଏକ ସଂଗଠିତ ଘୃଣାର ଫ୍ୟାକ୍ଟ୍ରି । ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ନିଜ ଦେଶର ନାଗରିକଙ୍କ ମନରେ ଭାରତ ପ୍ରତି ସବୁବେଳେ ଶତ୍ରୁତା ମନୋଭାବ ବଜାୟ ରଖିବା । ଏହାଦ୍ୱାରା ସେଠାକାର ଶାସକ ନିଜ ଗାଦି ସୁରକ୍ଷିତ ରଖିପାରିବେ, ଜାତୀୟ ସମ୍ବଳ ଉପରେ ନିୟନ୍ତ୍ରଣ ରଖିବେ ଏବଂ ଜନସାଧାରଣଙ୍କ ଦୃଷ୍ଟିକୁ ମୂଳ ରାଜନୈତିକ ଓ ଅର୍ଥନୈତିକ ସଙ୍କଟରୁ ଦୂରେଇ ରଖିପାରିବେ ।' ଏହି ପ୍ରସଙ୍ଗରେ ସେ ପାକିସ୍ତାନରେ ସେନା ଦ୍ୱାରା ହୋଇଥିବା ପରୋକ୍ଷ କ୍ଷମତା ଦଖଲକୁ ପ୍ରମାଣ ଭାବେ ଉପସ୍ଥାପନ କରିଛନ୍ତି । ଏହି ବୈଠକରେ ଭାରତ ଆଫଗାନିସ୍ତାନ ସୀମା ଭିତରେ ପାକିସ୍ତାନ ଦ୍ୱାରା କରାଯାଇଥିବା ସାମରିକ ଏୟାରଷ୍ଟ୍ରାଇକ ବା ବିମାନ ଆକ୍ରମଣକୁ ମଧ୍ୟ କଡ଼ା ଭାଷାରେ ନିନ୍ଦା କରିଛି । ଭାରତୀୟ ଦୂତ କହିଛନ୍ତି ଯେ, କୌଣସି ନିରୀହ ସାଧାରଣ ନାଗରିକଙ୍କ ଗଣହତ୍ୟାକୁ 'ସାମରିକ ଅଭିଯାନ'ର ରୂପ ଦେଇଦେଲେ ଅପରାଧୀର ଦୋଷ କମିଯାଏ ନାହିଁ । ସାଧାରଣ ନାଗରିକଙ୍କୁ ହତ୍ୟା କରିବା, ଶିଶୁମାନଙ୍କୁ ଅନାଥ କରିବା କଦାପି ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ । ପବିତ୍ର ରମଜାନ ମାସରେ ଆଫଗାନିସ୍ତାନ ଉପରେ ବର୍ବରୋଚିତ ବିମାନ ଆକ୍ରମଣ କରି ପୁଣି ଆନ୍ତର୍ଜାତୀୟ ନିୟମ ଓ ଇସଲାମିକ ଏକତାର ବଡ଼ ବଡ଼ କଥା କହିବା ପାକିସ୍ତାନର ଚରମ ମୁର୍ଖାମିକୁ ଦର୍ଶାଉଛି ।

# ରଙ୍ଗ ଯୋଗାଇବା ନାଁରେ ୨ ଲକ୍ଷ ଠକେଇ, ଠକକୁ ଜେଲ ପଠାଗଲା

ଭୁବନେଶ୍ୱର(ନିପ୍ର): ଅଭିଯୋଗକାରୀଙ୍କୁ ରଙ୍ଗ ଦେବାର ପ୍ରତିଶ୍ରୁତି ଦେଇ ୨ ଲକ୍ଷ ଟଙ୍କା ଠକେଇ କରିବା ଉଦ୍ଦେଶ୍ୟରେ ନେବା ପରେ ଧମକ ଚମକ ଦେବା ଅଭିଯୋଗରେ ସହିଦନଗର ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକଙ୍କ ନାମ ତାରେଶ୍ୱର ମହାରଣା ଓରଫ କୁନୁ (୩୬) ଓ ତାଙ୍କ ଘର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୋମିଖାଲରେ ବୋଲି ଜଣାପଡିଛି । ଏନେଇ ଲୁକେଶ୍ୱର ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ତାରେଶ୍ୱର ସହିଦନଗରର ମହାରାଣା ହାର୍ଡୱେୟାର ଷ୍ଟୋରର ମାଲିକ । ସେ ଅଭିଯୋଗକାରୀଙ୍କ ନିକଟରୁ ୨ ଲକ୍ଷ ଟଙ୍କା ନେଇଥିଲେ ଏବଂ ୪ଲକ୍ଷ ଟଙ୍କା ମୂଲ୍ୟର ରଙ୍ଗ ସାମଗ୍ରୀ ଯୋଗାଇଦେବେ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଅଭିଯୁକ୍ତଙ୍କ ପ୍ରତିଶ୍ରୁତିକୁ ବିଶ୍ୱାସ କରି ଅଭିଯୋଗକାରୀ ଗତ ଏପ୍ରିଲ ୨୩ ତାରିଖରେ ମମତା ଶର୍ମାଙ୍କ ଆକାଉଣ୍ଟରୁ ଅଭିଯୁକ୍ତ ତାରେଶ୍ୱରଙ୍କ ଆକାଉଣ୍ଟକୁ ଅନଲାଇନରେ ଉକ୍ତ ଟଙ୍କା ସ୍ଥାନାନ୍ତର କରିବାକୁ ତାଙ୍କ ବନ୍ଧୁ ଆକାଶ ଜୈନଙ୍କୁ ଅନୁରୋଧ କରିଥିଲେ । ଟଙ୍କା ପାଇବା ପରେ, ଅଭିଯୁକ୍ତ ପ୍ରତିଶ୍ରୁତି ଅନୁଯାୟୀ ରଙ୍ଗ ସାମଗ୍ରୀ ଯୋଗାଇ ନଥିଲେ କିମ୍ବା ଟଙ୍କା ଫେରସ୍ତ କରି ନଥିଲେ । ଅଭିଯୋଗକାରୀ କଳାହାଣ୍ଡିରୁ ଅନେକ ଥର ଅଭିଯୁକ୍ତଙ୍କ ବାସଭବନକୁ ମଧ୍ୟ ଯାଇଥିଲେ, କିନ୍ତୁ ଅଭିଯୁକ୍ତ ତାଙ୍କୁ ଏଡ଼ାଇ ଯାଇଥିଲେ ଏବଂ ଟଙ୍କା ଫେରସ୍ତ କରିବାକୁ ମନା କରି ଦେଇଥିଲେ । ଅଭିଯୋଗକାରୀ ଟଙ୍କା କିମ୍ବା ସାମଗ୍ରୀ ଦାବି କରିବା ସମୟରେ, ଅଭିଯୁକ୍ତ ତାଙ୍କୁ ଦୁର୍ବ୍ୟବହାର କରିଥିଲେ ଏବଂ ସେ ଯାହା ଚାହିଁବେ ତାହା କରିପାରିବେ ବୋଲି ଧମକ ଦେଇଥିଲେ । ପରବର୍ତ୍ତୀ ସମୟରେ ଅଭିଯୁକ୍ତ ନେଇଥିବା ଟଙ୍କା ଫେରସ୍ତ ପାଇଁ ଏକ ଚେକ୍ ଦେଇଥିଲେ, କିନ୍ତୁ ଯାଞ୍ଚ ପରେ ଜଣାପଡିଥିଲା ଯେ, ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଟଙ୍କାନଥିବାରୁ ତାହା ନାକଚ ହୋଇଯାଇଛି । ତେଣୁ, ଅନ୍ୟ କୌଣସି ବିକଳ୍ପ ନପାଇ, ଅଭିଯୁକ୍ତଙ୍କ ବିରୋଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସେ ଥାନାରେ ଅଭିଯୋଗ ଦାଖଲ କରିଥିଲେ । ପୋଲିସ ଆଇନ ଅନୁଯାୟୀ ମଙ୍ଗଳବାର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

## ମଦ ନ ଦେବାରୁ ହତ୍ୟା ଧମକ, ୨ ଗିରଫ

ଭୁବନେଶ୍ୱର(ନିପ୍ର): ମଦ ନ ଦେବାରୁ ଜଣେ ଯୁବକଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ମଙ୍ଗଳବାର ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଦୁଇ ଯୁବକ ହେଲେ ଏନ ନାଗେଶ ଓରଫ ନାଗୁ ଏବଂ ଶ୍ରୀସନ୍ତ ବାରିକ । ଏନେଇ ରବି ପାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ପରିବାର ସହ ହଳଦୀପଡିଆ ବସ୍ତି ଅଞ୍ଚଳରେ ରୁହନ୍ତି । ସୋମବାର ବିଳମ୍ବିତ ରାତିରେ ଦୁଇ ଅଭିଯୁକ୍ତ ଏକ ସ୍କୁଟି ଯୋଗେ ତାଙ୍କ ଘର ନିକଟରେ ପହଞ୍ଚି ତାଙ୍କୁ ମଦ ମାଗିଥିଲେ । ଅଭିଯୋଗକାରୀ ମଦ ଦେବାକୁ ମନା କରିବାରୁ ଉଭୟ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ । ଏହାଶୁଣି ଅଭିଯୋଗକାରୀ ତାଙ୍କର ବିରୋଧ କରିବାରୁ ଉଭୟ ମିଶି ତାଙ୍କୁ ମାଡ ମାରିଥିଲେ ଏବଂ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ସ୍କୁଟି ଚାବି ସାହାଯ୍ୟରେ ତାଙ୍କ ବେକକୁ ଆକ୍ରମଣ କରିଥିଲେ । ଯାହାଫଳରେ ତାଙ୍କ ବେକରେ କ୍ଷତ ସୃଷ୍ଟିହୋଇ ରକ୍ତସ୍ରାବ ହୋଇଥିଲା । ତାଙ୍କ ପାଟିଶୁଣି ଭଉଣୀ, ଭିଣୋଇ ଘଟଣାସ୍ଥଳରେ ପହଞ୍ଚିବା ସହ ତାଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରି ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ମାମଲାର ତଦନ୍ତ କାଳରେ ଏକ ବିଶ୍ୱସ୍ତ ସୂତ୍ରରୁ ପୋଲିସ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ହେପାଜତରୁ ଘଟଣାରେ ବ୍ୟବହୃତ ସ୍କୁଟିକୁ ଜବତ କରିଥିଲେ । ପଚରାଉଚରା ବେଳେ, ଉଭୟ ନିଜର ଦୋଷ ସ୍ୱୀକାର କରିଛନ୍ତି ।

# ମାରଣାସ୍ତ୍ର ଦେଖାଇ ଗ୍ରାମବାସୀଙ୍କୁ ଭୟଭୀତ କରୁଥିବା ଅପରାଧୀ ଗିରଫ

ଜଟଣୀ(ନିପ୍ର): ଜଟଣୀ ଥାନା ଅନ୍ତର୍ଗତ ଖୁଦୁପୁର ଗ୍ରାମରେ ସୋମବାର ରାତି ପ୍ରାୟ ୮ଟା ସମୟରେ ସେହି ଗ୍ରାମର ସୋମନାଥ ପ୍ରଧାନ ଓରଫ ମୁନା (୨୩) ନାମକ ଜଣେ ଅଭ୍ୟାସଗତ ଅପରାଧୀ ହାତରେ ଏକ ଖଣ୍ଡା ଧରି ଗାଁରେ ବୁଲାବୁଲି କରି ଆତଙ୍କ ସୃଷ୍ଟି କରୁଥିଲେ । ସେ ଗ୍ରାମବାସୀ ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବୋମା ଫିଙ୍ଗି ହତ୍ୟା କରିଦେବାର ଧମକ ଦେଉଥିଲେ ଏବଂ ଜୋରପୂର୍ବକ 'ଦାଦାବଟି' ଦାବି କରୁଥିଲେ । ଅନରୂପ ଭାବେ ମଙ୍ଗଳବାର ସକାଳ ପ୍ରାୟ ୯ ଟା ସମୟରେ ଅଭିଯୁକ୍ତ ପୁଣିଥରେ ଏକ ଖଣ୍ଡା ଓ ହାତ ତିଆରି ବୋମା ସଦୃଶ ବସ୍ତୁ ଧରି ଅଭିଯୋଗକାରୀ ଦେବଦତ୍ତ ବଳିୟାରସିଂହଙ୍କ ଘର ନିକଟକୁ ଆସି ତାଙ୍କ ପିତା ଏବଂ ପରିବାରର ମହିଳା ସଦସ୍ୟ ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ ବୋମା ଫିଙ୍ଗି ହତ୍ୟା କରିଦେବାର ଧମକ ଦେଇଥିଲେ । ଅଭିଯୋଗକାରୀ ଏହାର



କାରଣ ପଚାରିବାରୁ ଅଭିଯୁକ୍ତ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଖଣ୍ଡାରେ ଆକ୍ରମଣ କରିଥିଲେ । ତେବେ ଅଭିଯୋଗକାରୀ କୌଶଳକ୍ରମେ ସେହି ଆକ୍ରମଣରୁ ବର୍ତ୍ତି ଯାଇଥିଲେ । ଏହି ସମୟରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲେ । ଯିବା ସମୟରେ ମଧ୍ୟ ସେ ଅଭିଯୋଗକାରୀଙ୍କୁ ହତ୍ୟା କରିବାର ଧମକ ଦେଇଯାଇଥିଲେ । ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସୂଚନା ମତେ ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ । ତାଙ୍କ ବିରୋଧରେ ଅବକାରୀ ଆଇନ ଏବଂ ବ୍ରାଉନ ସୁଗାର କାରବାର ସମ୍ବନ୍ଧୀୟ ଅନେକ ମାମଲା ରହିଛି । ଜେଲରୁ ବାହାରିବା ପରେ ସେ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ଲୋକମାନଙ୍କୁ ଧମକ ଦେଇ ଦାଦାବଟି ଆଦାୟ କରୁଥିଲେ ଏବଂ ବିଭିନ୍ନ ବେଆଇନ କାର୍ଯ୍ୟକଳାପ କରି ସାଧାରଣ ଜନଶାନ୍ତି ଓ ଆଇନ-ଶୃଙ୍ଖଳା ପ୍ରତି ବିପଦ ସୃଷ୍ଟି କରୁଥିଲେ । ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ମୁନାଙ୍କୁ କେସ ନମ୍ବର ୩୧୮/୨୬ ଆଧାରରେ ଗିରଫ କରିବା ସହ ତାଙ୍କ ହେପାଜତରୁ ଏକ ଖଣ୍ଡା ଜବତ କରିଥଲେ । ପଚରାଉଚରା ବେଳେ, ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଜଟଣୀ ଥାନାରେ ୭ ଗୋଟି ଭିନ୍ନ ଅପରାଧିକ ମାମଲା ରହିଥିବା ଜଣାପଡିଛି ।

## ଦାଦାବଟି ମାଗି ପେସାଦାର ଅପରାଧୀ ଗିରଫ

ଭୁବନେଶ୍ୱର(ନିପ୍ର): ଖଣ୍ଡାଧରି ଜଟଣୀ ଖୁଦୁପୁର ଗାଁରେ ବୁଲାବୁଲି କରିବା ସହ ଦାଦାବଟି ନ ଦେଲେ ଖଣ୍ଡାରେ ଆକ୍ରମଣ କରିବା ଧମକ ଦେବା ଅଭିଯୋଗରେ ଜଟଣୀ ଥାନା ପୋଲିସ ମଙ୍ଗଳବାର ଜଣେ ପେଶାଦାର ଅପରାଧୀଙ୍କୁ ଗିରଫ କରିଛି । ଗିରଫ ଅପରାଧୀଙ୍କ ନାମ ସୋମନାଥ ପ୍ରଧାନ ଓରଫ ମୁନା (୨୩) ଓ ତାଙ୍କ ଘର ଖୁଦୁପୁର ଗାଁରେ ବୋଲି ଜଣାପଡିଛି । ଏନେଇ ଦେବଦତ୍ତ ବଳିୟାରସିଂ ଥାନାରେ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ସୋମବାର ରାତି ପ୍ରାୟ ୮ଟା ସମୟରେ ଅଭିଯୁକ୍ତ ସୋମନାଥ ପ୍ରଧନ ଓରଫ ମୁନା ଏକ ଖଣ୍ଡା ଧରି ଖୁଦୁପୁର ଗାଁରେ ବୁଲାବୁଲି କରି ଆତଙ୍କ ସୃଷ୍ଟି କରୁଥିଲେ । ସେ ଗ୍ରାମବାସୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବୋମା ଫିଙ୍ଗି ହତ୍ୟା କରିଦେବାର ଧମକ ଦେଉଥିଲେ ଏବଂ ଜୋରପୂର୍ବକ 'ଦାଦାବଟି' ଦାବି କରୁଥିଲେ । ମଙ୍ଗଳବାର ସକାଳ ପ୍ରାୟ ୯ଟା ସମୟରେ ଅଭିଯୁକ୍ତ ପୁଣିଥରେ ଏକ ଖଣ୍ଡା ଓ ହାତ ତିଆରି ବୋମା ସଦୃଶ ବସ୍ତୁ ଧରି ଅଭିଯୋଗକାରୀଙ୍କ ଘର ନିକଟକୁ ଆସି ଅଭିଯୋଗକାରୀ, ତାଙ୍କ ପିତା ଏବଂ ପରିବାରର ମହିଳା ସଦସ୍ୟମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ ବୋମା ଫିଙ୍ଗି ହତ୍ୟା କରିଦେବାର ଧମକ ଦେଇଥିଲେ । ଅଭିଯୋଗକାରୀ ଏହାର କାରଣ ପଚାରିବାରୁ ଅଭିଯୁକ୍ତ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଖଣ୍ଡାରେ ଆକ୍ରମଣ କରିଥିଲେ । ତେବେ ଅଭିଯୋଗକାରୀ କୌଶଳକ୍ରମେ ସେହି ଆକ୍ରମଣରୁ ବର୍ତ୍ତି ଯାଇଥିଲେ । ଏହି ସମୟରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲେ । ଯିବା ସମୟରେ ମଧ୍ୟ ସେ ଅଭିଯୋଗକାରୀଙ୍କୁ ହତ୍ୟା କରିବାର ଧମକ ଦେଇଯାଇଥିଲେ । ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ । ତାଙ୍କ ବିରୋଧରେ ଆବକାରୀଆଇନ ଏବଂ ବ୍ରାଉନସୁଗର କାରବାର ସମ୍ବନ୍ଧୀୟ ଅନେକ ମାମଲା ରହିଛି । ଜେଲରୁ ବାହାରିବା ପରେ ସେ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ଲୋକମାନଙ୍କୁ ଧମକ ଦେଇ ଦାଦାବଟି ଆଦାୟ କରୁଥିଲେ ଏବଂ ବିଭିନ୍ନ ବେଆଇନ କାର୍ଯ୍ୟକଳାପ କରି ସାଧାରଣ ଜନଶାନ୍ତି ଓ ଆଇନଶୃଙ୍ଖଳା ପ୍ରତି ବିପଦ ସୃଷ୍ଟି କରୁଥିଲେ ।

## ବେଆଇନ ଗୋଚାଲାଣ ବେଳେ ଚଢ଼ାଉ: ଜଣେ ଗିରଫ



କାକଟପୁର(ନିପ୍ର): ବେଆଇନ ଗୋଚାଲାଣ ଅଭିଯୋଗରେ ପୋଲିସ ଚଢ଼ାଉ କରି ୨ଟି ଗୋମାତାଙ୍କୁ ଉଦ୍ଧାର କରିବା ସହ ଜଣେ ଅଭିଯୁକ୍ତକୁ ଗିରଫକରି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ, କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଜୟନ୍ତୀ ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ପେଶାଲ ଟିମ୍ ସ୍ଥାନୀୟ ମଲାମାଛ ଛକ ନିକଟରେ ଚଢ଼ାଉ କରିଥିଲେ । ଏହି ସମୟରେ ଏକ ଟାଟା ଏସି ଗାଡ଼ି (ନଂ-ଓଡି୦୨ଏକ୍ସ-୪୮୮୨) ଯୋଗେ ବେଆଇନ ଭାବେ ଚାଲାଣ ହେଉଥିବା ଗୋଟିଏ ଗାଈ ଏବଂ ଗୋଟିଏ ବଳଦକୁ ପୋଲିସ ସଫଳତାର ସହ ଉଦ୍ଧାର କରିଥିଲା । ଏହି ଘଟଣାରେ ସଂପୃକ୍ତ ଥିବା ଅସ୍ତରଙ୍ଗ ଥାନା ଅଧୀନସ୍ଥ ନମାରୋ ଗ୍ରାମର ବାସୁଦେବ ନାଥଙ୍କ ପୁଅ ବିଷ୍ଣୁ ନାଥ (୩୨)ଙ୍କୁ ପୋଲିସ ଗିରଫ କରିଛି । ଏ ନେଇ କାକଟପୁର ଥାନାରେ କେସ୍ ନମ୍ବର ୨୦୯/୨୬ ରେ ଏକ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତଙ୍କ ବିରୋଧରେ ବିଏନଏସର ଦଫା ୨୦୩(୨), ୩୧୭(୨)/୩(୫) ଏବଂ ୧୯୬୦ ପଶୁ କ୍ରୁରତା ନିବାରଣ ଆଇନର ସେକ୍ସନ ୧୧(ଏ), (ଡ଼ି) ଓ (ଇ) ଅଧୀନରେ ମାମଲା ଦାୟର କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି ।

### ୪ଜଣଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

## ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ




ଆସିକା(ନିପ୍ର): ଆସିକା ଥାନା ମଙ୍ଗଳପୁର ଗ୍ରାମରେ ଗୋଟିଏ ପରିବାରର ବାପା ମା ଓ ଦୁଇ ପୁଅଙ୍କୁ ମରଣାତ୍ମକ ଆକ୍ରମଣ ମାମଲାରେ ଆସିକା ପୋଲିସ ଥାନା କେସ ନମ୍ବର ୨୯୧ରେ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶ ଥାଉକି ଗତ ୫ ତାରିଖ ରାତିରେ ମଙ୍ଗଳପୁର ବଡ଼ସାହିର ଶ୍ରୀଶ୍ରୀ ରାଧାଗୋବିନ୍ଦ ଜିଉଙ୍କ ସମ୍ମୁଖ ଏକ ସୁଦୀର୍ଘ ରାଜରାସ୍ତାକୁ ଗାଁର କେତେକ ମୁଷ୍ଟିମେୟ ଲୋକ ନିଜ ନାମରେ ବେନାମୀ ପଟ୍ଟା କରିବା ସହ ଅନ୍ୟ କେତକ ଲୋକ ଜବରଦଖଲ କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ମଙ୍ଗଳପୁର ଗ୍ରାମର ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ମା ଉର୍ମିଳା ଆଚାର୍ଯ୍ୟ, ଦୁଇପୁଅ ମୃତ୍ୟୁଞ୍ଜୟ ଆଚାର୍ଯ୍ୟ ଓ ତାଙ୍କ ଭାଇ ଦୁର୍ଗା ଆଚାର୍ଯ୍ୟ ଘରପାଖ ମନ୍ଦିର ପିଣ୍ଡିରେ ବସିଥିବାବେଳେ ଅତର୍କିତ ଭାବେ ସେହି ଗ୍ରାମର ପ୍ରତାପ ମହାରଣା, କାହ୍ନୁ ମହାରଣା ଓ ଜଗନ୍ନାଥ ମହାରଣା ଠେଙ୍ଗାରେ ଆକ୍ରମଣ କରିଥିଲେ । ଏଥିରେ ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟଙ୍କ ପରିବାର ଗୁରୁତର ଆହତ ହୋଇ ପ୍ରଥମେ ଆସିକା ଉପଖଣ୍ଡ ପରେ ବ୍ରହ୍ମପୁର ସ୍ଥାନାନ୍ତର ହୋଇଥିଲେ । ଏହି ମାମଲାରେ ମୃତ୍ୟୁଞ୍ଜୟ ଆସିକା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଆସିକା ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଅସ୍ତରଙ୍ଗ ଅଞ୍ଚଳରେ ବନ୍ଦ ହେଉନି ମନ୍ଦିର ଚୋରି

## ପ୍ରଶାସନ ଉପରୁ ଆସ୍ଥା ହରାଉଛନ୍ତି ଅଞ୍ଚଳବାସୀ

କାକଟପୁର(ନିପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଏବେ ଚୋରଙ୍କ ଆତ୍ମାସ୍ଥଳୀ ପାଲଟିଛି । ଦିନକୁ ଦିନ ଏଠି ଲୁଟେରାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି । ମଠ ମନ୍ଦିର ବିଦ୍ୟାଳୟ ଅଙ୍ଗନବାଡି କେନ୍ଦ୍ର ସବୁଠି ହେଉଛି ଚୋରି । ରାତି ପାହିଲେ କେଉଁଠୁ ନା କେଉଁଠୁ ଖବର ଆସୁଛି ଅସ୍ତରଙ୍ଗରେ ଚୋରି । କୌଣସି ମନ୍ଦିର ଛାଡୁ ନାହାନ୍ତି, ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର, ହନୁମାନ ମନ୍ଦିର ପରେ ଏବେ ସରିପୁର ପଞ୍ଚାୟତ ଭେଡ଼ାବନ୍ଧ ଗ୍ରାମର ମା ଅମ୍ବିକାଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ରୁପା ପିତଳ ସାମଗ୍ରୀ ଚୋରି ହୋଇଛି ବୋଲି ପୂଜକ ଅଭିଯୋଗ ଆଣିଛନ୍ତି । ଏହି ଘଟଣା ପରେ ସମ୍ପୂର୍ଣ୍ଣ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହେବାରେ ଲାଗିଛି । ଉକ୍ତ ଗ୍ରାମର ଶେଷରେ ମା ଅମ୍ବିକାଙ୍କ ମନ୍ଦିର ରବିବାର ସକାଳ ୬ ଘଟିକା ସମୟରେ ପୂଜକ ରଜତ ମିଶ୍ର ଚାବି ଆଣି ମା'ଙ୍କ ଦ୍ୱାର ଫିଟାଇଲା ବେଳେ ଦେଖିବାକୁ ପାଇଥିଲେ କବାଟର ତାଲା ତଳେ ପଡିଛି ଆଉ ଦ୍ୱାର ର ପିତଳ ଖିଡ଼ିକି କୁନ୍ଦା ଭଙ୍ଗା ହୋଇ ତଳେ ପଡିଛି ପୂଜକ ମା ଙ୍କ ଦ୍ୱାର ଫିଟାଇ ଗର୍ଭ ଗୃହ ରେ ପ୍ରବେଶ କରିବା ପରେ ଦେଖିଥିଲେ ମା ଙ୍କର ରୁପା ମୁକୁଟ, ସୁନା ର ଚିତା ଓ଼ ପିତଳ ଘଣ୍ଟ ୫ ଟି ମନ୍ଦିରରେ ନାହିଁ, ସେ ଜାଣିପାରିଲେ ଯେ ମା ଙ୍କ ଗର୍ଭ ଗୃହ କୁ ଦୁର୍ବୃର୍ତ୍ତ ମାନେ ବିଳମ୍ବିତ ରାତ୍ର ରେ ଆସି ଏହି କାଣ୍ଡ ଘଟାଇ ଛନ୍ତି । ଚୋରି ହୋଇଛି ଜାଣି ସଙ୍ଗେ ସଙ୍ଗେ ଗ୍ରାମରେ ମୁରବି ମାନେ ଏକାଠି ହୋଇ ସିଧା ସଳଖ ପୋଲିସ ପ୍ରଶାସନକୁ ଦାୟୀକରି ସୁରକ୍ଷା ବ୍ୟବସ୍ଥା ଢିଲାକାରଣରୁ ଗ୍ରାମାଞ୍ଚଳରେ ଚୋରି ହେଉଛି । ରାତ୍ରି ପାଟ୍ରୋଲିଂ ହେଉନଥିବାରୁ ବ୍ରାଉନସୁଗାର ସହିତ ଅନ୍ୟ ନିଶା କାରବାର ଏତେ ପରିମାଣ ରେ ବୃଦ୍ଧି ପାଉଛି ଯାହାକୁ ସେବନ କରି ଏହିପରି କାଣ୍ଡ ଘଟାଉଛନ୍ତି ।




## ଜୋତା ସୋ' ରୁମ୍‌ରୁ ୯ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି: ସେଲ୍ସମ୍ୟାନଙ୍କୁ ଜେଲ ପଠାଇଲା ପୋଲିସ

ଭୁବନେଶ୍ୱର(ନିପ୍ର): ଏକ ଜୋତା ଦୋକାନରୁ ପ୍ରାୟ ୯ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ମଙ୍ଗଳବାର ଦୋକାନର ସେଲ୍ସମ୍ୟାନଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ବିକାଶ ରଞ୍ଜନ ପଣ୍ଡା (୪୫) ଓ ତାଙ୍କ ଘର ଯାଜପୁର ଧର୍ମଶାଳାରେ ବୋଲି ଜଣାପଡିଛି । ଏନେଇ ଅଭିଜିତ ପାଢୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କର ଶ୍ରୀୟା ଛକରେ ସ୍କେଚର୍ସ ସୋରୁମ ନାମରେ ଏକ ଜୋତା ଦୋକାନ ଅଛି । ବିକାଶ ରଞ୍ଜନ ପଣ୍ଡା ଗତ ଏକ ବର୍ଷ ଧରି ଉକ୍ତ ଶୋରୁମରେ ସେଲସମ୍ୟାନ ଭାବେ କାମ କରୁଥିଲେ । ଜୁନ ୩ ତାରିଖ ଦିନ ଷ୍ଟକ୍ ଅଡିଟ୍ ରିପୋର୍ଟରୁ, ଅଭିଯୋଗକାରୀ ଜାଣିବାକୁ ପାଇଥିଲେ ଯେ, ସ୍କେଚର୍ସ ଜୋତାର ଶହେରୁ ଅଧିକ ଯୋଡ଼ା ଚୋରି ହୋଇଛି ଏବଂ ଚୋରି ଜୋତାର ମୂଲ୍ୟ ପ୍ରାୟ ୯ ଲକ୍ଷ ହେବ । ସେ ଆହୁରି ମଧ୍ୟ ଜାଣିବାକୁ ପାଇଥିଲେ ଯେ, ଷ୍ଟୋରରୁମର ସିସିଟିଭି ଫୁଟେଜ୍ ସେଲସମ୍ୟାନ ବିକାଶ ରଞ୍ଜନ ପଣ୍ଡାଙ୍କ ଦ୍ୱାରା ଜାଣିଶୁଣି ଡିଲିଟ୍ କରାଯାଇଛି । ଯାଞ୍ଚ ପରେ, ସେ ଏହା ମଧ୍ୟ ଜାଣିବାକୁ ପାଇଥିଲେ ଯେ, ବିକାଶ ଚୋରା ଜୋତା ବିକ୍ରୟ ପାଇଁ କିଛି ଅଜଣା ବ୍ୟକ୍ତିଙ୍କ ସହିତ ଯୋଗାଯୋଗରେ ଥିଲେ । ଏନେଇ ସେ ସେଲସମ୍ୟାନ ବିକାଶ ରଞ୍ଜନ ପଣ୍ଡାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ । ମାମଲାର ତଦନ୍ତ କାଳରେ ପୋଲିସ ଅଭିଯୁକ୍ତ ସେଲସମ୍ୟାନ ବିକାଶ ରଞ୍ଜନ ପଣ୍ଡାଙ୍କୁ ଗିରଫ କରିଛି ।

## ବେଆଇନ ମାଟି ଚାଲାଣ: ଲଗାତାର ଦୁର୍ଘଟଣା, ଜନଅସନ୍ତୋଷ

ଧାମନଗର(ନିପ୍ର): ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତରୁ ଏକ ଚିନ୍ତାଜନକ ଖବର ସାମ୍ନାକୁ ଆସିଛି । ଜାହାଙ୍ଗୀର ଗ୍ରାମର ପାର୍ଲାମେଣ୍ଟ ଛକ ନିକଟରୁ ଜାହାଙ୍ଗୀର କାଳୀ ବଜାର ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ମିଳିଥିବା ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ନିଜର ବ୍ୟକ୍ତିଗତ କାମ ପାଇଁ ଟ୍ରାକ୍ଟର ସାହାଯ୍ୟରେ ମାଟି ବୋହୁଥିବା ବେଳେ ରାସ୍ତା ସାରା ମାଟି ପକାଇ ଦେଇଛନ୍ତି । ବର୍ତ୍ତମାନ ବର୍ଷା ଜାରି ରହିଥିବାରୁ ଏହି ମାଟି ସମ୍ପୂର୍ଣ୍ଣ କାଦୁଅରେ ପରିଣତ ହୋଇଯାଇଛି । ଫଳରେ ସେହି ବାଟ ଦେଇ ଯାତାୟାତ କରୁଥିବା ଲୋକମାନେ, ବିଶେଷ କରି ବାଇକ୍ ଚାଳକମାନେ ଖସି ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି । ନିଜ ସ୍ୱାର୍ଥ ପାଇଁ ସାଧାରଣ ଜନତାଙ୍କ ଜୀବନକୁ ବିପଦରେ ପକାଉଥିବା ଏଭଳି ବେପରୁଆ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ସଫା କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ସାଇବର ଠକେଇର ଶିକାର ହେଲେ ବରିଷ୍ଠ ପୋଲିସ ଅଧିକାରୀ

## ଧାମନଗର ଏସଡିପିଓଙ୍କ ଆକାଉଣ୍ଟରୁ ଗାଏବ ହେଲା ୯୯ ହଜାର ଟଙ୍କା

ଧାମନଗର(ନିପ୍ର): ସାଇବର ଠକଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଥର ସାଇବର ଲୁଟେରାଙ୍କ ଶିକାର ହୋଇଛନ୍ତି ସ୍ୱୟଂ ଜଣେ ବରିଷ୍ଠ ପୋଲିସ ଅଧିକାରୀ । ଭଦ୍ରକ ଜିଲ୍ଲା ଧାମନଗର ଏସଡିପିଓ ଅନିରୁଦ୍ଧ ମୁଦୁଲିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଜାଲିଆତି କରି ପ୍ରାୟ ୯୮,୯୨୮ ଟଙ୍କା ଲୁଟି ନିଆଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଧାମନଗର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ସୂଚନା ଅନୁଯାୟୀ, ଏସଡିପିଓ ଶ୍ରୀ ମୁଦୁଲିଙ୍କର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଏକ ସଞ୍ଚୟ ଖାତା ରହିଛି । ଗତ ଜୁନ୍ ୩ ତାରିଖ ସନ୍ଧ୍ୟା ପ୍ରାୟ ୫ଟା ୩୧ ମିନିଟ୍ ସମୟରେ ତାଙ୍କ ମୋବାଇଲ ନମ୍ବରକୁ ଏକ ମେସେଜ୍ ଆସିଥିଲା, ଯେଉଁଥିରେ ତାଙ୍କ ଆକାଉଣ୍ଟରୁ ୯୮,୫୦୦ ଟଙ୍କା ୟୁପିଆଇ ମାଧ୍ୟମରେ ଶୁଭଜିତ୍ କ୍ଷେତ୍ରୀ ନାମକ ଜଣେ ବ୍ୟକ୍ତିଙ୍କ ଖାତାକୁ ସ୍ଥାନାନ୍ତର ହୋଇଥିବା ଉଲ୍ଲେଖ ଥିଲା । ତାଙ୍କ ଅଗୋଚରରେ ଏହି ବଡ଼ ଅଙ୍କର କାରବାର ହୋଇଥିବା ଦେଖି ସେ ସନ୍ଦେହ ପ୍ରକାଶ କରିଥିଲେ । ଏହାପରେ ସେ ତୁରନ୍ତ ବ୍ୟାଙ୍କ ଶାଖାକୁ ଯାଇ ନିଜ ଆକାଉଣ୍ଟର ଟ୍ରାଞ୍ଜାକସନ୍ ଡିଟେଲ୍ସ (ବିବରଣୀ) ଯାଞ୍ଚ କରିଥିଲେ । ଯାଞ୍ଚ ପରେ ଜଣାପଡ଼ିଥିଲା ଯେ କେବଳ ସେହିଦିନ ନୁହେଁ, ବରଂ ପୂର୍ବରୁ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ତାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ କରାଯାଇଛି । ଗତ ମେ' ୨୬ ତାରିଖରେ ୧ ଟଙ୍କା, ମେ' ୨୮ରେ ୨୦ ଟଙ୍କା, ମେ' ୩୧ରେ ୬ ଟଙ୍କା ଏବଂ ଜୁନ୍ ୧ ତାରିଖରେ ପୁଣି ୧ ଟଙ୍କା ୟୁପିଆଇ ମାଧ୍ୟମରେ କାଟି ନିଆଯାଇଥିଲା । ଅତି ଚତୁରତାର ସହ ଆକାଉଣ୍ଟ ସକ୍ରିୟ ଅଛି କି ନାହିଁ ପରଖିବା ପାଇଁ ପ୍ରଥମେ ଛୋଟ ଛୋଟ ଅଙ୍କର ଟଙ୍କା ଏବଂ ପରେ ଏକାଥରକେ ବଡ଼ ଅଙ୍କର ଟଙ୍କା ଲୁଟି ନିଆଯାଇଥିବା ସନ୍ଦେହ କରାଯାଉଛି । ସର୍ବମୋଟ ୯୮,୯୨୮ ଟଙ୍କା ଅଜ୍ଞାତ ଅଭିଯୁକ୍ତମାନେ ଲୁଟି ନେଇଛନ୍ତି । ଠକାମିର ଶିକାର ହେବା ପରେ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିବା ପ୍ରକ୍ରିୟାରେ ବ୍ୟସ୍ତ ଥିବା ଯୋଗୁଁ ଏଫଆଇଆର ଦେବାରେ ସାମାନ୍ୟ ବିଳମ୍ବ ହୋଇଥିଲା । ଗତ ଜୁନ୍ ୬ ତାରିଖରେ ଧାମନଗର ଥାନାରେ ଏ ସମ୍ପର୍କରେ ଏକ ଲିଖିତ ଅଭିଯୋଗ ହେବା ପରେ, ପୋଲିସ କେସ୍ ନମ୍ବର ୨୪୯/୨୦୨୬ ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୩(୨) ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଆକ୍ଟର ଧାରା ୬୬ ଓ ୬୬(ଉ) ଅଧୀନରେ ମାମଲା ରୁଜୁ କରିଛି । ଧାମନଗର ଥାନା ଆଇଆଇସି ସୁଭ୍ରଜିତ୍ ଦାସ ନିଜେ ଏହି ହାଇପ୍ରୋଫାଇଲ୍ ସାଇବର ଲୁଟ୍ ମାମଲାର ତଦନ୍ତ ଭାର ଗ୍ରହଣ କରିଛନ୍ତି । ଧାମନଗର ପୋଲିସ ସାଇବର ସେଲ୍ ସହାୟତାରେ ଅଭିଯୁକ୍ତ ଏବଂ ସଂପୃକ୍ତ ୟୁପିଆଇ ଆକାଉଣ୍ଟଗୁଡ଼ିକୁ ଚିହ୍ନଟ କରିବା ପାଇଁ ପ୍ରକ୍ରିୟା ଜାରି ରଖିଛି ।

# ଉଚ୍ଛେଦ ହେଲା ଜବରଦଖଲ: ଭାଙ୍ଗିଲା ନାହିଁ ମଦଭାଟି



ଆସିକା(ନିପ୍ର): ଆସିକା ମଙ୍ଗଳପୁର ଗ୍ରାମର ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀଉ ମନ୍ଦିର ସମ୍ମୁଖରେ ଥିବା ସୁଦୀର୍ଘ ରାଜ ଦାଣ୍ଡରେ ବେଆଇନ ଜବରଦଖଲକୁ ଆସିକା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି । ଏହି ଉଛେଦ ପ୍ରକ୍ରିୟାରେ ଆସିକା ତହସିଲଦାର ସଂଗୀତା ସେଣ, ଅତିରିକ୍ତ ତହସିଲଦାର ଅମରେଶ ସାବତ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ, ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ, ଅତିରିକ୍ତ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ, ସୁପରଭାଇଜର ସମେତ ୨ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ମଙ୍ଗଳପୁର ବଡ଼ ସାହିର ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜିଉଙ୍କ ସମ୍ମୁଖ ଏକ ସୁଦୀର୍ଘ ରାଜ ରାସ୍ତାକୁ ଗାଁର କେତେକ ମୁଷ୍ଟିମେୟ ଲୋକ ନିଜ ନାମରେ ବେନାମୀ ପଟ୍ଟା କରିବା ସହ ଅନ୍ୟ କେତକ ଲୋକ ଜବରଦଖଲ କରିବା ସହ ଗ୍ରାମ ମଧ୍ୟ ଭାଗରେ ଜଣେ ଦେଶୀ ମଦ ଭାଟିକରି ମଦ ବିକୁଥିଲେ । ଏହାକୁ କେନ୍ଦ୍ରକରି ଗ୍ରାମର ଜଣେ ଜୈନିକ ବ୍ୟକ୍ତି ସୁରତରେ ଏକ ସ୍ୱେଚ୍ଛାସେବୀ ସଂଗଠନ କରିଛନ୍ତି । ସେ ଆଇନଜୀବୀଙ୍କ ଜରିଆରେ ଉକ୍ତ ସ୍ଥାନରେ ଥିବା ୧୬ ଜଣ ଜବରଦଖଲକାରୀଙ୍କ ବିରୁଦ୍ଧରେ ଗଞ୍ଜାମ ଜିଲ୍ଲପାଳଙ୍କ ନିକଟରେ ଗ୍ରାମର ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀଉ ମନ୍ଦିର ସମ୍ମୁଖରେ ଥିବା ସୁଦୀର୍ଘ ରାଜ ଦାଣ୍ଡରେ ବେଆଇନ ଜବରଦଖଲ ଓ ମଦ ବିକ୍ରି କେନ୍ଦ୍ରକୁ ବିରୋଧ କରି ଅଭିଯୋଗ କରିଥିଲେ । ଏହାକୁ ଭିତ୍ତିକରି ଉପଖଣ୍ଡ ମାଜିଷ୍ଟ୍ରେଟ ଭଞ୍ଜନଗର ଗତ ୦୧/୦୬/୨୦୨୬ ସିଆର ସିସି ଧାରା ୧୩୩ ବଳରେ ଆସିକା ତହସିଲ ମଙ୍ଗଳପୁର ମୌଜା ଖାତା ନମ୍ବର ୧୫୨୩ ପ୍ଲଟ ନମ୍ବର ୧୪୯୯ ମୋଟ ୨୫୦ଡ଼ିସିମିଲ ଗ୍ରାମ ମଝି ଦାଣ୍ଡରେ ଥିବା ୯ଜଣ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଥିଲା ବେଳେ ୧୯୯୯ ମସିହାରେ ଅନ୍ୟ ୭ଜଣ ପ୍ରଭାବଶାଳୀ ଚତୁର ବ୍ୟକ୍ତି ସେଟେଲମେଣ୍ଟ ନିୟମ ବଳରେ ମୋଟା ଅଙ୍କର ଲାଞ୍ଚଦେଇ ଘର ପଟ୍ଟା କରି ଦେଇଛନ୍ତି ବୋଲି ଗ୍ରାମ ବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ । ଯାହା ଫଳରେ ଉକ୍ତ ବେନିୟମ ଘରକୁ ପ୍ରଶାସନ ପକ୍ଷରୁ ନ ଭାଙ୍ଗି ଛାଡି ଦିଆଯାଇଛି । ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । ଗ୍ରାମବାସୀ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଉକ୍ତ ୭ଜଣଙ୍କ ଘରକୁ ମଧ୍ୟ ଭଙ୍ଗାଯିବା ସହ ଉକ୍ତ ମଦ ଭାଟିକୁ ମଧ୍ୟ ଭଙ୍ଗା ଯାଉ ବୋଲି ପ୍ରଶାସନ ନିକଟରେ ଜିଦ ଧରିଥିଲେ ।

## ଧାମନଗରରେ ପୁଣି ଧଳା ଜହର ଜବତ: ଜଣେ ଗିରଫ

ଧାମନଗର(ନିପ୍ର): ଧାମନଗର ଅଞ୍ଚଳରେ ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପୁଲିସକୁ ଏକ ବଡ଼ ସଫଳତା ମିଳିଛି । ଧାମନଗର ଥାନା ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତର ଉତେଇପୁର ଗ୍ରାମର ମନୋରଞ୍ଜନ ପତି (୩୦) ନାମକ ଜଣେ ଯୁବକଙ୍କୁ ପୁଲିସ ଧଳା ଜହର (ବ୍ରାଉନସୁଗାର) ବେପାର ଅଭିଯୋଗରେ ଗିରଫ କରିଛି । ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ୩ଟା ସମୟରେ ଧାମନଗର ଥାନା ଏସଆଇ ମହେଶ୍ୱର ପ୍ରଧାନ ନିଜ ଟିମ୍ ସହ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ମନୋରଞ୍ଜନ ବୈତରଣୀ ପୋଲ ନିକଟରେ ବ୍ରାଉନସୁଗାର ଆଣୁଥିବା ନେଇ ପୁଲିସକୁ ଗୁପ୍ତ ସୂଚନା ମିଳିଥିଲା । ପୁଲିସ ତୁରନ୍ତ ସେଠାରେ ଚଢ଼ଉ କରି ମନୋରଞ୍ଜନକୁ କାବୁ କରିଥିଲା । ପରବର୍ତ୍ତୀ ସମୟରେ ଧାମନଗର ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତ ମହାଳିକଙ୍କ ଉପସ୍ଥିତିରେ ତା' ନିକଟରୁ ୧୦ ଗ୍ରାମ ଓଜନର ଧଳା ଜହର, ବେପାର ବାବଦ ୧୨ ହଜାର ଟଙ୍କା ଏବଂ ଏକ ମୋବାଇଲ୍ ଫୋନ ଜବତ କରାଯାଇଛି । ଏହି ମାମଲାର ତଦନ୍ତ ଦାୟିତ୍ୱ ଥାନାର ଏସଆଇ ନାରାୟଣ ନାୟକଙ୍କୁ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ମନୋରଞ୍ଜନ ଦୀର୍ଘ ଦିନ ହେବ ଏହି ଅବୈଧ କାରବାରରେ ସମ୍ପୃକ୍ତ ଥିବା ସହ ନିଜେ ମଧ୍ୟ ନିଶାସକ୍ତ ବୋଲି ଜଣାପଡ଼ିଛି । ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଉଥିବାରୁ ପୁଲିସ ର ଏପରି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି । ଧାମନଗରରେ ଯେଉ ବେଆଇନ ନିଶା କାରବାର ହେଉଛି ତାହାକୁ ରୋକିବା ପାଇଁ ସ୍ୱତନ୍ତ୍ର ଟିମି କରାଯାଇ ବେପାରୀଙ୍କୁ ଧରାଯାଉଛି ବୋଲି ଥାନା ଅଧିକାରୀ ଶୁଭ୍ରଜିତ ଦାସ କହିଛନ୍ତି ।

### ଶେଷ ୪ ଓଭରରେ ଚମତ୍କାରିତା

# ଶ୍ରୀଲଙ୍କା ହାତରୁ ବିଜୟ ଛଡ଼ାଇ ଆଣିଲା ଭାରତ



**ନୂଆଦିଲ୍ଲୀ, ୯/୬:** ଆଇପିଏଲ୍ ତାରକାଙ୍କୁ ନେଇ ଗଠିତ ଭାରତୀୟ 'ଏ' ଦଳ ତ୍ରିରାଷ୍ଟ୍ରୀୟ ସିରିଜ୍ରେ ବିଜୟରୁ ନିଜର ଅଭିଯାନ ଆରମ୍ଭ କରିଛି । ପରାଜୟର ଦ୍ୱାର ଦେଶରେ ଥାଇ ବି ଶ୍ରୀଲଙ୍କାର ହାତମୁଠାରୁ ବିଜୟ ଛଡ଼ାଇ ଆଣିଛି ଭାରତୀୟ ଏ ଦଳ । ଏକଦା ଶ୍ରୀଲଙ୍କା ଦଳ ସହଜ ବିଜୟ ଆଡ଼କୁ ଗତି କରୁଥିବା ବେଳେ ଶେଷ କେଇଟି ଓଭରରେ ଭାରତୀୟ ବୋଲରମାନେ ଶାଣିତ ବୋଲିଂ କରି ମ୍ୟାଚ୍ର ମୋଡ଼ ବଦଳାଇ ଦେଇଥିଲେ ଏବଂ ଶ୍ରୀଲଙ୍କା ମୁହଁରୁ ବିଜୟ ଛଡ଼ାଇ ଆଣିଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଋତୁରାଜ ଗାଏକ୍ୱାଡ଼ଙ୍କ ଶତକ ଏବଂ ଅଧିନାୟକ ତିଳକ ବର୍ମାଙ୍କ ୬୦ ରନ ବଳରେ ୬ ୱିକେଟ୍ ହରାଇ ୨୭୭ ରନ କରିଥିଲା । ଜବାବରେ ଅଧିନାୟକ ସାହାନ ଅରାଚିଗେଙ୍କ ୭୪ ରନ ଏବଂ ଦୁଇ ଓପନର ଉପଯୋଗୀ ବ୍ୟାଟିଂ ପରେ ବି ୪୮.୫ ଓଭରରେ ୨୬୯ ରନରେ ଅଲଆଉଟ୍ ହୋଇଛି । ଆଉ ଭାରତ ରୋମାଞ୍ଚକର ମ୍ୟାଚକୁ ୮ ରନରେ ଜିତି ନେଇଛି । ୨୭୮ ରନର ପିଛା କରୁଥିବା ଶ୍ରୀଲଙ୍କା ଦଳ ୪୬ ଓଭର ସୁଦ୍ଧା ୬ ୱିକେଟ୍ ହରାଇ ୨୫୬ ରନ୍ କରିସାରିଥିଲା । ଜିତିବା ପାଇଁ ଶେଷ ୨୪ ବଲ୍ରେ ଦଳକୁ ମାତ୍ର ୨୨ ରନ୍ ଆବଶ୍ୟକ ଥିଲା । କ୍ରିଜ୍ରେ ସେତେବେଳେ ଅର୍ଦ୍ଧଶତକୀୟ ପାଳି ଖେଳି କ୍ରିଜରେ ଥିଲେ ଅଧିନାୟକ ସହାନ ଆରାଚିଗେ । ଭାରତ ମ୍ୟାଚ୍ ହାରିଯିବା ନେଇ ସମସ୍ତେ ଭାବି ନେଇଥିଲେ । କିନ୍ତୁ ଏହାପରେ ମ୍ୟାଚରେ ଆସିଥିଲା ଟୁଇଷ୍ଟ । ୪୭ତମ ଓଭର ବୋଲିଂ କରିବାକୁ ଆସିଥିବା ଅରଶଦ୍ ଖାନ୍ ମାତ୍ର ୫ ରନ୍ ଦେଇ ଶ୍ରୀଲଙ୍କା ଉପରେ ଚାପ ସୃଷ୍ଟି କରିଥିଲେ । ୪୮ତମ ଓଭର ଅଂଶୁଲ କାମ୍ବୋଜ ମାତ୍ର ୭ ରନ୍ ଦେବା ସହ ସେଟ୍ ବ୍ୟାଟର ତଥା ଶ୍ରୀଲଙ୍କା ଅଧିନାୟକ ଆରାଚିଗେ (୭୪ ରନ୍)ଙ୍କ ବଡ଼ ୱିକେଟ୍ ଚଟକାଇଥିଲେ । ୪୯ତମ ଓଭର ଶେଷ ୧୨ ବଲରେ ଶ୍ରୀଲଙ୍କାକୁ ୧୦ ରନ୍ ଦରକାର ଥିଲା ଏବଂ ହାତରେ ୩ଟି ୱିକେଟ୍ ବାକି ଥିଲା । ଏହି ଓଭରରେ ଅରଶଦ୍ ଖାନ୍ ଘାତକ ବୋଲିଂ କରି ଦ୍ୱିତୀୟ ବଲ୍ରେ ବିଜୟକାନ୍ତଙ୍କୁ ପାଭିଲିୟନ ପଠାଇଥିଲେ । ପରବର୍ତ୍ତୀ ବଲରେ ଭାନୁକା ସହାନ ରନ୍ ଆଉଟ୍ ହୋଇଥିଲେ ଏବଂ ଓଭରର ପଞ୍ଚମ ବଲରେ ମହମ୍ମଦ ସିରାଜଙ୍କୁ ଆଉଟ୍ କରି ଭାରତକୁ ୮ ରନର ଏକ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ ।

## ହୃଦ୍‌ଘାତରେ ପ୍ରାଣ ହରାଇଲେ ଭୋଇ ସେବାୟତ



**ପୁରୀ, ୯/୬(ନିପ୍ର):** ପୁରୀ ରଥଖଳାରେ ମଙ୍ଗଳବାର ଶୋକର ଛାୟା ଖେଳିଯାଇଛି । ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜଣେ ଭୋଇ ସେବାୟତଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ମୃତ ସେବାୟତଙ୍କ ନାମ ଧୋବା ଭୋଇ ବୋଲି ଜଣାପଡ଼ିଛି । ସେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ନିର୍ମାଣ କାମରେ ନିୟୋଜିତ ଥିଲେ । ସୂଚନା ଅନୁସାରେ, ମଙ୍ଗଳବାର ସକାଳେ କାମ କରୁଥିବା ବେଳେ ଧୋବା ଭୋଇଙ୍କ ଛାତିରେ ଯନ୍ତ୍ରଣା ଅନୁଭବ ହୋଇଥିଲା । ସହକର୍ମୀମାନେ ତୁରନ୍ତ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ଧୋବା ଭୋଇଙ୍କ ଅକାଳ ବିୟୋଗ ଖବର ପହଞ୍ଚିବା ପରେ ରଥଖଳାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ରଥ ନିର୍ମାଣରେ ନିୟୋଜିତ ଅନ୍ୟ ସେବାୟତମାନେ ମଧ୍ୟ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ରଥଯାତ୍ରା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଜୋରଦାର ଭାବେ ଚାଲିଥିବା ବେଳେ ଏପରି ଘଟଣା ସମସ୍ତଙ୍କୁ ମର୍ମାହତ କରିଛି । ଖବର ପାଇ ପୁରୀ ଜିଲ୍ଲାପାଳ ରଥଖଳାରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଥିଲେ । ସେ ମୃତ ସେବାୟତଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନ ଦେଇଛନ୍ତି । ରଥ ନିର୍ମାଣ ସେବାରେ ନିଜକୁ ସମର୍ପିତ କରିଥିବା ଧୋବା ଭୋଇଙ୍କ ମୃତ୍ୟୁ ପୁରୀର ସେବାୟତ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି । ତାଙ୍କ ବିୟୋଗରେ ରଥଖଳାରେ ଶୋକର ମାହୋଲ ସୃଷ୍ଟି ହୋଇଛି ।

## ଦୀର୍ଘଦିନ ପରେ ନୂତନ ବନଖଣ୍ଡ ଅଧିକାରୀଙ୍କ ଯୋଗଦାନ

ଆଠଗଡ,୯ ।୬(ନିପ୍ର): ଆଠଗଡ ବନଖଣ୍ଡରେ ଦୀର୍ଘଦିନ ଧରି ସ୍ଥାୟୀ ବନଖଣ୍ଡ ଅଧିକାରୀ ନ ଥିବାରୁ ଆଠଗଡ଼ ବନଖଣ୍ଡରେ ଅସୁରକ୍ଷିତ ହୋଇପଡ଼ିଥିଲା । ଏଥିସହ ନିରୀହ ବନ୍ୟଜନ୍ତୁ ଏବଂ ବନ୍ୟ ସମ୍ପଦ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଥିଲା । ଏହା ଭିତରେ ୧୨ରୁ ଊର୍ଦ୍ଧ୍ୱ ହାତୀଙ୍କର ମୃତ୍ୟୁଘଟି ଆଠଗଡ଼ ବନଖଣ୍ଡ ଚର୍ଚ୍ଚାରେ ରହିଆସିଥିଲା । ଏଭଳି ଘଟଣା ଘଟି ଚାଲିଥିଲା କେବଳ ଆଠଗଡରେ ସ୍ଥାୟୀ ବନଖଣ୍ଡ ଅଧିକାରୀଙ୍କ ଅନୁପସ୍ଥିତ କାରଣ ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ସହିତ ସାଧାରଣରେ ଅଭିଯୋଗ ହୋଇଆସୁଥିଲା । ଏବେ ନୂତନ ଦକ୍ଷ ଆଇଏଫଏସ ବନଖଣ୍ଡ ଅଧିକାରୀ ଭାବେ ଅନୁରାଗ ମିଶ୍ର ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଆଠଗଡ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତିଙ୍କ ପଦୋନ୍ନତି ପାଇ ତା୧୫ .୮.୨୦୨୫ ରୁ ଆଠଗଡ ଛାଡ଼ିବା ପରେ ୧୦ ମାସ ଧରି ବନଖଣ୍ଡ ଅଧିକାରୀଙ୍କ ପଦବିଟି ଖାଲି ପଡିଥିଲା ।

## ଫେରିଲା ଅନଲାଇନ ଠକେଇ ଟଙ୍କା

**ନିରାକାରପୁର,୯/୬(ନିପ୍ର):** ଡିଜିଟାଲ ଯୁଗରେ ଅନଲାଇନ ଆର୍ଥିକ ଠକେଇର ମାମଲା ବଢ଼ି ଚାଲିଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ପୋଲିସର ତତ୍ପରତା ଓ ସଠିକ୍ ପଦକ୍ଷେପ ଯୋଗୁଁ ଜଣେ ଅସହାୟ ବୃଦ୍ଧା ନିଜର ଠକେଇ ହୋଇଥିବା ଟଙ୍କା ଫେରିପାଇବାରେ ସଫଳ ହୋଇଛନ୍ତି । ପୋଲିସର ମଧ୍ୟସ୍ଥତା ଓ ଆପୋଷ ବୁଝାମଣା ଫଳରେ ଏହି ସମସ୍ୟାର ସମାଧାନ ହୋଇପାରିଛି । ମିଳିଥିବା ସୂଚନା ମୁତାବକ, ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ପଂଚାୟତ ରାଉତରାପୁର ଗ୍ରାମର ସ୍ୱର୍ଗତ ନୀଳମଣି ନାୟକଙ୍କ ପତ୍ନୀ ଇନ୍ଦୁ ନାୟକ (୬୩) ଗତ ମେ' ୨୬ ତାରିଖରେ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ସ୍ୱର୍ଗତ ସ୍ୱାମୀଙ୍କ ବ୍ୟାଙ୍କ ଆକାଉଣ୍ଟ (ନଂ- ୧୧୨୬୩୯୩୨୩୩୦) ରୁ କେହି ଜଣେ ଦୁର୍ବୃତ୍ତ ପ୍ରାୟ ୯,୮୦୦ ଟଙ୍କା ଅନଲାଇନ ମାଧ୍ୟମରେ କାଟି ନେଇଥିଲା । ବ୍ୟାଙ୍କ ଷ୍ଟେଟମେଣ୍ଟ ଯାଞ୍ଚ କରିବା ପରେ ଜଣାପଡ଼ିଥିଲା ଯେ, ଏହି ଟଙ୍କା ନିର୍ଦ୍ଦିଷ୍ଟ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟ (ଆଇସିଆଇସିଆଇ ବ୍ୟାଙ୍କ) ଏବଂ ନିର୍ଦ୍ଦିଷ୍ଟ କିଛି ମୋବାଇଲ୍ ନମ୍ବର ସହିତ ସଂଯୁକ୍ତ ଆକାଉଣ୍ଟକୁ ସ୍ଥାନାନ୍ତରିତ ହୋଇଛି ।

## ଏସଆଇଏଚଏମ୍‌ରେ ନାମ ଲେଖାଇଲେ ୩ ଛାତ୍ରଛାତ୍ରୀ

**ବଲାଙ୍ଗିର, ୯/୬(ନିପ୍ର):** ବଲାଙ୍ଗିର ଜିଲ୍ଲାରେ ରାଜ୍ୟ ହୋଟେଲ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ (ଏସ ଆଇ ଏଚ ଏମ୍)ଠାରେ ୬ ମାସ ସାର୍ଟିଫିକେଟ କୋର୍ସ ପାଠପଢ଼ି ଶୀଘ୍ର ନିଯୁକ୍ତି ମିଳିବା ପାଇଁ ପିତୃ ଓ ମାତହୀନ ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ଦ୍ୱାରା ଯଶୋଦା ଯୋଜନା ମାଧ୍ୟମରେ ନାମ ଲେଖାଇବାକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥାପିତ ଥିବା ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବର୍ଗଡ଼ିଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ସାହୁ, ସ୍ନେହା ଜେନା ଓ ରୋହନ ସେଲମାଙ୍କର ନାମ ଲେଖାଯାଇଛି । ଏହି ଛାତ୍ରଛାତ୍ରୀମାନଙ୍କୁ ଏସଆଇଏଚଏମ୍ ର ଅଧ୍ୟକ୍ଷ ଡଃ. ଏକନାଥ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଓ ୬ ମାସ କୋର୍ସ ଶେଷ ହେବା ପୂର୍ବରୁ କ୍ୟାମ୍ପସ ନିଯୁକ୍ତି ନିଶ୍ଚିତ ବୋଲି କହିଛନ୍ତି ।

## କୂଅ ସଫା ବେଳେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ

**ଆଳି,୯ ।୬(ନିପ୍ର):** କୂଅ ସଫା ବେଳେ ଶ୍ୱାସରୁଦ୍ଧ ହୋଇ ଜଣେ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଦୁଇ ଶ୍ରମିକ ଗୁରୁତର ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ମାନପୁର ଗ୍ରାମରେ ଘଟିଛି ଏହି ଅଘଟଣ । ଗ୍ରାମର ସୁକାନ୍ତ ପରିଡାଙ୍କ କୂଅ ସଫା କରିବା ନିମନ୍ତେ ମଙ୍ଗଳବାର ସକାଳେ ଦେମାଳ ଗ୍ରାମର ପରୀକ୍ଷିତ ସିଂହ, ମାନପୁର ଗ୍ରାମର ଚିତ୍ତରଞ୍ଜନ ସାମଲ, ପୁଅ ରମେଶ ସାମଲ ଯାଇଥିଲେ । ପରୀକ୍ଷିତ ସିଂହ କୂଅ ଭିତରକୁ ପ୍ରବେଶ କରିବାର କିଛି ସମୟ ମଧ୍ୟରେ ଶ୍ୱାସରୁଦ୍ଧ ହୋଇଯାଇଥିଲେ । ପରୀକ୍ଷିତ କୂଅରୁ ନ ଉଠିବାରୁ ଚିତ୍ତରଞ୍ଜନ ସାମଲ କୂଅକୁ ପଶିବା ପରେ ଶ୍ୱାସରୁଦ୍ଧ ହୋଇଯାଇଥିଲେ । ଚିତ୍ତଙ୍କ ପୁଅ ରମେଶ ସାମଲ ବାପାଙ୍କୁ ବଞ୍ଚାଇବା ପାଇଁ ପଶିଥିଲେ ମଧ୍ୟ ସେ ଅଚେତ ହୋଇ ପଡ଼ିଥିଲେ ।

## ଧାନ ବିକିବା ପୂର୍ବରୁ ଗଲା ଚାଷୀଙ୍କ ଜୀବନ !

ଭୁବନେଶ୍ୱର,୯ ।୬(ନିପ୍ର): ଧାନ ବିକ୍ରି ପୂର୍ବରୁ ଚାଲିଗଲା ଚାଷୀଙ୍କ ଜୀବନ । ଏଣେ ମଣ୍ଡିରେ ପଡ଼ି ରହିଛି ୧୫୦ ବସ୍ତା ଧାନ । ତେଣେ ଚିକିତ୍ସା ଅଭାବରୁ ଜନୈକ ଚାଷୀଙ୍କ ମୃତ୍ୟୁ ଅଭିଯୋଗ ସାମ୍ନାକୁ ଆସିଛି । ଦୀର୍ଘଦିନ ଧରି ଅପେକ୍ଷା କରିଥିବା ଗୁଦେରପାଲି ଗାଁର ଚାଷୀ ହରିଶଙ୍କର ପାତ୍ରଙ୍କ ମୃତ୍ୟୁ ହୋଇଛି । ଧାନ ବିକ୍ରିରୁ ମିଳିବାକୁ ଥିବା ଅର୍ଥରେ ଚିକିତ୍ସା କରାଇବାର ଆଶା ରଖିଥିବା ବେଳେ ସେ ଆଖି ବୁଜିଥିବା ଅଭିଯୋଗ ହୋଇଛି । ଟୋକନ ପାଇଥିଲେ ମଧ୍ୟ ଧାନ କ୍ରୟରେ ବିଳମ୍ବ ହେବାରୁ ତାଙ୍କର ୬୨ କ୍ୱିଣ୍ଟାଲରୁ ଅଧିକ ଧାନ ଏପର୍ଯ୍ୟନ୍ତ ବିକ୍ରି ହୋଇପାରିନାହିଁ । ଗତ ମେ' ୩୦ ତାରିଖରୁ ପ୍ରାୟ ୧୫୦ ବସ୍ତା ଧାନ ମଣ୍ଡିରେ ପଡ଼ିରହିଛି । ରୋଗଗ୍ରସ୍ତ ଅବସ୍ଥାରେ ଧାନ ଶୀଘ୍ର କ୍ରୟ ପାଇଁ ସେ ବାରମ୍ବାର ଗୁହାରୀ କରିଥିଲେ ବୋଲି ପରିବାର ଅଭିଯୋଗ କରିଛି ।

### ରେଳ ଟେଣ୍ଡର ଘୋଟାଲା ମନି ଲଣ୍ଡରିଂ ମାମଲା

## ଜୁଲାଇ ୧୬ରେ ହେବ ଚାର୍ଜ ଫ୍ରେମ୍ ନିଷ୍ପତ୍ତି



**ନୂଆଦିଲ୍ଲୀ, ୯/୬(ପିଆଇବି):** ମଙ୍ଗଳବାର ରାଉଜ୍ ଆଭେନ୍ୟୁ କୋର୍ଟ ରେଳ ଟେଣ୍ଡର ଘୋଟାଲା ମନି ଲଣ୍ଡରିଂ ମାମଲାରେ ଚାର୍ଜ ଫ୍ରେମ୍ ନିଷ୍ପତ୍ତିକୁ ପୁଣି ଥରେ ସ୍ଥଗିତ ରଖିଛନ୍ତି । ପୂର୍ବରୁ, କୋର୍ଟ ମେ ୬ ଏବଂ ମେ ୨୨ ତାରିଖରେ ନିଷ୍ପତ୍ତିକୁ ସ୍ଥଗିତ ରଖିଥିଲେ । ସ୍ୱତନ୍ତ୍ର ବିଚାରପତି ବିଶାଳ ଗୋଗାନେ ଏବେ ଜୁଲାଇ ୧୬ ତାରିଖରେ ରାୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ଫେବୃଆରୀ ୧୩ ତାରିଖରେ ତାଙ୍କର ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ । ଜାନୁଆରୀ ୨୮, ୨୦୧୯ରେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଦାୟର ମାମଲାରେ କୋର୍ଟ ଲାଲୁ ଯାଦବ, ରାବଡୀ ଦେବୀ ଏବଂ ତେଜସ୍ୱୀ ଯାଦବଙ୍କୁ ନିୟମିତ ଜାମିନ ପ୍ରଦାନ କରିଥିଲେ । କୋର୍ଟ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କାର ବ୍ୟକ୍ତିଗତ ବଣ୍ଡରେ ଜାମିନ ପ୍ରଦାନ କରିଥିଲେ । ଜାନୁଆରୀ ୧୯, ୨୦୧୯ରେ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଦାୟର ମାମଲାରେ କୋର୍ଟ ଲାଲୁ ଯାଦବଙ୍କୁ ନିୟମିତ ଜାମିନ ପ୍ରଦାନ କରିଥିଲେ । ୧୩ ଅକ୍ଟୋବର, ୨୦୨୫ରେ, କୋର୍ଟ ସିବିଆଇ-ସମ୍ବନ୍ଧିତ ରେଳ ଟେଣ୍ଡର ଦୁର୍ନୀତି ମାମଲାରେ ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରେ ଲାଲୁ ପ୍ରସାଦ ଯାଦବ, ରାବଡୀ ଦେବୀ ଏବଂ ତେଜସ୍ୱୀ ଯାଦବଙ୍କ ବିରୁଦ୍ଧରେ ଚାର୍ଜ ଫ୍ରେମ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।।

### ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦ

# ଡିଜି ଅଫିସ ଘେରିବ ଓଡ଼ିଶା ଜନତା କଂଗ୍ରେସ



ଭୁବନେଶ୍ୱର, ୯/୬(ନିପ୍ର): ଓଡ଼ିଶାରେ କ୍ରମାଗତ ଭାବେ ବଢ଼ି ଚାଲିଥିବା ଅପରାଧିକ କାର୍ଯ୍ୟକଳାପ ଏବଂ ଭିଡହିଂସାକୁ ନିୟନ୍ତ୍ରଣ କରିବାରେ ବିଜେପି ସରକାର ସଂପୂର୍ଣ୍ଣ ଭାବରେ ବିଫଳ ହୋଇଛନ୍ତି । ବିଗତ ଦୁଇବର୍ଷ ଭିତରେ ଡବଲ ଇଞ୍ଜିନ୍ ସରକାର ରାଜ୍ୟରେ ଶାସନ ବ୍ୟବସ୍ଥାକୁ ଆସିବା ପରେ ରାଜ୍ୟର ଅପରାଧ ହାର ସମଗ୍ର ଭାରତବର୍ଷରେ ବିହାରକୁ ପଛରେ ପକାଇ ୧ ନମ୍ବର ହୋଇଛି । ଏଭଳି ଅଭିଯୋଗ ଆଣିବା ସହ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିର ପ୍ରତିବାଦରେ ଓଡ଼ିଶା ଜନତା କଂଗ୍ରେସ ତରଫରୁ ଏକ ବିଶାଳ ପ୍ରତିବାଦ ସଭା ଓ ଗଣବିକ୍ଷୋଭ ଆସନ୍ତା ଜୁନ୍ ୧୧ ତାରିଖ ଗୁରୁବାର କଟକ ସ୍ଥିତ ପୋଲିସ୍ ଡିଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହେବ । ଏହି ପ୍ରତିବାଦ ସଭାରେ ଓଜେସି ସଭାପତି ଇଂ. ମହମ୍ମଦ ମୋକିମଙ୍କ ସମେତ ସମସ୍ତ ବରିଷ୍ଠ ନେତୃବୃନ୍ଦ ଏବଂ ହଜାର ହଜାର କାର୍ଯ୍ୟକର୍ତ୍ତା ଯୋଗଦେବେ ବୋଲି ଓଜେସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ପ୍ରଶାନ୍ତ ଶତପଥି ଜଣାଇଛନ୍ତି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଜେସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ପ୍ରଶାନ୍ତ ଶତପଥି କହିଥିଲେ ଯେ, ଓଡିଶାରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୧୬୨ ଜଣ ବ୍ୟକ୍ତି ହିଂସାର ଶିକାର ହେଉଥିବା ବେଳେ ବିହାର ଭଳି ରାଜ୍ୟରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ମାତ୍ର ୮୩ ଜଣ ଲୋକ ହିଂସାର ଶିକାର ହେଉଛନ୍ତି । ୨୦୨୩ ମସିହାରେ ଅପରାଧିକ ସଂଖ୍ୟା ରାଜ୍ୟରେ ୩୧ ହଜାର ୭୪୯ ଥିବାବେଳେ ତାହା ଦୁଇଗୁଣାରୁ ଅଧିକ ହୋଇ ୨୦୨୪ ମସିହାରେ ୭୫ ହଜାର ୪୦୩ରେ ପହଞ୍ଚିଛି । ନିଜେ ମୋହନ ମାଝୀ ସରକାର ଶ୍ୱେତପତ୍ର ଜରିଆରେ ସ୍ୱୀକାର କରିଛନ୍ତି ଯେ, ଓଡ଼ିଶାରେ ହିଂସା ଓ ଅପରାଧର ସଂଖ୍ୟା ପୂର୍ବ ବର୍ଷ ତୁଳନାରେ ୭.୩ ପ୍ରତିଶତ ବଢ଼ିଛି ।

## ଭଗବାନ ବିର୍ସା ମୁଣ୍ଡା ଯୁବପିଢ଼ିଙ୍କ ପାଇଁ ଗର୍ବ ଓ ପ୍ରେରଣାର ଉତ୍ସ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯/୬(ନିପ୍ର): ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଜନଜାତି ଜନନାୟକ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ପୁଣ୍ୟ ବଳିଦାନ ଦିବସରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି । ତାଙ୍କର ମହାନ ଆଦର୍ଶ କେବଳ ଜନଜାତି ସମ୍ପ୍ରଦାୟ ପାଇଁ ନୁହେଁ, ବରଂ ସମଗ୍ର ଦେଶର ଯୁବପିଢ଼ିଙ୍କ ପାଇଁ ଗର୍ବ ଓ ପ୍ରେରଣାର ଉତ୍ସ । ସ୍ୱାଧୀନତା, ନ୍ୟାୟ, ନିଜର ପରିଚୟ ଏବଂ ମର୍ଯ୍ୟାଦା ରକ୍ଷା ପାଇଁ ସେ କରିଥିବା ସଂଗ୍ରାମ ଆମ ସମସ୍ତଙ୍କ ପାଇଁ ବଳିଷ୍ଠ ଦିଗ୍ ଦର୍ଶନ ।

## କଳାକନା ବୁଲାଇଲେ ଦୁର୍ବୃତ୍ତ

ପିପିଲି, ୯/୬(ନିପ୍ର): ଗଡ଼ ପଦନପୁର ଗ୍ରାମରେ ଗତ ୮ ତାରିଖ ରାତିପ୍ରାୟ ୨ଟା ସମୟରେ ଦୁର୍ବୃତ୍ତମାନେ ବିକାଶ କୁମାର ମହାରଣାଙ୍କ ଜେଜେ ମୂଳି ମହାରଣା ଯେଉଁ ଘରେ ଶୋଇଥିଲେ ସେହି ଘରୁ ତାଙ୍କ ଜେଜେ ମାଙ୍କ ସୁନା କଣ୍ଠିମାଳ, ପେଣ୍ଡିଫୁଲ, ମୁଦି, ରୁପା ଅଳଙ୍କାର ସମେତ ପ୍ରାୟ ୮ରୁ ୯ ହଜାର ଟଙ୍କା ଲୁଟ୍ କରି ନେଇଥିବା ସଂପର୍କରେ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି । ଥାନା ଆଇଆଇସି ସସ୍ମିତା ସାହୁ ଘଟଣାର ତଦନ୍ତ ଚଳାଇଥିବା ପ୍ରକାଶ ।

### ନମୋ ଭାରତ ଏକ ନୂତନ ରେକର୍ଡ ସ୍ଥାପନ

## ଗୋଟିଏ ଦିନରେ ୧.୨୫ ଲକ୍ଷରୁ ଅଧିକ ଯାତ୍ରୀଙ୍କ ଯାତ୍ରା



ନୂଆଦିଲ୍ଲୀ, ୯/୬(ପିଆଇବି): ଦିଲ୍ଲୀ-ଗାଜିଆବାଦ-ମିରଟ ନମୋ ଭାରତ କରିଡର ଯାତ୍ରୀ ପରିବହନ ପାଇଁ ଏକ ନୂତନ ରେକର୍ଡ ସ୍ଥାପନ କରିଛି, ଜୁନ୍ ୮ ରେ ଗୋଟିଏ ଦିନରେ ପ୍ରାୟ ୧.୨୫ ଲକ୍ଷ ଯାତ୍ରୀଙ୍କୁ ପରିବହନ କରିଛି । ଜାତୀୟ ରାଜଧାନୀ କ୍ଷେତ୍ର ପରିବହନ ନିଗମ ମଙ୍ଗଳବାର ଏହା ଘୋଷଣା କରିଛି । ଏନସିଆରଟିସି ଅନୁଯାୟୀ, ସୋମବାର ପ୍ରାୟ ୧୨୫,୫୦୦ ଯାତ୍ରୀ କରିଡରରେ ଯାତ୍ରା କରିଛନ୍ତି, ଯାହା ଏପର୍ଯ୍ୟନ୍ତ ସର୍ବାଧିକ ଦୈନିକ ଯାତ୍ରୀ ସଂଖ୍ୟା । ଏନସିଆରଟିସି କହିଛି ଯେ ଏହି ସଫଳତା ଜାତୀୟ ରାଜଧାନୀ କ୍ଷେତ୍ରରେ ଯାତ୍ରା ଅଭ୍ୟାସରେ ପରିବର୍ତ୍ତନକୁ ପ୍ରତିଫଳିତ କରେ, ଯେଉଁଠାରେ ବହୁ ସଂଖ୍ୟକ ଯାତ୍ରୀ ନମୋ ଭାରତକୁ ଏକ ଦ୍ରୁତ, ନିର୍ଭରଯୋଗ୍ୟ ଏବଂ ସମୟାନୁବର୍ତ୍ତୀ ସାର୍ବଜନୀନ ପରିବହନ ଭାବରେ ପସନ୍ଦ କରୁଛନ୍ତି । ଏନସିଆରଟିସି କହିଛି ଯେ ବର୍ତ୍ତମାନ, ହାରାହାରି ପ୍ରାୟ ୧୦୦,୦୦୦ ଯାତ୍ରୀ ପ୍ରତିଦିନ ନମୋ ଭାରତ ସେବା ବ୍ୟବହାର କରୁଛନ୍ତି । ଯାତ୍ରା ସମୟରେ ଉଲ୍ଲେଖନୀୟ ହ୍ରାସ ଏହି ବର୍ଦ୍ଧିତ ବ୍ୟବହାରର ଏକ ପ୍ରମୁଖ କାରଣ । ଅଫିସ କର୍ମଚାରୀ, ଛାତ୍ର ଏବଂ ଅନ୍ୟାନ୍ୟ ନିୟମିତ ଯାତ୍ରୀ ଯେଉଁମାନେ ସମୟାନୁବର୍ତ୍ତୀତା ଏବଂ ନିର୍ଭରଯୋଗ୍ୟତାକୁ ପ୍ରାଥମିକତା ଦିଅନ୍ତି ସେମାନେ ଏହି ସେବାକୁ ଅଧିକ ମାତ୍ରାରେ ଗ୍ରହଣ କରୁଛନ୍ତି । ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି, ଏନସିଆରଟିସି ସମ୍ପ୍ରତି ଦିଲ୍ଲୀ-ଗାଜିଆବାଦ-ମିରଟ କରିଡରରେ ଭିଡ଼ ସମୟରେ ୧୮ଟି ଅତିରିକ୍ତ ନମୋ ଭାରତ ଟ୍ରେନ୍ ଯାତ୍ରା ଆରମ୍ଭ କରିଛି । ଏନସିଆରଟିସି କହିଛି ଯେ ଏହି ଅତିରିକ୍ତ ସେବାଗୁଡ଼ିକ ଯାତ୍ରୀମାନଙ୍କୁ ଅଧିକ ସୁବିଧା ପ୍ରଦାନ କରିବ ଏବଂ ବର୍ଦ୍ଧିତ ଯାତ୍ରୀ ଯାତାୟାତକୁ ଭଲ ଭାବରେ ପରିଚାଳନା କରିବାରେ ସାହାଯ୍ୟ କରିବ ।

## ୧୨ଶହ ଟଙ୍କାର ଟିକସ ଦେବେ ପଞ୍ଚାୟତବାସୀ !

ଭୁବନେଶ୍ୱର,୯ ।୬: ପଞ୍ଚାୟତର ବିକାଶ ପାଇଁ ଷୋଡ଼ଷ ଅର୍ଥ କମିଶନଙ୍କ ସୁପାରିଶ । ଫଳରେ ବଦଳିବ ଗ୍ରାମୀଣ ଓଡ଼ିଶାର ଚିତ୍ର । ନିଜ ଅଞ୍ଚଳର ବିକାଶ ପାଣ୍ଠି ନିଜେ ଆଦାୟ କରିବାକୁ ରାଜ୍ୟକୁ ପରାମର୍ଶ ଦେଇଛନ୍ତି ଅର୍ଥ କମିଶନ । ପୌରାଞ୍ଚଳ ଓ ମହାନିଗର ନିଗମ ଢାଞ୍ଚା ଅନୁସାରେ ପଞ୍ଚାୟତରେ ବି ଘର ଓ ସମ୍ପତ୍ତି ଟିକସ ଆଦାୟ କରିବାକୁ ଦିଆଯାଇଛି ପରାମର୍ଶ । ଏନେଇ ଷୋଡ଼ଷ ଅର୍ଥ କମିଶନଙ୍କ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଥିବା ଏକ ସୂତ୍ରରୁ ପ୍ରକାଶ । ପଞ୍ଚାୟତରେ ରହୁଥିବା ଲୋକଙ୍କୁ ଏବେ ଗଣିବାକୁ ପଡ଼ିବ ଟିକସ । ପୌରାଞ୍ଚଳ ଓ ମହାନିଗର ନିଗମ ଢାଞ୍ଚା ଅନୁସାରେ ଗ୍ରାମାଞ୍ଚଳରେ ବି ଘର ଓ ସମ୍ପତ୍ତି ଟିକସ ଆଦାୟ କରିବାକୁ ପରାମର୍ଶ ଦେଇଛନ୍ତି ଷୋଡ଼ଶ ଅର୍ଥ କମିଶନ୍ (ସିଏଫସି) । ବର୍ଷକୁ ପ୍ରାୟ ୧୨ଶହ ଟଙ୍କାର ଟିକସ ଦେବେ ପଞ୍ଚାୟତବାସୀ । ସିଏଫ୍‌ସିର ଗାଇଡଲାଇନ୍ ଅନୁସାରେ, ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବାକୁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶ ଦେଇଛି । ୨୦୨୮-୨୯ରୁ ପ୍ରତି ପଞ୍ଚାୟତକୁ ଏକ ପରଫରମାନ୍ସ ଗ୍ରାଣ୍ଟ ବା ଅନୁଦାନ ମିଳିବ । ପ୍ରତି ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ କେନ୍ଦ୍ର ସରକାର ଯେତିକି ପାଣ୍ଠି ଦେବେ, ତାର ଅତିରିକ୍ତ ୧୦ପ୍ରତିଶତ ପ୍ରଦର୍ଶନ ପାଣ୍ଠି ବାବଦରେ ମିଳିବ ।

# ମନ୍ତ୍ରୀଙ୍କ ଦକ୍ଷତା ପ୍ରଦର୍ଶନ ପାଇଁ ବଳି ପଡ଼ିଲେ କି ଚାଷୀ



ସମ୍ବଲପୁର, ୯/୬(ନିପ୍ର): ମୌସୁମୀ କଡ଼ ଲେଉଟିଲାଣି, କେତେ ବେଳେ କୁଆ ପଥର ସହ ବଡ଼ବଡ଼ ଟୋପା ତ କେତେବେଳେ ଲଗାଣ ବର୍ଷା । ତୁହାକୁ ତୁହା ପବନରେ କେଉଁଠି ବଡ଼ବଡ଼ ଗଛ ଗଛ ଭାଙ୍ଗି ରାସ୍ତା ଅବରୋଧ କଲାଣି ତ କେଉଁଠି ଗରିବ ଗୁରୁବାଙ୍କ ଚାଳ ଝୁପୁଡି ଘରକୁ ଭାଙ୍ଗି ଧୂଳିସାତ୍ କଲାଣି । ହେଲେ ଏବେ ବି ଅବଶୋଷ, ସରକାର ରଖିଲେନି ତାଙ୍କ କଥା । ଏହା କୌଣସି ସହରାଂଚଳର ବା ଚାହା ଖଟିର ସ୍ୱର ନୁହେଁ, ବଳକା ଧାନ ବିକି ନପାରି ହତାଶ ଚାଷୀଙ୍କ ବିକଳ ସ୍ୱର । ସରକାର ମଣ୍ଡି ଖୋଲିଲେ, ଟୋକନ ବାଣ୍ଟିଲେ, ବୈଧ ଅବୈଧ ଚିହ୍ନଟ କଲେ, ହେଲେ ଚାଷୀମାନେ ଏବେ ବି ନିଜ ବଳକା ଧାନ ବିକି ନପାରି ହତାଶ ହୋଇ ଭଗବାନଙ୍କ ଶରଣାଗତରେ ରହିଛନ୍ତି । ପଡୋଶୀ ରାଜ୍ୟର ବହୁ ବଡ଼ବଡ଼ ମିଲର ଶସ୍ତା ଠୁଁ ଶସ୍ତା ଏପରିକି ମାଗଣାରେ ନେବା ମାନସିକତା ରଖି ଛଞ୍ଚାଣ ସଦୃଶ୍ୟ ଚାହିଁ ରହିଥିବା ବେଳେ ସରକାରଙ୍କ ସବୁ କଟକଣାକୁ ମାନି ନେଇଥିବା ଚାଷୀ ଏବେ ତାର ନ୍ୟାୟ ପ୍ରାପ୍ୟ ଗଣ୍ଡାକ ଧାନ ବିକି ପାଇବାପାଇଁ ବାର ଶୁଣ୍ଡିପିଣ୍ଡା ହେବା ଘଟଣା ସମଗ୍ର ସମ୍ବଲପୁର ଜିଲ୍ଲାର ଚାଷୀଙ୍କ ମୁଖ୍ୟ ସମସ୍ୟାରେ ପରିଣତ ହୋଇଛି । ସମ୍ବଲପୁର ଜିଲ୍ଲାରେ ଚଳିତ ବର୍ଷ କେତେ ଧାନ ଅମଳ ହୋଇଥିଲା ଓ ମଣ୍ଡି ମାର୍ଫତରେ କେତେ ବିକ୍ରି ହୋଇଥିଲା ତାହାର ହିସାବ କରି ବଳକା ଧାନର ବିକ୍ରି ପାଇଁ ସମ୍ବଲପୁର ଜିଲ୍ଲା ପ୍ରଶାସନ କି ପ୍ରକାରର ଆଭିମୁଖ୍ୟ ଗ୍ରହଣ କରିଛି ତାହା ଚାଷୀ ସମାଜକୁ ସ୍ପଷ୍ଟ କରିବା ଆବଶ୍ୟକ । ବଳକା ଧାନ ବିକ୍ରୀ କରିବା ଚିନ୍ତାରେ ଅବଶ୍ୟ ଅଦ୍ୟାବଧି କେହି ଅଭାବି ଚାଷୀ ଆତ୍ମହତ୍ୟା କରିନାହିଁ, ମାତ୍ର ଅବସ୍ଥାର ଗତି ଯୁଆଡ଼େ ଯାଉଛି ତାହା ଆଗାମୀ ଦିନରେ କି ପ୍ରକାରର ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ ତାହା ପଶ୍ଚିମ ଓଡ଼ିଶାର ସମସ୍ତ ନିର୍ବାଚିତ ନେତା ଓ ମନ୍ତ୍ରୀ ଏବେଠାରୁ ଆକଳନ କରିବା ସହ ଉଚିତ୍ ପଦକ୍ଷେପ ନେବା ଜରୁରୀ ହୋଇପଡିଛି । ଲଗାଣ ବର୍ଷାରେ କାହାର ଦୁଇ କୁଇଣ୍ଟାଲ ତ କାହାର ଚାରି ଭରଣ ଧାନ ଓଦା ହୋଇ ନଷ୍ଟ ହେଲାଣି । ମାତ୍ର ନବନିର୍ବାଚିତ ନେତାମାନେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଶାସନ କଳର ସ୍ୱାଦ ଚାଖିବାରେ ଏତେ ବ୍ୟସ୍ତ ଯେ ଚାଷୀଙ୍କ ଚିତ୍କାର ଶୁଣିବା ଅସମ୍ଭବ ହୋଇପଡ଼ିଛି । ଜିଲ୍ଲା ଯୋଗାଣ ବିଭାଗ ଓ ଆରଏମସି ଦୁର୍ବଳ ପ୍ରକ୍ରିୟାକରଣ ସମ୍ଭବତଃ ବିଭାଗୀୟ ମନ୍ତ୍ରୀଙ୍କ ସମ୍ମାନ ରକ୍ଷା କରିବାରେ ବ୍ୟସ୍ତ ଥିବା ଯୋଗୁଁ ସମ୍ବଲପୁର ଜିଲ୍ଲାର ଚାଷୀ ଏବେ ଲୁହ ନକାନ୍ଦି ରକ୍ତ କାନ୍ଦିବାକୁ ବାଧ୍ୟ ହେଉଛନ୍ତି ବୋଲି କୁହାଯାଇଛି ।

## ଓପିଏସସି ପଦବୀରେ ଅଦଳବଦଳ

**ଭୁବନେଶ୍ୱର, ୯/୬(ନିପ୍ର):** ଓଡ଼ିଶା ସରକାର ଓପିଏସସି ପଦବୀରେ ଅଦଳବଦଳ କରିଛନ୍ତି । ମଙ୍ଗଳବାର ଓଡ଼ିଶା ସରକାର ଓଡ଼ିଶା ଲୋକସେବା ଆୟୋଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅଦଳବଦଳ କରିଛନ୍ତି । ଯେଉଁଥିରେ ଦୁଇଜଣ ବରିଷ୍ଠ ଓଏଏସ ଅଧିକାରୀଙ୍କୁ ନୂତନ ପଦବୀ ମିଳିଛି । ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ନିମ୍ନଲିଖିତ ବଦଳି ଆଦେଶ ଦିଆଯାଇଛି । କଟକର ଓପିଏସସିର ଅତିରିକ୍ତ ସଚିବ ସତ୍ୟବ୍ରତ ରାୟ, ଓଏଏସ (ଏସଏସ),ଙ୍କୁ ଓଡ଼ିଶା ଲୋକସେବା ଆୟୋଗର ସଚିବ ଭାବରେ ବଦଳି କରାଯାଇଛି । କଟକର ଓପିଏସସିର ସହକାରୀ ପରୀକ୍ଷା ନିୟନ୍ତ୍ରକ ସଞ୍ଜିବୀତା ରାୟ, ଓଏଏସ (ଏସଏଜି), କଟକର ଓପିଏସସିର ଅତିରିକ୍ତ ସଚିବ-ସହ-ପରୀକ୍ଷା ନିୟନ୍ତ୍ରକ ଭାବରେ ବଦଳି କରାଯାଇଛି ।

**AFFIDAVIT**

By Virtue of an affidavit Executive Magistrate, Tangi, Dist-Khordha. Affidavit No.919 Dtd.03.06.2026 . I am Sikhar Mahatw , S/o- Laxmidhar Mahatw, At- Chhakadipur,Po-Biribadi, Ps-Tangi, Dist-Khordha. That my title has been wrongly typed in my D.L Bearing No-ORO720100255477 as Sikhar Mahapatro, S/o- Laxmidhar Mahapatro instead of Sikhar Mahatw, S/o-Laxmidhar Mahatw. This affidavit is to be produced by the RTO,Chhatrapur, Ganjam to make correction of the said mistake as Sikhar Mahapatro, S/o- Laxmidhar Mahapatro instead Sikhar Mahatw, S/o- Laxmidhar Mahatw.

**Sd/-Sikhar Mahatw**

**AFFIDAVIT**

By virtue of an affidavit sworn before The Notary Public, Bhubaneswar affidavit no.245 dt.06.06.2026, I Debjani Roy W/o-Swarup Ranjan Roy, Ramchandrapur Bazar, Po/Ps-Jatni, Dist-Khurda, Odisha do hereby declare that I have changed my name from Debajani Roy to Debjani Roy. Henceforth I will be known as Debjani Roy W/o-Swarup Ranjan Ray for all purposes.

**Sd/-Debjani Roy**

**AFFIDAVIT**

By virtue of an affidavit sworn before Notary Public, Berhampur dtd.03.06.2026, I P. Mahalaxmi W/o-P. Simadri, At-Mandiapalli, Bhanjavihar, Rangeilunda, Ps-Gopalpur, Dist-Ganjam, Odisha-760007 do hereby declare that I have changed my name from P. Bharati to P. Mahalaxmi. Henceforth I shall be known as P. Mahalaxmi for all purposes.

**Sd/-P Bharati**

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, affidavit no.8 dtd.03.06.2026, I Ankush Sehgal S/o-Rajeev Sehgal House No.-GA-161, Near Utkal Hospital, Neeladri Vihar, Chandrasekharpur, Bhubaneswar-751021 do hereby declare that I have changed my name from Ansh Sehgal to Ankush Sehgal. Henceforth I shall be known as Ankush Sehgal for all purposes.

**Sd/-Ankush Sehgal**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ